R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୪୩
ତିଥି : ତୃତୀୟା
୧୬ ନଭେମ୍ବର ୨୦୨୩, ଗୁରୁବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 43
16 Nov 2023, Thursday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore





## ଇତିହାସ

୧୮୨୧- ମେକ୍ସିକୋକୁ ସ୍ୱତନ୍ତ୍ରତା ମିଳିଲା ।
୧୯୧୪- ଆମେରିକାରେ ଫେଡେରାଲ୍ ରିଜର୍ଭ ବ୍ୟବସ୍ଥାର ଔପଚାରିକ ରୂପେ ଶୁଭାରମ୍ଭ କରାଗଲା ।
୧୯୩୮- ଆଲବର୍ଟ ହୋଫ୍‌ମ୍ୟାନ୍‌ଙ୍କ ଆବିଷ୍କାର ଲାଇସର୍ଜିକ୍ ଏସିଡ୍ ଡାଇଥାଲାମାଇଡ୍ ଡ୍ରଗ୍ ଆଜିର ଦିନରେ ଅସ୍ତିତ୍ୱକୁ ଆସିଲା ।
୧୯୦୮- ଜେନେରାଲ୍ ମୋଟର୍ସ ନିଗମର ସ୍ଥାପନା କରାଗଲା ।
୧୯୬୫- ୱାଲ୍ଟ ଡିଜ୍‌ନୀ ୱାର୍ଲ୍ଡ ସମ୍ବନ୍ଧରେ ପ୍ରଥମ ଥର ପାଇଁ ସାର୍ବଜନୀନ ଘୋଷଣା କରାଗଲା ।
୧୯୭୫- ଅଷ୍ଟ୍ରେଲିଆ ଠାରୁ ପପୁଆ ନ୍ୟୁ ଗିନି ସ୍ୱତନ୍ତ୍ରତା ହାସଲ କଲା ।
୧୯୯୫- ଭାରତୀୟ ମୂଳର ବାସୁଦେବ ପାଣ୍ଡେ ତ୍ରିନିଦାଦ ଏବଂ ଟୋବେଗୋର ପ୍ରଧାନମନ୍ତ୍ରୀ ହେଲେ ।
୨୦୧୩- ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କୁ ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତରତ୍ନ ପ୍ରଦାନ କରିବା ଲାଗି ଅଧିକାରିକ ରୂପେ ଘୋଷଣା କରାଗଲା । ସବୁଠୁ କମ୍ ବୟସରେ ଏହି ସମ୍ମାନ ନେବାରେ ସଚିନ ହେଉଛନ୍ତି ପ୍ରଥମ ।

## ସୋସିଆଲ କୋଟ୍ସ



ମୁଁ 'ଜୁଡୱା' ଫିଲ୍ମରେ କାମ କରୁଥିବାବେଳେ ସଲମାନ ମୋତେ ଫୋନ କରି ସେହି ପ୍ରୋଜେକ୍ଟରୁ ଓହରିବା ପାଇଁ ନିବେଦନ କରିଥିଲେ । ମୁଁ ମଧ୍ୟ ସେଥିରୁ ଓହରି ଯାଇଥିଲି ଏବଂ ଏହାପରେ ସଲମାନ ଏହାର ଅଂଶ ହୋଇଥିଲେ ।

**ଗୋବିନ୍ଦା, ଅଭିନେତା**



ମୋ ସଫଳତା ଉପରେ ଲୋକଙ୍କର ସନ୍ଦେହ ଥିଲା । ମୁଁ କେବେ ବି ମୋ ଇନସିକ୍ୟୁରିଟିକୁ ଜାହିର କରେ ନାହିଁ । ନା ମୁଁ କେବେ କାହା ସହ ସାଙ୍ଗ ହୁଏ ନା ଶତ୍ରୁ ।

**ରିଚା ଚଡା, ଅଭିନେତ୍ରୀ**



ମୁଁ ବହୁତ ପାଖରୁ ଦାରିଦ୍ରତାକୁ ଦେଖିଛି । ସେତେବେଳେ ଅନେକ ପରିଶ୍ରମ ମଧ୍ୟ କରିଛି । ମୋ ଉପରେ ଘର ଚଳାଇବାର ଦାୟିତ୍ୱ ଥିଲା । ସନ୍ତାନ ଜନ୍ମ ହେବାର ସଙ୍ଗେ ସଙ୍ଗେ ସୁଟିଂ ସେଟ୍‌କୁ ଫେରିଛି ।

**ସ୍ମୃତି ଇରାନି, କେନ୍ଦ୍ରମନ୍ତ୍ରୀ**

# ଚତୁର୍ଥ ସ୍ତମ୍ଭର ସ୍ୱାଧୀନତା



ଗଣତନ୍ତ୍ର ସେତେବେଳେ ଅଧିକ କ୍ରିୟାଶୀଳ ହୋଇଥାଏ ଯେତେବେଳେ ସ୍ୱାଧୀନ ଭାବରେ ଗଣମାଧ୍ୟମ ପ୍ରତିନିଧିମାନେ କାର୍ଯ୍ୟ କରିବାର ସୁଯୋଗ ପାଇଥାଆନ୍ତି । ଗଣମାଧ୍ୟମର କଣ୍ଠରୋଧ କରାଗଲେ ଗଣତନ୍ତ୍ର ବିପନ୍ନ ହୋଇଥାଏ । ମୁକ୍ତ ଓ ସ୍ୱାଧୀନ ଗଣମାଧ୍ୟମ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ । ସାଧାରଣ ଲୋକ ସରକାରଙ୍କ ଶାସନ ସଂପର୍କରେ ଯେତେବେଳେ ନିଜର ମତାମତ, ଯୁକ୍ତି ଉପସ୍ଥାପନ କରେ ସେତେବେଳେ ଗଣମାଧ୍ୟମକୁ ହିଁ ଭରସା କରିଥାଏ । ପ୍ରେସ ମାଧ୍ୟମରେ ସରକାରଙ୍କ ନିକଟକୁ ଜନସାଧାରଣଙ୍କ ଇଚ୍ଛା, ଆଗ୍ରହ, ପ୍ରତିରୋଧ, ଆସ୍ଥା ଓ ବିଶ୍ୱାସ ଦୃଷ୍ଟିଗୋଚର ହୋଇଥାଏ ।

ପ୍ରତିବର୍ଷ ୧୬ ନଭେମ୍ବରରେ ଜାତୀୟ ପ୍ରେସ୍ ଦିବସ ପାଳନ କରାଯାଏ । ସ୍ୱାଧୀନ ଓ ନିରପେକ୍ଷ ପ୍ରେସ୍‌ର ଆବଶ୍ୟକତାକୁ ଅନୁଭବ କରି ୧୯୫୪ ମସିହା ନଭେମ୍ବର ମାସରେ ପ୍ରଥମ କରି ପ୍ରେସ୍ କମିସନ ବସିଥିଲା । ଏହି କମିଶନ ଏକ କମିଟି ମଧ୍ୟ ଗଠନ କରିଥିଲା, ଯେଉଁ କମିଟି ଗଣମାଧ୍ୟମର ଗୁରୁତ୍ୱ ଓ ନୈତିକତା ସଂପର୍କରେ ଆଲୋଚନା କରିଥିଲେ । ଏହି କମିଟିର ସୁପାରିଶ ଅନୁସାରେ ଭାରତୀୟ ପ୍ରେସ କାଉନସିଲ ଆକ୍ଟ ୧୯୬୫ କାର୍ଯ୍ୟକାରୀ କରିବା ପାଇଁ ସୁପାରିଶ କରାଗଲା । ଜୁଲାଇ ୪ ତାରିଖ ୧୯୬୬ ମସିହାରେ ପ୍ରେସ କମିଶନ ଅଫ ଇଣ୍ଡିଆ ଗଠନ କରାଗଲା । ଯାହାର ପୁରୋଧା ଥିଲେ ନ୍ୟାୟମୂର୍ତ୍ତୀ ଜେ.ଆର. ମୁଦଲକର । ଏହି କମିଶନ ୧୬ ନଭେମ୍ବର ୧୯୬୬ ମସିହାରେ କାର୍ଯ୍ୟ ଆରମ୍ଭ କରିଥିଲା । ସେହିବର୍ଷ ଠାରୁ ପ୍ରତିବର୍ଷ ନଭେମ୍ବର ୧୬ ତାରିଖକୁ ଜାତୀୟ ପ୍ରେସ ଦିବସ ଭାବରେ ପାଳନ କରାଯାଉଅଛି । ପିସିଆଇ ଏକ ସ୍ୱାଧୀନ ଓ ନିରପେକ୍ଷ ସଂସ୍ଥା । ଏହି ସଂସ୍ଥା ପ୍ରେସ ସ୍ୱାଧୀନତା, ଜନସାଧାରଣ ଆଗ୍ରହ, ଇଚ୍ଛା ଓ ଅଭିଯୋଗକୁ ସମ୍ମାନ ପ୍ରଦର୍ଶନ, ଉଚ୍ଚମାନର ସମ୍ବାଦ ପରିବେଷଣ ଓ ପ୍ରେସ୍‌ର ଅପବ୍ୟବହାର ଯେମିତି ହେବ ନାହିଁ ସେଥିପାଇଁ କାର୍ଯ୍ୟ କରିଆସୁଅଛି ।

**ମୋହନ ଚରଣ ବିଷି**
**ମୋ-୯୭୭୭୪୬୮୮୪୧**

# ଲାବ୍ ଗ୍ରୋନ୍ ଅଏଲ୍

ପାଖାପାଖି ୩ରୁ୪ ବର୍ଷ ହେଲା ଲାବ ଗ୍ରୋନ୍ ମିଟ୍ ବା ଲାବ୍‌ରେ ପ୍ରସ୍ତୁତ ହେଉଥିବା ମାଂସ ବଜାରରେ ମିଳୁଛି । ତେବେ ବର୍ତ୍ତମାନ ଲାବ୍‌ରେ ପ୍ରସ୍ତୁତ ତେଲ ମଧ୍ୟ ବଜାର କୁ ଆସିବାକୁ ଯାଉଛି । ଯାହାଫଳରେ ପରିବେଶର ଅନେକ କିଛି ଲାଭ ଯେପରି ହଜାର ହଜାର ଲିଟର ପାଣିର ସଞ୍ଚୟ, ପେଷ୍ଟିସାଇଡ୍ କାରଣରୁ ହେଉଥିବା ପ୍ରଦୂଷଣ ଆଦିରୁ ରକ୍ଷା ମିଳିବ । କାଲିଫର୍ଣ୍ଣିଆର କିଛି ଗବେଷକ କେମିକାଲ ଓ ବାୟୋଲୋଜିକାଲ ପ୍ରକ୍ରିୟାର ସହାୟତାରେ ଏହି ତେଲକୁ ପ୍ରସ୍ତୁତ କରିବେ । ଏହି ପ୍ରକ୍ରିୟା ପାଇଁ ବ୍ୟବହୃତ କଞ୍ଚାମାଲ ଉଦ୍ଭିଦମାନେ ତେଲ ପ୍ରସ୍ତୁତ ପାଇଁ ବ୍ୟବହାର କରୁଥିବା କଞ୍ଚାମାଲ ସହ ସମାନ । ପାଣିରେ ଥିବା ହାଇଡ୍ରୋଜେନ୍ ଓ ବାୟୁରେ ଥିବା କାର୍ବୋନଡାଇଅକ୍ସାଇଡ୍‌କୁ ବ୍ୟବହାର କରି ଏହାକୁ ପ୍ରସ୍ତୁତ କରାଯାଇଥାଏ । ବୈଜ୍ଞାନିକଙ୍କ ମତରେ ଉଦ୍ଭିଦଜାତ ଫ୍ୟାଟ୍‌ରେ ପ୍ରତି ହଜାରେ କ୍ୟାଲୋରୀରେ ୧ରୁ୩ ଗ୍ରାମ ପର୍ଯ୍ୟନ୍ତ କାର୍ବୋନ ଏମିସନ୍ ରହିଥାଏ । ହେଲେ ଏହି ଲାବ୍‌ରେ ତିଆରି ତେଲରେ ୧ ଗ୍ରାମରୁ ବି କମ କାର୍ବୋନ୍ ଏମିସନ୍ ହୋଇଥାଏ । ଏହା ବଜାରରେ ମିଳୁଥିବା ତେଲ ଅପେକ୍ଷା ଅଧିକ ସ୍ୱାସ୍ଥ୍ୟକର ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।



# ଦୁଇଜଣଙ୍କ ଗାଁ



ସୋସିଆଲ୍ ମିଡିଆରେ ଏକ ଦମ୍ପତି ବର୍ତ୍ତମାନ ବେଶ୍ ଚର୍ଚ୍ଚାରେ ରହିଛନ୍ତି । ଏହି ଦମ୍ପତି ନିଜ ଭିଟାମାଟିକୁ ଛାଡ଼ି ଅନ୍ୟତ୍ର ଯିବା ପାଇଁ ଆଦୌ ରାଜି ହେଉନାହାନ୍ତି, ଯାହାଫଳରେ ଏତେବଡ଼ ଗାଁରେ ଏହି ଦୁଇଜଣ ଏକାକୀ ରହୁଛନ୍ତି । ରୁଷ୍‌ରେ ରହୁଥିବା ଏହି ଦମ୍ପତି ତାଙ୍କ ଗାଁରେ ଏକୁଟିଆ ରହୁଛନ୍ତି । ଅନ୍ୟ ସମସ୍ତ ଲୋକ ଗାଁ ଛାଡ଼ି ଅନ୍ୟତ୍ର ପଳାଇଥିବାବେଳେ ଏହି ସ୍ୱାମୀ-ସ୍ତ୍ରୀ ଦୁଇଜଣ ନିଜର ଭିଟାମାଟି ଛାଡ଼ିବାକୁ ନାରାଜ । କିଛି ପଶୁପକ୍ଷୀଙ୍କୁ ଛାଡ଼ିଦେଲେ ଏମାନଙ୍କ ବ୍ୟତୀତ ଏହି ଗାଁରେ ଅନ୍ୟ କେହି ରହୁନାହାନ୍ତି । ତେବେ ଏହି ଦମ୍ପତିଙ୍କ ସହିତ ସାକ୍ଷାତ କରିବା ଲାଗି ବହୁ ଲୋକ ଆସନ୍ତି ଏବଂ ଉଭୟଙ୍କୁ ବାହାରକୁ ନେବା ପାଇଁ କୁହନ୍ତି, ତଥାପି ସେମାନେ ରାଜି ହୁଅନ୍ତି ନାହିଁ । ଏହି ଦମ୍ପତିଙ୍କ ବ୍ୟତୀତ ଗାଁରେ ଗାଈ, ବିଲେଇ, କୁକୁର, ମେଣ୍ଢା, କୁକୁଡା ଆଦି ପଶୁ ରୁହନ୍ତି ।

# ହଜାରେ ଅକ୍ଷରର ନାଁ

Rhoshandiatellyneshiaunneveshenkescianneshaimondrischlyndasaccarna erenquellenendrasamecashaunettethalemeicoleshiwhalhinive'onchellecau ndenesheaalausondrilynnejeanetrimyranaekuesaundrilynnezekeriakenvau netradevonneyavondalatarneskcaevontaepreonkeinesceellaviavelzadawn efriendsettajessicannelesciajoyvaelloydietteyvettesparklenesceaundrieaqu enttaekatilyaevea'shauwneoraliaevaekizzieshiyjuanewandalecciannereneithe liapreciousnesceverroneccaloveliatyronevekacarrionnehenriettaescecleonpa trarutheliacharsalynnmeokcamonaeloiesalynnecsiannemerciadellesciaustillap arissalondonveshadenequamonecaalexetiozetiaquaniaenglaundneshiafrance thosharomeshaunnehawaineakowethauandavernellchishankcarlinaaddoneill esciachristondrafawndrealaotrelleoctavionnemiariasarahtashabnequckagail enaxeteshiataharadaponsadeloriakoentescacraigneckadellanierstellavonnem yiatangoneshiadianacorvettinagodtawndrashirlenescekilokoneyasharrontann amyantoniaaquinettesequioadaurilessiaquatandamerceddiamaebellecescaja mesauwnneltomecapolotyoajohny etheodoradilcyana.



ଶୀର୍ଷକ ପଢି ଆଶ୍ଚର୍ଯ୍ୟ ଲାଗୁଥିବ । ହେଲେ ଏହା ସମ୍ପୂର୍ଣ୍ଣ ରୂପେ ସତ । ଏମିତି ଜଣେ ଯୁବତୀ ଅଛନ୍ତି, ଯାହାଙ୍କ ନାଁରେ ୧ ହଜାର ଅକ୍ଷରର ବ୍ୟବହାର କରାଯାଇଛି । ଯାହାଫଳରେ ବିଶ୍ୱର ସବୁଠୁ ଲମ୍ବା ନାମ ପାଇଁ ତାଙ୍କୁ ଗିନିଜ୍ ବିଶ୍ୱ ରେକର୍ଡରେ ସାମିଲ କରାଯାଇଛି । ଜଣେ ବ୍ୟକ୍ତି ପାଇଁ ତାଙ୍କ ନାଁ ସବୁଠୁ ଅଧିକ ଗୁରୁତ୍ୱ ବହନ କରିଥାଏ । ନାଁ'ଟି ଯେତେ ଅସୁନ୍ଦର ହୋଇଥିଲେ ବି ତାହା ତାଙ୍କର ପରିଚୟ ହୋଇଥାଏ । ହେଲେ ଏହି ଆମେରିକୀୟ ଯୁବତୀଙ୍କର ନାଁ ଶୁଣିଲେ ଯେକେହି ବି ଆଶ୍ଚର୍ଯ୍ୟ ହୋଇଯିବେ । ଟେକ୍ସସ୍‌ରେ ରହୁଥିବା ସାଣ୍ଡ୍ରା ୱିଲିୟମ୍ସ ନାମ୍ନୀ ଜଣେ ମହିଳା ୧୯୮୪ ମସିହା ସେପ୍ଟେମ୍ବର ୧୨ରେ ଜଣେ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ । ଝିଅ ଜନ୍ମ ହେବା ପରେ ତାଙ୍କୁ ଗିନିଜ୍ ବିଶ୍ୱ ରେକର୍ଡରେ ସାମିଲ କରିବା ଲାଗି ଏକ ଅଜବ ଉପାୟ ଚିନ୍ତା କରିଥିଲେ । ଯାହାଫଳରେ ୫୦ଟି ଅକ୍ଷର ମଧ୍ୟରେ ତାଙ୍କ ଝିଅର ନାମକରଣ କରି ଜନ୍ମ ପ୍ରମାଣପତ୍ରରେ ଲେଖିଥିଲେ । ତଥାପି ଏହା କମ୍ ପଡ଼ିଯିବ ବୋଲି ଭାବି ତିନି ସପ୍ତାହ ପରେ ପୁନଶ୍ଚ ତାଙ୍କ ନାଁକୁ ୧,୦୧୯ ଅକ୍ଷର ପର୍ଯ୍ୟନ୍ତ ବଢ଼ାଇବା ସହିତ ୩୬ ଅକ୍ଷରବିଶିଷ୍ଟ ମିଡିଲ୍ ନେମ୍ ସାମିଲ କରିଥିଲେ । ଯାହାଫଳରେ ତାଙ୍କ ଝିଅ ପାଇଁ ୨ ଫୁଟର ଜନ୍ମ ପ୍ରମାଣପତ୍ର ବାହାର କରାଯାଇଥିଲା । ତେବେ ବିଶ୍ୱର ସବୁଠୁ ଲମ୍ବା ନାଁ ଓ ସବୁଠୁ ଲମ୍ବା ବାର୍ଥ୍ ସାର୍ଟିଫିକେଟ୍ ପାଇଁ ତାଙ୍କ ଝିଅଙ୍କୁ ଗିନିଜ୍ ବିଶ୍ୱ ରେକର୍ଡରେ ସାମିଲ କରାଯାଇଛି । ମାତ୍ର କେହି ବି ତାଙ୍କୁ ସେହି ନାମରେ ଡାକନ୍ତି ନାହିଁ । ଏହା ପରିବର୍ତ୍ତେ ଜାମି ନାଁରେ ତାଙ୍କୁ ସମସ୍ତେ ଡାକନ୍ତି । ତେବେ ଜାମିଙ୍କୁ ତାଙ୍କ ନାଁ ମନେ ରଖିବା ଲାଗି ବହୁ ସଂଘର୍ଷ କରିବାକୁ ପଡ଼େ । ରିପୋର୍ଟ ମୁତାବକ ଜାମି ତାଙ୍କ ନାଁକୁ ଏକ ଟେପ୍‌ରେ ରେକର୍ଡ କରି ରଖିଛନ୍ତି ଏବଂ ଆବଶ୍ୟକ ସ୍ଥଳେ ରେକର୍ଡିଂକୁ ଶୁଣି ତାଙ୍କ ନାଁକୁ ମନେ ରଖନ୍ତି । ଜାମିଙ୍କ ଏଭଳି ନାମକରଣ ପରେ ଟେକ୍ସସ୍‌ରେ ଆଇନ ପ୍ରଣୟନ କରାଯାଇ ଜନ୍ମ ପ୍ରମାଣପତ୍ର ଫର୍ମ୍‌ରେ ଥିବା ନେମ୍ ବକ୍ସରେ ଫିଟ୍ ହେଉଥିବା ନାଁ'କୁ କେବଳ ଅନୁମତି ଦିଆଯିବ ବୋଲି ନିଷ୍ପତ୍ତି ନିଆଗଲା ।

# କାଷ୍ଟ କରିବାକୁ ଡରୁଛନ୍ତି



ସୁଶାନ୍ତ ସିଂଙ୍କ ମୃତ୍ୟୁକୁ ନେଇ ବେଶ୍ କିଛି ଦିନ ବିବାଦ ରିଆ ଚକ୍ରବର୍ତ୍ତୀଙ୍କ ପିଛା ଛାଡି ନଥିଲା । ଏହା ପରେ ରିଆଙ୍କୁ ବି ଟାଉନ୍‌ରୁ ମଧ୍ୟ ଦୂରେଇ ରହିଥିବାର ଦେଖିବାକୁ ମିଳିଥିଲା । ହେଲେ ଏହି ବିବାଦ ଥମିବା ପରେ ଧୀରେଧୀରେ ବର୍ତ୍ତମାନ ରିଆ ସିଲଭର ସ୍କ୍ରିନ୍‌କୁ ଫେରିବାକୁ ଚେଷ୍ଟା ଜାରି ରଖିଛନ୍ତି । ନିକଟରେ ତାଙ୍କୁ ରିଆଲିଟି ଶୋ' ରୋଡିଜ୍‌ରେ ତାଙ୍କୁ ମେଣ୍ଟର ଭୂମିକାରେ ଦେଖିବାକୁ ମିଳିଥିଲା । ଏହାପରେ ରିଆଙ୍କର କମବ୍ୟାକ୍ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହେବା ଆରମ୍ଭ ହୋଇଥିଲା । ହେଲେ ତାଙ୍କୁ ସେଭଳି କିଛି ପ୍ରୋଜେକ୍ଟରେ ଦେଖିବାକୁ ମିଳିନଥିଲା ।

ତେବେ ବର୍ତ୍ତମାନ ରିଆଙ୍କର ଏକ ସାକ୍ଷାତକାର ଭାଇରାଲ ହେବାରେ ଲାଗିଛି । ବର୍ତ୍ତମାନ ତାଙ୍କୁ କାଷ୍ଟ କରିବାକୁ ବି ଟାଉନ୍‌ରେ ଲୋକ ଡରୁଥିବା ସେ ପ୍ରକାଶ କରିଛନ୍ତି । ହେଲେ ଖୁବ ଶୀଘ୍ର ସେ କିଛି ଭଲ ପ୍ରୋଜେକ୍ଟରେ ଆସିବେ ବୋଲି ଆଶା ରଖିଥିବା ମଧ ପ୍ରକାଶ କରିଛନ୍ତି । ଆଗକୁ ସବୁ ଭଲ ହେବ ବୋଲି ରିଆ ଦୃଢ ଆଶା ରଖିଥିବା ମତ ଦେଇଛନ୍ତି । ରିଆଙ୍କର ଏହି ଷ୍ଟେଟମେଣ୍ଟ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।

# ଖୁବ୍ ଉପକାରୀ ନେଟ୍‌ଲେ ଟି'

ଭାରତର ମୁଖ୍ୟ ପାନୀୟ କହିଲେ ଚା'କୁ ବୁଝାଏ । ଭାରତରେ ଚା'ପ୍ରେମୀ ଅଧିକ ରହିଥିବାରୁ ଏଠାରେ ଚା'ର ବିଭିନ୍ନ ପ୍ରକାର ମଧ୍ୟ ରହିଛି । ଏହି ପ୍ରକାରରେ ଲେମନ୍ ଟି, ଗ୍ରୀନ ଟି, ହର୍ବାଲ ଟି ଆଦି ସାମିଲ ରହିଛି, ଯେଉଁ ଗୁଡିକ ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ । ସେହିଭଳି ଏକ ଚା' ହେଲା ନେଟଲେ ଟି । ଏହା ଏକ ପ୍ରକାର ହର୍ବାଲ ଟି ଯାହା ଆମ ଶରୀର ପାଇଁ ଖୁବ ଉପକାରୀ । ଏହି ଚାକୁ ଏକ ପ୍ରକାର ଉଭିଦି ଯାହାର ନାଁ ହେଉଛି ନେଟଲେ ସେଥିରୁ ପ୍ରସ୍ତୁତ କରାଯାଇଥାଏ ।



ଏହି ହର୍ବର ବିଭିନ୍ନ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି । ଏହି ଚା ପିଇବା ଦ୍ୱାରା ଆମର ବ୍ଲଡ ସୁଗାର ଓ ବ୍ଲଡ୍ ପ୍ରେସର ନିୟନ୍ତ୍ରଣରେ ରହିଥାଏ । ଏହାସହିତ ଏହି ଚା' ବିଭିନ୍ନ କ୍ରୋନିକ ଡିଜିଜ୍ ଯେପରି କ୍ୟାନ୍ସର ଓ ହାର୍ଟ ସମ୍ବନ୍ଧୀୟ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରିଥାଏ । ଏହି ଚା'ରେ କ୍ୟାଲସିଅମ, ମ୍ୟାଗ୍ନେସିଅମ ଓ ଜିଙ୍କ୍ ଅଧିକ ପରିମାଣରେ ରହିଥାଏ ଯାହା ଆମର ହାଡର ଶକ୍ତି ବଢାଇବାରେ ସହାୟକ ହୋଇଥାଏ । କେବଳ ସେତିକି ନୁହେଁ ଏଥିରେ ଥିବା ଆଣ୍ଟିମାଇକ୍ରୋବାୟାଲ ଗୁଣ ଯୋଗୁ ଆମ ସ୍କିନ୍‌ରେ ହେଉଥିବା କୁଣ୍ଡେଇ କିମ୍ବା ଆଲର୍ଜିକୁ ଦୂର କରିଥାଏ । ଏହା ଚର୍ମ ପାଇଁ ଖୁବ ଭଲ ହୋଇଥାଏ । ଏଥିରେ ଭିଟାମିନ୍ ଏ ଓ ସି ଅଧିକ ମାତ୍ରାରେ ରହିଛି, ଯାହା ଆମର ରୋଗପ୍ରତିରୋଧକ ଶକ୍ତି ବଢାଇଥାଏ । ସେହିଭଳି ଏହା ମହିଳାମାନଙ୍କର ଋତୁସ୍ରାବ ସମୟରେ ହେଉଥିବା ପେଟ ଯନ୍ତ୍ରଣାରୁ ମଧ୍ୟ ମୁକ୍ତି ଦେଇଥାଏ । ଏହାକୁ ସେତେବେଳେ ପିଇଲେ ଆରାମ ଲାଗିଥାଏ । ଏହା ଆମର ଚର୍ମକୁ ଉଜ୍ଜ୍ୱଳ ରଖିବାରେ ମଧ୍ୟ ସହାୟକ ହୋଇଥାଏ । ତେଣୁ ଯଦି ଆପଣ ଚା' ପ୍ରେମୀ ତେବେ ନିଜ ତାଲିକାରେ ଏହି ଚା'କୁ ନିଶ୍ଚିତ ସାମିଲ କରନ୍ତୁ ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୪୩
ତିଥି : ତୃତୀୟା
୧୬ ନଭେମ୍ବର ୨୦୨୩, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 42
16 Nov 2023, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ଫାଇନାଲରେ ଭାରତ

ମୁମ୍ବାଇ,୧୫।୧୧(ଏଜେନ୍ସି): ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣରେ ହଟଚମଟ ଦେଖାଇଛି ଆୟୋଜକ ଭାରତ । କ୍ରମାଗତ ଦଶମ ବିଜୟ ସହ ଭାରତ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି । ବୁଧବାର ମୁମ୍ବାଇର ୱାଙ୍ଖେଡେରେ ଭାରତ ୭୦ ରନ୍ ବ୍ୟବଧାନରେ ଗତ ସଂସ୍କରଣର ଉପବିଜେତା ନ୍ୟୁଜିଲାଣ୍ଡକୁ ଧରାଶାୟୀ କରିଥିଲା । ପ୍ରଥମେ ବିରାଟ କୋହଲିଙ୍କ ଶତକରେ ଅର୍ଦ୍ଧଶତକ ସାଙ୍ଗକୁ ଶ୍ରେୟାସ ଆୟରଙ୍କ ବିସ୍ଫୋରକ ଶତକ ବଳରେ ଭାରତ ୫୦ ଓଭରରେ ୪ ୱିକେଟ୍ ହରାଇ ୩୯୭ ରନ୍ ସଂଗ୍ରହ କରିଥିଲା । ପୁଣି ବୋଲିଂରେ କମାଲ କରିଥିଲେ



ମହମ୍ମଦ ସାମି । ସେ ୭ ୱିକେଟ୍ ଅକ୍ତିଆର କରି ନ୍ୟୁଜିଲାଣ୍ଡ ବ୍ୟାଟିଂର ଜବନିକା ଟାଣି ଥିଲେ । ତେଣୁ ୩୯୮ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରିଥିବା ନ୍ୟୁଜିଲାଣ୍ଡ ୪୮.୫ ଓଭରରେ ୩୨୭

## ସଚିନଙ୍କୁ ଟପିଲେ ବିରାଟ

## ୱାଙ୍ଖେଡେରେ ସାମି ମ୍ୟାଜିକ

ରନ୍ କରି ଧରାଶାୟୀ ହୋଇଥିଲା । ୱାଙ୍ଖେଡେରେ ମିଆଁ ମ୍ୟାଜିକ୍ ଯୋଗୁଁ ଭାରତ ଚତୁର୍ଥଥର ପାଇଁ ଦିନିକିଆ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି । ୯.୫ ଓଭରରେ ୫୭ ରନ୍ ବ୍ୟୟ କରି ୭ ୱିକେଟ୍ ଅକ୍ତିଆର କରିଥିବା ମହମ୍ମଦ ସାମିଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ (୯ ପୃଷ୍ଠାରେ)

# ରାଜସ୍ୱ ବଳକାରେ ଓଡ଼ିଶା ଦେଶରେ ପ୍ରଥମ

ଭୁବନେଶ୍ୱର, ୧୫।୧୧ (ସବ୍ୟୁ) : ଆର୍ଥିକ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଏବେ ଦେଶରେ ଏକ ଅଗ୍ରଣୀ ରାଜ୍ୟ ହୋଇଛି । ନୂଆ ଓଡ଼ିଶା, ରୂପାନ୍ତରିତ ଓଡ଼ିଶ ଓ ନବୀନ ଓଡ଼ିଶାର ପୁଣି ଏକ ଉଲ୍ଲେଖନୀୟ ସଫଳତା ଦେଖିବାକୁ ମିଳିଛି । ଏକଦା ବିପର୍ଯ୍ୟସ୍ତ ଆର୍ଥିକ ସ୍ଥିତିରେ ଥିବା ଓଡ଼ିଶା ଏବେ ସମଗ୍ର ଦେଶରେ ରାଜସ୍ୱ ବଳକା ଭାବେ ୧ନଂ ରାଜ୍ୟ ହୋଇଛି । ୨୦୨୧-୨୨ ଆର୍ଥିକ ବର୍ଷକୁ ନେଇ ନୀତି ଆୟୋଗର ରିପୋର୍ଟରେ ଓଡ଼ିଶାର ରାଜସ୍ୱ ବଳକା ୨୩ ହଜାର ୪୭୧ କୋଟି ଟଙ୍କା ଉଲ୍ଲେଖ କରାଯାଇଛି ।




ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଗୁଜରାଟ, ଝାଡଖଣ୍ଡ ଓ ଛତିଶଗଡ ରହିଛି ।

୨୦୦୦ ମସିହାରେ ଓଡ଼ିଶାର ଆର୍ଥିକ ସ୍ଥିତି ଅତ୍ୟନ୍ତ ବିପର୍ଯ୍ୟସ୍ତ ହୋଇଥିଲା । ମହାବାତ୍ୟା ପରେ ଉପକୂଳ ଓଡ଼ିଶା ଉଜୁଡି ଯାଇଥିଲା । ସରକାରୀ କର୍ମଚାରୀଙ୍କ ଦରମା

## ଆର୍ଥିକ କ୍ଷେତ୍ରରେ ରୋଲ୍ ମଡେଲ

## ନବୀନ ଓଡ଼ିଶା, ୫-ଟି ସଂସ୍କାରର ପ୍ରତିଫଳନ

ମହାରାଷ୍ଟ୍ର, ତାମିଲନାଡୁ, ରାଜସ୍ଥାନ, କର୍ଣ୍ଣାଟକ, ପଞ୍ଜାବ, ହରିୟାଣା, ଆସାମ ଓ ପଶ୍ଚିମବଙ୍ଗ ଭଳି ରାଜ୍ୟକୁ ଓଡ଼ିଶା ପଛରେ ପକାଇଛି । ରାଜସ୍ୱ ବଳକାରେ ଓଡ଼ିଶା ପଛକୁ ପାଇଁ ଓଭର ଡ୍ରାପ୍ଟ କରିବାକୁ ପଡୁଥିଲା । ହେଲେ ଏବେ ଏ ସ୍ଥିତି ସୁଧୁରିଛି । ଆର୍ଥିକ ଓ ରାଜସ୍ୱ ନିଅଣ୍ଟିଆ ସ୍ଥିତିରୁ ଏବେ ଓଡ଼ିଶା ବଳକା ରାଜ୍ୟ (୯ ପୃଷ୍ଠାରେ)

# ଘାଟିରୁ ଖସିଲା ବସ୍, ୩୮ ମୃତ

ନୂଆଦିଲ୍ଲୀ, ୧୫।୧୧ : ଜମ୍ମୁ-କାଶ୍ମୀରର ଡୋଡା ଜିଲ୍ଲାରେ ଏକ ଭୟାଭୟ ବସ୍ ଦୁର୍ଘଟଣା ହୋଇଛି । ଯାତ୍ରୀବାହି ବସ୍‌ଟି ଘାଟି ଉପରକୁ ପ୍ରାୟ ୨୦୦ ମିଟର ତଳକୁ ଖସିପଡିବା ଫଳରେ ୩୮ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବାବେଳେ ୧୭ ଆହତ ହୋଇଛନ୍ତି । ବସ୍‌ଟି କିସ୍‌କିୱାର୍ ରୁ ଜମ୍ମୁ ଯାଉଥିଲା । ତେବେ ଟ୍ରୁଙ୍ଗାଲ ନିକଟରେ ଥିବା ଷ୍ଟିପ୍ ସ୍ଲୋ ଅଞ୍ଚଳରେ ବସ୍‌ଟି ଯିବାବେଳେ ଖସି ପଡିଥିଲା । ବସ୍‌ରେ ପ୍ରାୟ ୫୫ ଯାତ୍ରୀ ଥିଲେ ବୋଲି ସ୍ଥାନୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ପୋଲିସ ଓ ଉଦ୍ଧାରକାରୀ ଦଳ ସେଠାରେ ପହଞ୍ଚିଛନ୍ତି । ପୋଲିସ କଣ୍ଟ୍ରୋଲରୁମ୍ ଖୋଲାଯାଇଛି । ଆହତମାନଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଏସ୍‌ଏସ୍‌ପି ଦୋଦା ଅବ୍‌ଦୁଲ୍ କ୍ୱାୟାବ ବ୍ୟକ୍ତିଗତ ଭାବେ ଏହାର ତଦାରଖ କରୁଛନ୍ତି । ଜମ୍ମୁ-କାଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନା ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି ।

# ଆଜିଠୁ ବର୍ଷା : ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୧୫।୧୧ (ସବ୍ୟୁ) : ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତ ରୂପ ନେଇସାରିଛି । ଏହା ଅଧିକ ଘନୀଭୂତ ହୋଇ ତୀବ୍ର ଅବପାତ ରୂପ ନେବ । ଏହାର ପ୍ରଭାବରେ ଆସନ୍ତାକାଲିଠାରୁ ଉପକୂଳ ଜିଲ୍ଲାଗୁଡ଼ିକରେ ବର୍ଷା ଆରମ୍ଭ ହେବ । ୧୬ରେ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଓ ୧୭ ତାରିଖ ଦିନ



ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ତେବେ ୧୫ରୁ ୧୮ ତାରିଖ ଯାଏଁ ଓଡ଼ିଶା ଉପକୂଳ ସମୁଦ୍ରର ଆଖପାଖ ଅଞ୍ଚଳ ଅଶାନ୍ତ ରହିବ । ତେଣୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବା ଲାଗି ପରାମର୍ଶ ଦିଆଯାଇଛି ।

ପାଣିପାଗ ବିଭାଗ କହିବା ଅନୁସାରେ, ବୁଧବାର (୯ ପୃଷ୍ଠାରେ)

# ଚାଷୀ ଆତ୍ମହତ୍ୟା ଅଭିଯୋଗ

ବଲାଙ୍ଗିର, ୧୫।୧୧ (ସବ୍ୟୁ) : ବଲାଙ୍ଗିର ଜିଲ୍ଲା ପୁଇଁତଲା ବ୍ଲକ ବୁଢେଲ ଗାଁ ରେ ଚାଷୀ ରମେଶ ଭୋଇଙ୍କୁ(୫୦) ମଙ୍ଗଳବାର ବିଷ ପିଇ ଗୁରୁତର ହୋଇଥିଲେ । ପରିବାର ଲୋକେ ଗୁରୁତର ଅବସ୍ଥାରେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଚିକିତ୍ସିତ ଅବସ୍ଥାରେ ବିଳମ୍ବିତ ରାତିରେ ରମେଶଙ୍କ ମୃତ୍ୟୁ ହୋଇଥିଲା । ରମେଶଙ୍କ ମୃତ୍ୟୁ ପରେ ପୁଇଁତଲା ଥାନାରେ ଅଭିଯୋଗ କରିଛନ୍ତି ପରିବାର ଓ ସମ୍ପର୍କୀୟ । ଚାଷ ଜମିକୁ ଚକଡା ପୋକ ଲାଗି ନଷ୍ଟ କରିଦେବାକୁ ଚାଷୀ ରମେଶ ଭାଙ୍ଗି ପଡ଼ିଥିଲେ । ଅନ୍ୟପଟେ କୃଷି ବିଭାଗର ଅଣଦେଖା ଯେତେ ବିଷ ମାରିଲେ ବି କାମ ଦେଲା ନାହିଁ । ଶେଷରେ ବିଲରେ ବିଷ ଦେଉଥିବା ବେଳେ ନିଜେ ବିଷକୁ ପିଇଦେଲେ ଚାଷୀ ରମେଶ । ଏଭଳି ଭାବରେ ପୁରା ବିବରଣୀ (୯ ପୃଷ୍ଠାରେ)

DSPL-379

5 | ଓଡ଼ିଶା ସରକାର | ଆମ ଓଡ଼ିଶା ନବୀନ ଓଡ଼ିଶା



## ‘ଓଡ଼ିଆ ଭାଷା ବୃତ୍ତି’ ପୁରସ୍କାର
## ରାଜ୍ୟସ୍ତରୀୟ ସମାରୋହ

ଓଡ଼ିଆ ମାଧ୍ୟମ ବିଦ୍ୟାଳୟରୁ ଓଡ଼ିଆ ଭାଷାରେ ସଫଳତାର ସହିତ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ମିଳିବ **‘ଓଡ଼ିଆ ଭାଷା ବୃତ୍ତି’**।

ଓଡ଼ିଶା ମାଧ୍ୟମିକ ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ ମାତୃଭାଷା (ଓଡ଼ିଆ)ରେ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀ ଏଥିପାଇଁ ଯୋଗ୍ୟ।

ରାଜ୍ୟସ୍ତରୀୟ ସମାରୋହରେ ଶ୍ରେଷ୍ଠ ୫ଜଣ ଓ ପ୍ରତ୍ୟେକ ଜିଲ୍ଲାରୁ ଏକ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବ । ରାଜ୍ୟରେ ମୋଟ୍ ୩୫୪୯ ଛାତ୍ରଛାତ୍ରୀ ୫୦୦୦ ଟଙ୍କାର ଏକ କାଳୀନ ବୃତ୍ତି ପାଇବେ।

- ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶରେ ଥିବା ଓଡ଼ିଆ ଭାଷାଭାଷୀ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ ଶିକ୍ଷାର ସୁଯୋଗ।
- ଉପରୋକ୍ତ ରାଜ୍ୟଗୁଡ଼ିକରେ ଶିକ୍ଷାଦାନ ପାଇଁ ଚଳିତ ଆର୍ଥିକ ବର୍ଷରୁ ପ୍ରତି ଶିକ୍ଷା ସ୍ୱେଚ୍ଛାସେବୀଙ୍କ ପାଇଁ ମାସକୁ ୩୦୦୦ରୁ ୪୫୦୦ ଟଙ୍କାକୁ ଓ ପ୍ରତି ନିରୀକ୍ଷକ ପାଇଁ ମାସକୁ ୫୦୦୦ରୁ ୬୫୦୦ ଟଙ୍କାକୁ ପ୍ରୋତ୍ସାହନ ରାଶି ବୃଦ୍ଧି।
- ରାଜ୍ୟର ସମସ୍ତ ବେସରକାରୀ ଓ ଅଣଅନୁଦାନ ପ୍ରାପ୍ତ ଓଡ଼ିଆ ମାଧ୍ୟମ ବିଦ୍ୟାଳୟଗୁଡ଼ିକରେ ମାଗଣା ପାଠ୍ୟ ପୁସ୍ତକ ଦିଆଯାଉଛି ।

OIPR: 27068/13/0037/2324

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

### ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ କେନ୍ଦ୍ରମନ୍ତ୍ରୀ

# ଓଡ଼ିଶାରେ ପିଏମ୍ ଶ୍ରୀ ଯୋଜନା ଲାଗୁ କରିବା ପାଇଁ କଲେ ଅନୁରୋଧ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରେ ପିଏମ୍ ଶ୍ରୀ ଯୋଜନା ଲାଗୁ କରିବା ପାଇଁ ଦୁଇ ଦୁଇ ଥର ପତ୍ର ଲେଖାଯିବା ପରେ ମଧ ଓଡ଼ିଶା ସରକାର ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ (ଡିଓଏସଇଏଲ) ସହ ବୁଝାମଣା ପତ୍ର ସ୍ୱାକ୍ଷରିତ (ଏମୟୁ) କରିନାହାନ୍ତି । ଏହି ମର୍ମରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ତୃତୀୟ ଥର ପାଇଁ ପତ୍ର ଲେଖି ରାଜ୍ୟରେ ପିଏମ ଶ୍ରୀ ଯୋଜନା ଲାଗୁ କରିବା ତଥା ଏମଓୟୁ ସ୍ୱାକ୍ଷରିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଅନୁରୋଧ କରିଛନ୍ତି ।



କେନ୍ଦ୍ରମନ୍ତ୍ରୀ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ସମଗ୍ର ଦେଶରେ ୧୪ ହଜାର ୫୦୦ ରୁ ଅଧିକ ପ୍ରଧାନମନ୍ତ୍ରୀ ସ୍କୁଲ ଫର୍ ରାଇଜିଂ ଇଣ୍ଡିଆ (ପିଏମ ଶ୍ରୀ ସ୍କୁଲ) ପ୍ରତିଷ୍ଠାର ଲକ୍ଷ୍ୟ ନେଇ ୨୦୨୨ ସେପ୍ଟେମ୍ବର ୭ରେ ପିଏମ ଶ୍ରୀ ଯୋଜନାର ଶୁଭାରମ୍ଭ ହୋଇଥିଲା । ଏହି ସ୍କୁଲ ଗୁଡିକ ଜାତୀୟ ଶିକ୍ଷା ନୀତିର ପୂର୍ଣ୍ଣ ଭାବନାକୁ ନେଇ କାର୍ଯ୍ୟ କରିବ ତଥା ସମସ୍ତ ମୌଳିକ ଉପାଦାନକୁ ପ୍ରଦର୍ଶିତ କରିବ । ଏହା, ସବୁ ବିଦ୍ୟାଳୟ ପାଇଁ ଏକ ଉଦାହରଣ ଭାବରେ କାର୍ଯ୍ୟ କରିବ । ପିଏମଶ୍ରୀ ସ୍କୁଲ ଗୁଡିକ ଉତ୍ସାହଭରା ପରିବେଶରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଶିକ୍ଷା ପ୍ରଦାନ କରିବ ।

ଏହି ପରିପ୍ରେକ୍ଷୀରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ ସହ ଏମୟୁ ସ୍ୱାକ୍ଷର କରିବା ପାଇଁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳକୁ ଅନୁରୋଧ କରାଯାଇଥିଲା । ବର୍ତ୍ତମାନ ସୁଦ୍ଧା ପ୍ରାୟ ଅଧିକାଂଶ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଏହି ଏମଓୟୁ ସ୍ୱାକ୍ଷରିତ କରିସାରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ସ୍କୁଲ ଚୟନ ସମ୍ପୂର୍ଣ୍ଣ ହୋଇସାରିଛି । ପିଏମ ଶ୍ରୀ ସ୍କୁଲ ଯୋଜନାର କ୍ରିୟାନ୍ୱୟନ ପାଇଁ ପ୍ରଥମ କିସ୍ତି ମଧ ଜାରି ହୋଇଛି । ଦ୍ୱିତୀୟ ପର୍ଯ୍ୟାୟରେ ପିଏମ ଶ୍ରୀ ସ୍କୁଲ ପାଇଁ ଚୟନ ପ୍ରକ୍ରିୟା ଜାରି ରହିଥିବା ବେଳେ ଓଡ଼ିଶା ଏପର୍ଯ୍ୟନ୍ତ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ କରିନାହିଁ । ଏଥିପାଇଁ ପୂର୍ବରୁ ଗତ ଅକ୍ଟୋବର ୯ ଏବଂ ମାର୍ଚ୍ଚ ୧୩ରେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

## ଶହୀଦ ବିର୍ସା ମୁଣ୍ଡାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ଭୁବନେଶ୍ୱର, (ସବ୍ୟୁ): ମହାନ ବିପ୍ଳବୀ ଶହୀଦ ବିର୍ସା ମୁଣ୍ଡାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି । ସୂଚନା ଲୋକ ସମ୍ପର୍କ ବିଭାଗ ଦ୍ୱାରା ଜୟଦେବଭବନ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଭାରତରେ ମୁକ୍ତି ସଂଗ୍ରାମରେ ମହାନ୍ ବିପ୍ଳବୀ ଶହୀଦ ବିର୍ସା ମୁଣ୍ଡାଙ୍କ ଅବଦାନ ଅନବଦ୍ୟ ଓ ଅବିସ୍ମରଣୀୟ ବୋଲି କହିଛନ୍ତି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ । ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଏବଂ ଗବେଷକ ଡଃ ସେମା ଚାନ୍ଦ ଯୋଗଦେଇ ଭାରତର ଚିରସ୍ମରଣୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରୁ ଶହୀଦ ବିର୍ସା ମୁଣ୍ଡା ଅନ୍ୟତମ ବୋଲି ମତ ଦେଇଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗ ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭିଏତନାମ ଓ ସୋଆ ମଧ୍ୟରେ ଶିକ୍ଷାକ୍ଷେତ୍ରରେ ବୁଝାମଣା

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ପ୍ରଶିକ୍ଷଣ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଭିଏତନାମର ଭିନ୍ ଲଙ୍ଗ୍ ପ୍ରଦେଶର ଶିକ୍ଷା ଓ ପ୍ରଶିକ୍ଷଣ ବିଭାଗ ସହ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି। ଏହି ବୁଝାମଣାପତ୍ର ଅନୁଯାୟୀ ଭାରତ ଏବଂ ଭିଏତନାମ୍ ମଧ୍ୟରେ ଶିକ୍ଷାଗତ କାର୍ଯ୍ୟକଳାପ, ସାଂସ୍କୃତିକ ବିନିମୟ ସହ ଦୁଇ ଦେଶରେ ମଧ୍ୟରେ ବନ୍ଧୁତ୍ୱକୁ ବୃଦ୍ଧି କରିବା। ଏହି ଅବସରରେ ସୋଆ ଓ ଭିଏତନାମ ସ୍ଥିତ ଭିନ୍ ଲଙ୍ଗ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଏଜୁକେସନ୍ (ଭିଏଲ୍ୟୁଟିଇ), ଭିଏତନାମ ୟୁନିଭର୍ସିଟି ଅଫ୍ କ୍ୟୁ ଲଙ୍ଗ୍, ଲଙ୍ଗ୍ ହୋ ଏବଂ ଭିନ୍ ଲଙ୍ଗ୍ ସିଟି ସ୍ଥିତ ପୁଟିନ ଆନିମଲ ଫିଡ୍ କମ୍ପାନି ଲିମିଟେଡ୍ ମଧ୍ୟରେ ଅନ୍ୟ ତିନୋଟି ପୃଥକ ଏମ୍ଓୟୁ ସ୍ୱାକ୍ଷରିତ ହୋଇଥିଲା।



ଭିଏତନାମ ପ୍ରତିନିଧି ଦଳ ଭିନ୍ ଲଙ୍ଗ୍ ପ୍ରଦେଶ ପିପୁଲ୍ସ କମିଟିର ଉପାଧ୍ୟକ୍ଷ ଡ.ଏନଗୁଏନ ଥି କୁଏନ ଥାନଙ୍କ ନେତୃତ୍ୱରେ ଓଡିଶା ଆସିଛନ୍ତି। ଭିନ୍ ଲଙ୍ଗ୍ ପ୍ରଦେଶ ଶିକ୍ଷା ଓ ପ୍ରଶିକ୍ଷଣ ବିଭାଗ ଏବଂ ସୋଆ ମଧ୍ୟରେ ସ୍ୱାକ୍ଷରିତ ଏମ୍ଓୟୁରେ ଦୁଇ ଦେଶର ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା ସୁଯୋଗ ସୃଷ୍ଟି କରିବା ଏବଂ ସାଂସ୍କୃତିକ ଏବଂ ଛାତ୍ର – ଶିକ୍ଷକ ବିନିମୟ ମାଧ୍ୟମରେ ପାରସ୍ପରିକ ସମ୍ପର୍କ ଏବଂ ବୁଝାମଣାକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ। ଭିଏତନାମର ଏହି କମ୍ପାନୀ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏମ୍ଓୟୁରେ ସ୍ୱାକ୍ଷର କରିଥିବା ବେଳେ ଭିନ୍ ଲଙ୍ଗ୍ ଶିକ୍ଷା ଓ ପ୍ରଶିକ୍ଷଣ ବିଭାଗର ନିର୍ଦ୍ଦେଶକ ଟ୍ରୁଓଙ୍ଗ୍ ଥାନ୍ ନୁଆନ୍ ସ୍ୱାକ୍ଷର କରିଥିଲେ।

## ଅରୁଣା ମହାନ୍ତିଙ୍କୁ ଲାସ୍ୟ ଲାବଣ୍ୟ ସମ୍ମାନ

ଭୁବନେଶ୍ୱର, (ସବ୍ୟୁ): ୫ମ ଶାସ୍ତ୍ରୀୟ ନୃତ୍ୟ ଉତ୍ସବ 'ଲାସ୍ୟ ଲାବଣ୍ୟ' ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଉତ୍କଳ ରଙ୍ଗମଞ୍ଚ ଠାରେ ଉଦ୍‌ଘାଟିତ ହୋଇଯାଇଛି । ଦୁଇଦିନ ବ୍ୟାପି ହେବାକୁ ଥିବା କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କୁ ୨୦୨୩ ପାଇଁ ଲାସ୍ୟ ଲାବଣ୍ୟ ସମ୍ମାନରେ ସମ୍ମାନିତ କରାଯାଇଛି । ଜୀବନବ୍ୟାପୀ ସାଧନା ପାଇଁ ପଦ୍ମଶ୍ରୀ ମହାନ୍ତିଙ୍କୁ ଏହି ସମ୍ମାନ ମିଳିଛି। ଏଥିରେ ମୁଖ୍ୟ ଅତିଥିଭାବେ ସିଡିଏ ଚେୟାରମ୍ୟାନ୍ ଅନିଲ କୁମାର ସାମଲ ଯୋଗ ଦେଇ ବିଶ୍ୱନାଥ ସଙ୍ଗୀତାଳୟର ପ୍ରତିଷ୍ଠାତା ନୃତ୍ୟ ମାଧ୍ୟମରେ ଉତ୍କଳୀୟ ସଂସ୍କୃତି ପରମ୍ପରାକୁ ବଞ୍ଚାଇ ରଖିବାକୁ ପ୍ରୟାସର ପ୍ରଶଂସା କରିଥିଲେ । ଅନ୍ୟତମ ଅତିଥିଭାବେ ଗୁରୁ ଦୁର୍ଗାଚରଣ ରଣବୀର ଓ ବିଶିଷ୍ଟ ନୃତ୍ୟାଙ୍ଗନା ସଂଗୀତା ଦାଶ, ଗୁରୁ ଧନେଶ୍ୱର ସ୍ୱାଇଁ, ଅନୁଷ୍ଠାନର ସଭାପତି ପ୍ରଫୁଲ୍ଲ କୁମାର ରାୟ, ସଂପାଦିକା ଦିପ୍ତି ରାଉତରାୟ ଓ ଉପଦେଷ୍ଟା ଇଂ. ଉମାଶଙ୍କର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଅନୁଷ୍ଠାନର ଉନ୍ନତି କାମନା କରିଥିଲେ । ପରେ ବିଶ୍ୱନାଥ ସଙ୍ଗୀତାଳୟର ନୃତ୍ୟ ଶିଳ୍ପୀମାନେ 'ବନ୍ଦେ ତ୍ରିପୁର ସୁନ୍ଦରୀ' ନୃତ୍ୟ ଅଭିନୟ ପରିବେଷଣ କରିଥିଲେ । ଏହାକୁ ସଙ୍ଗୀତରେ ସଜାଇଥିଲେ ଗୁରୁ ପ୍ରଦୀପ କୁମାର ରାୟ, ନୃତ୍ୟ ସଂଯୋଜନା କରିଥିଲେ ଗୁରୁ ଦିପ୍ତି ରାଉତରାୟ । ସଙ୍ଗୀତ, ବାଦ୍ୟରେ ରୁପକ କୁମାର ପରିଡ଼ା, ବନ୍ଦିତା ରାୟ, ଧନେଶ୍ୱର ସ୍ୱାଇଁ, ଅଜୟ ଚୌଧୁରୀ, ଜବାହର ମିଶ୍ର ଓ ଗୁରୁ ପ୍ରଦୀପ କୁମାର ରାୟ, ପ୍ରକାଶ ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ମୁମ୍ବାଇରୁ ଆସିଥିବା ବିଶିଷ୍ଟ କଥକ ନୃତ୍ୟାଙ୍ଗନା ଉମା ଡ଼ୋଗ୍ରା ଓ ସାଥୀ କଥକ ନୃତ୍ୟ ପରିବେଷଣ କରିଥିଲେ। ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



## ଉତ୍କଳ କନିକା ଗ୍ୟାଲେରିଆ ମଲରେ ଖୋଲିଲା ଅତ୍ୟାଧୁନିକ ପିଭିଆର

ଭୁବନେଶ୍ୱର, (ସବ୍ୟୁ): କଳ୍ପନା ସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ ମଲରେ ବହୁ ପ୍ରତୀକ୍ଷିତ ଅତ୍ୟାଧୁନିକ ପିଭିଆର ସିନେମାର ଶୁଭାରମ୍ଭ ହୋଇଛି । ଯେଉଁଠାରେ ୪ର ଲେଜର ପ୍ରୋଜେକସନ ସିଷ୍ଟମ୍ ଅଛି । ଯାହା ଅନନ୍ୟ ଭିଜୁଆଲ୍ ସ୍ୱଚ୍ଛତା ଏବଂ ସ୍ପନ୍ଦନ ପ୍ରଦାନ କରିବ । ଉତ୍କଳ କନିକା ଗ୍ୟାଲେରିଆରେ ପିଭିଆର ସିନେମା କେବଳ ଚଳଚ୍ଚିତ୍ର ଦେଖିବାର ସ୍ଥାନ ନୁହେଁ ଯେଉଁଠାରେ ଦର୍ଶକଙ୍କୁ କିଛି କ୍ଷଣ ଗୋଟେ ସ୍ଥାନରେ ବାନ୍ଧିକି ରଖିବା ସହ ନୂଆ ଅନୁଭବ ଦେବ । ଏଠାରେ ୪ଟି ସ୍କ୍ରିନ୍ ସହ ୬୮୨ ଜଣ ଦର୍ଶକ ସିନେମା ଦେଖିବାର ବ୍ୟବସ୍ଥା କରାଯାଇଛି । ଏହା ସହ ୭.୧ ଡଲବି ସାଉଣ୍ଡ, ନେକଷ୍ଟ ଜେନ୍ ୩ଡ ଅନୁଭବ ସହ ଉତ୍କୃଷ୍ଟମାନର ଖାଦ୍ୟ ଏବଂ ସେଲିବ୍ରିଟି ରିକ୍ଲାଇନର୍ସ ରହିଛି । ଏହି ଅବସରରେ ଉତ୍କଳ ବିଲର୍ଡସର ପରିଚାଳନା ନିର୍ଦ୍ଦେଶକ ଶରଦ ବୈଦ କହିଛନ୍ତି ଯେ ଏହି ଯାତ୍ରାର ଅଂଶ ହୋଇଥିବା ସମସ୍ତଙ୍କୁ ଆମେ ଆମର ହୃଦୟରୁ କୃତଜ୍ଞତା ଜଣାଉଛି । ପିଭିଆର ସିନେମାରେ ସିନେମାର ଭବିଷ୍ୟତ ଅନୁଭବ କରିବାକୁ ଆପଣଙ୍କୁ ସ୍ୱାଗତ କରିବାକୁ ଆଶା କରୁଛି । ଆମେ ସିନେମାର କେବଳ କବାଟ ଖୋଲୁ ନାହୁଁ ଆମେ ସିନେମାଟିକ୍ ଉତ୍କର୍ଷର ଏକ ନୂତନ ଯୁଗର ଉନ୍ମୋଚନ କରୁଛୁ, ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିରେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରଦର୍ଶନ କରି ଦର୍ଶକଙ୍କୁ ଭେଟି ଦେଇଛୁ ।

## ଭୂଷଣ୍ଡପୁର ବ୍ରିଗେଡ ସ୍କୁଲରେ ଶିଶୁଦିବସ

ଖୋର୍ଦ୍ଧା, (ସବ୍ୟୁ): ମଣିଷର ସଫଳତା ପାଇଁ ଶଙ୍ଖଳା ଓ ଅନୁଶାସନ ଭାରି ଲୋଡ଼ା। ଛାତ୍ରଛାତ୍ରୀମାନେ ପିତୃମାତୃ ଭକ୍ତ ହେବା ସହ ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବା ଦରକାର। ଭୂଷଣ୍ଡପୁର ବ୍ରିଗେଡ୍ ସ୍କୁଲର ଶିଶୁଦିବସ ଓ ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇ ଅତିଥିମାନେ ଏହି ମର୍ମରେ ପିଲାମାନଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ କୁମର ସାହୁଙ୍କ ଅଧ୍ୟକ୍ଷତାରେ ବିଶିଷ୍ଟ ପରିବେଶବିତ୍ ରାଜକିଶୋର ପାଣିଗ୍ରାହୀ ମୁଖ୍ୟଅତିଥି ଓ ରାଜ୍ୟ ସାଧନ ଶିକ୍ଷକ ଗୋପାଳ ଚନ୍ଦ୍ର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ରାଜ୍ୟ ବ୍ରିଗେଡ ବୋର୍ଡ ସଭାପତି ସତ୍ୟବାଦୀ ବଳିଆରସିଂହ ପୌରୋହିତ୍ୟ କରିଥିଲେ। ଏଥିରେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ମନୋରଂଜନ ଦାସ ମୁଖ୍ୟଅତିଥି ଏବଂ ଅବସରପ୍ରାପ୍ତ ଫ୍ଲାଇଟ୍ ଲେଫ୍ଟନାଂଟ୍ ବିଦ୍ୟାଧର ଲେଙ୍କା, ସାମ୍ବାଦିକ ରାମନାରାୟଣ ଦାଶ, ସଂଗୀତଜ୍ଞ କୁନ୍ତଳା ମଂଗରାଜ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ସୂଚନାଯୋଗ୍ୟ, ବିଗତ ଦୁଇ ବର୍ଷ ଧରି ଭୂଷଣ୍ଡପୁର ବ୍ରିଗେଡ୍ ସ୍କୁଲର ଛାତ୍ରଛାତ୍ରୀମାନେ ମାଟ୍ରିକ୍ ପରୀକ୍ଷାରେ ଟପ୍ପର ହେବା ସହ ପ୍ରତ୍ୟେକ ଏ ଓ ବି ଗ୍ରେଡରେ ଉତୀର୍ଣ୍ଣ ହୋଇଛନ୍ତି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସଂଗୀତଜ୍ଞ କୁନ୍ତଳା ମଂଗରାଜ ଓ ପ୍ରମୋଦ କୁମାର ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟକ୍ଷ ବ୍ରଜବଂଧୁ ସାହୁ ଅତିଥି ପରିଚୟ ଓ ଉପାଧ୍ୟକ୍ଷା ସାଗରିକା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ତୃତୀୟ ଦିନରେ ବିରୋଧୀ କର୍ପୋରେଟରଙ୍କ ଧାରଣା

## ବିଧାୟକ ମୋକିମ, ପ୍ରକାଶଙ୍କ ପ୍ରତିବାଦ ସଭା

କଟକ, (ସବ୍ୟୁ) : କଟକ ମହାନଗର ନିଗମ(ସିଏମସି) ସଭାଗୃହରେ ବିରୋଧୀ କର୍ପୋରେଟରଙ୍କ ଧାରଣା ଆଜି ତୃତୀୟ ଦିନରେ ମଧ ଅବ୍ୟାହତ ରହିଛି । ଏମାନଙ୍କୁ ସମର୍ଥନ ଜଣାଇ ବିଜେପି ଜିଲ୍ଲା ସଭାପତି ପ୍ରକାଶ ବେହେରା ଧାରଣାରେ ବସିଥିବା ବେଳେ ଗୃହ ବାହାରେ ମହାନଗର ନିଗମ ଫାଟକ ନିକଟରେ ବିଧାୟକ ମହମ୍ମଦ ମୋକିମଙ୍କ ପକ୍ଷରୁ ଏକ ପ୍ରତିବାଦ ସଭା ଆରମ୍ଭ କରାଯାଇଛି । ବିରୋଧୀ କର୍ପୋରେଟରମାନଙ୍କ ସମର୍ଥକମାନେ ଏହି ପ୍ରତିବାଦ ସଭାରେ ଯୋଗଦେଇଛନ୍ତି । ସରକାରୀ ଦଳକୁ ହରଡ ଘଣାରେ ପକାଇବା ପାଇଁ ଉଭୟ ବିରୋଧୀ କଂଗ୍ରେସ ଓ ବିଜେପି ପକ୍ଷରୁ ଏହି ସୁଯୋଗର ସଦୁପଯୋଗ କରିବା ପାଇଁ ଯୋଜନା ଜାରି ରହିଛି । ଗତ କାଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ମଧ ଧାରଣାରତ କର୍ପୋରେଟରମାନଙ୍କୁ ଭେଟି ସେମାନଙ୍କୁ ସମର୍ଥନ ଜଣାଇବା ସହ ସରକାରୀ ଦଳକୁ ସମାଲୋଚନା କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ସୋମବାର ସିଏମସି କାଉନସିଲ ବୈଠକ ଚାଲିଥିଲା ବେଳେ ଅର୍ବାନ ହାଟରେ ଦେଖାଦେଇଥିବା ପରିଚାଳନାଗତ ତ୍ରୁଟି, ହାଡିଆ ପଠା ଜମି ଦୁର୍ନୀତି, ବାଲିଯାତ୍ରାରେ ହେଉଥିବା ଖର୍ଚ୍ଚର ସଠିକ୍ ଯାଞ୍ଚ, ଚଳିତବର୍ଷ ବାଲିଯାତ୍ରା ପାଇଁ ଦିଆଯାଇଥିବା କାର୍ଯ୍ୟରେ ଦୁର୍ନୀତି ନେଇ ଆଲୋଚନା ପାଇଁ ବିରୋଧୀ କର୍ପୋରେଟରମାନେ ଦାବି କରିଥିଲେ । ଜଣେ ମହିଳା ଅଧିକାରୀଙ୍କ ଆଚରଣକୁ ନେଇ ବିରୋଧୀ କର୍ପୋରେଟରମାନେ ଆପତ୍ତି ଉପସ୍ଥାପନ କରିଥିଲେ । ମାତ୍ର ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ କରାନଯିବାରୁ ସେମାନେ ପ୍ରତିବାଦ କରିଥିଲେ । ଏଥିରେ ଅନନ୍ୟୋପାୟ ହୋଇ ମେୟର ସୁବାସ ସିଂହ ଓ କମିଶନର ନିଖିଲ ପଓ୍ୱନ କଲ୍ୟାଣ ସଭାଗୃହ ଛାଡି ପଳାଇଥିଲେ । ପରେ ଶାସକ କର୍ପୋରେଟରମାନେ ମଧ ଗୃହ ତ୍ୟାଗ କରିଥିଲେ । ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ଏହାର ପ୍ରତିବାଦରେ ଉଭୟ କଂଗ୍ରେସ ଓ ବିଜେପି କର୍ପୋରେଟରମାନେ କାଉନସିଲ ସଭାଗୃହରେ ଧାରଣାରେ ବସିଛନ୍ତି । ତେବେ ଅଭିଯୋଗରେ କୌଣସି ସତ୍ୟତା ନଥିବା ମେୟର ଶ୍ରୀ ସିଂହ କହିବା ସହ ବିରୋଧୀ କର୍ପୋରେଟରମାନେ କଟକର ବିକାଶକୁ ବିରୋଧ କରୁଛନ୍ତି, ଯାହାକୁ ସାଧାରଣ ଜନତା କେବେ ବରଦାସ୍ତ କରିବେ ନାହିଁ ବୋଲି କହିଥିଲେ ।

## ସିଇଡି ପକ୍ଷରୁ ବିକାଶ ପାଇଁ ଜିଓ-ଇନଫରମେଟିକ୍ସ ଶୀର୍ଷକ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ସେଣ୍ଟର ଫର ଏନଭାଇରନମେଣ୍ଟ ଆଣ୍ଡ ଡେଭଲପମେଣ୍ଟ (ସିଇଡି) ପୂର୍ବାଞ୍ଚଳ କେନ୍ଦ୍ର, ଭୁବନେଶ୍ୱର ପକ୍ଷରୁ ଏଠାରେ ବିକାଶ ପାଇଁ ଜିଓ-ଇନଫରମେଟିକ୍ସ ଉପରେ ଦ୍ୱିଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସିଇଡିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବାବୁ ଅମ୍ବାତ ଏହି କର୍ମଶାଳାକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିଇଡିର ହାଇଦ୍ରାବାଦସ୍ଥିତ ମୁଖ୍ୟ ଜିଆଇଏସ୍ ବିଶେଷଜ୍ଞ ଡକ୍ଟର ଜୟଚନ୍ଦ୍ର କାନାମେଡାଗୁ, ଭୁବନେଶ୍ୱର ସ୍ଥିତ ମୁଖ୍ୟ ଜିଆଇଏସ୍ ବିଶେଷଜ୍ଞ ଡ. ପି.କେ.ଦାସ, ଓଏସଡି-ଚିଫ୍ ଟାଉନ୍ ପ୍ଲାନର୍ ଡ. ଏଲ୍ ପି ପଟ୍ଟନାୟକ ଏବଂ. କିଟ୍ ସ୍କୁଲ ଅଫ୍ ଆର୍କିଟେକ୍ଟର ଆଣ୍ଡ ପ୍ଲାନିଂର ଡକ୍ଟର ପ୍ରିୟଙ୍କା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ସହରାଞ୍ଚଳ ଯୋଜନାଠାରୁ ଆରମ୍ଭ କରି ପ୍ରାକୃତିକ ସମ୍ପଦ ପରିଚାଳନା ପର୍ଯ୍ୟନ୍ତ ଜଟିଳ ସମସ୍ୟାର ସମାଧାନ ପାଇଁ ଜିଆଇଏସ୍ ଅପରିହାର୍ଯ୍ୟ ସାବ୍ୟସ୍ତ ହୋଇଛି । ଏହା ମୂଲ୍ୟବାନ ଡାଟା ଇଣ୍ଟରସାଇଟ୍, ବୈଷୟିକ ଜ୍ଞାନକୌଶଳ ପ୍ରଦାନ କରିଥାଏ ଯାହା ଜୀବନର ଗୁଣବତ୍ତାରେ ଉନ୍ନତି ଆଣିପାରିବ, ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିପାରିବ ଏବଂ ପରିବେଶକୁ ସୁରକ୍ଷା ଦେଇପାରିବ । ଯେହେତୁ ବୈଷୟିକ ଜ୍ଞାନକୌଶଳ ର ଅଗ୍ରଗତି ଜାରି ରହିଛି ଏବଂ ଭୂ-ବିଜ୍ଞାନ ଅଧିକ ଉପଲବ୍ଧ ହେବ, ନିରନ୍ତର ବିକାଶରେ ଏହାର ଭୂମିକା କେବଳ ଅଧିକ ସ୍ପଷ୍ଟ ଏବଂ ପ୍ରଭାବଶାଳୀ ହେବ । ତେଣୁ ଜିଓଇନଫରମେଟିକ୍ସର ବିଭିନ୍ନ ଦିଗ, ବିଶେଷ କରି ବିକାଶ କ୍ଷେତ୍ରରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସର୍ବଦା ଆଲୋଚନା ଏବଂ ବିଚାର ବିମର୍ଶ କରିବାର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ଚାହୁଁଥିବା ଛାତ୍ରଛାତ୍ରୀ, ଅଧାପକ, ରପ୍ତାନି ଅଂଶଗ୍ରହଣକାରୀମାନଙ୍କୁ ଜିଆଇଏସ୍ ଏବଂ ରିମୋଟ୍ ସେନ୍ସିଂ ସମ୍ବନ୍ଧୀୟ ଜ୍ଞାନ ଏବଂ ଅଭ୍ୟାସ ସେୟାର ପାଇଁ ଏକ ସାଧାରଣ ପ୍ଲାଟଫର୍ମକୁ ଆଣିବା ସହିତ ସେମାନଙ୍କୁ ଜିଓଇନ୍ଫର୍ମେଟିକ୍ସର ବିଭିନ୍ନ ଦିଗକୁ ପରିଚିତ କରାଇବା । ପ୍ରାରମ୍ଭରେ ସିଇଡି ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଦୀପ ହରିଚନ୍ଦନ ସ୍ୱାଗତ ଭାଷଣ ଦେବା ସହ କର୍ମଶାଳା ପରିଚାଳନା କରିଥିଲେ ।

## ନାବାଳିକାଙ୍କୁ ଆତ୍ମରକ୍ଷା ପାଇଁ ତାଲିମ

ଭୁବନେଶ୍ୱର(ସବ୍ୟୁ): ଶିଶୁ ଦିବସ ଅବସରରେ ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ କମିଶନରେଟଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ-୨ସ୍ଥିତ ସରକାରୀ କ୍ୟାପିଟାଲ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ଏଥିରେ ନାବାଳିକାମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦିଆଯାଇଛି । ଏହାକୁ ଖୋର୍ଦ୍ଧା ଜିଲ୍ଲା ଓ ଦୌରା ଜଜ ନିଶିଥ ନିଶାଙ୍କ ଓ ପୁଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଉଦଘାଟନ କରିବା ସହ ନାବାଳିକାମାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ପ୍ରଶିକ୍ଷଣ ପ୍ରଦାନ ଦ୍ୱାରା ନିଜ ଜୀବନରେ କୌଣସି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ କରିବା ସହ ଶାରୀରିକ ନିର୍ଯାତନାକୁ ପ୍ରତିରୋଧ କରିବାରେ ସେମାନେ ସଫଳ ହେବେ ।




ଶିଶୁମାନଙ୍କ ଉନ୍ନତି , ସ୍ୱାସ୍ଥ୍ୟ, ଶିକ୍ଷା ଓ ଲୁକ୍କାୟିତ ପ୍ରତିଭାର ବିକାଶ ନିମନ୍ତେ ସାମଗ୍ରିକ ଉଦ୍ୟମ ଲୋଡ଼ା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଉକ୍ତ ଶିବିରରେ ଟ୍ରେନର ଭାବେ ଅନୁପମା ସ୍ୱାଇଁ ଏବଂ ଚିନ୍ମୟୀ ଭୂୟାଁ ପିଲାମାନଙ୍କୁ ଆତ୍ମରକ୍ଷା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସୌଦାମିନୀ ସିଂ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ୧୮ରୁ ରାଗୋତ୍ସବ ୨୦୨୩




ଭୁବନେଶ୍ୱର, (ସବ୍ୟୁ): ଚଳିତ ମାସ ୧୮ ରୁ ୨୦ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ଏବଂ ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ମିଳିତ ଭାବେ ବାର୍ଷିକ ସଙ୍ଗୀତ ମହୋତ୍ସବ (ରାଗୋତ୍ସବ) ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ଦିନ ସନ୍ଧ୍ୟା ୬.୩୦ ରେ ଆରମ୍ଭ ହେବ । ଭାରତର ୬ଟି ବିଭିନ୍ନ ସହରରୁ ଆସୁଥିବା କଳାକାରମାନଙ୍କ ଦ୍ୱାରା ପ୍ରତ୍ୟେକ ସନ୍ଧ୍ୟାରେ ୨ଟି ଉପସ୍ଥାପନା ରହିବ । ପ୍ରତ୍ୟେକ ଦିନର ସଂଗୀତ କାର୍ଯ୍ୟକ୍ରମ ଉପଭୋଗ କରିବା ପାଇଁ ଏହା ସର୍ବସାଧାରଣଙ୍କ ପାଇଁ ଉନ୍ମୁକ୍ତ ରହିବ । ୧୯୬୩ ମସିହାରେ ପ୍ରତିଷ୍ଠିତ, ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ, ଭୁବନେଶ୍ୱର ଏବଁ ନିକଟବର୍ତ୍ତୀ ଅଞ୍ଚଳରେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତକୁ ପ୍ରୋତ୍ସାହିତ କରିଆସୁଅଛି। ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପ୍ରତି ମାସରେ କାର୍ଯ୍ୟକ୍ରମ ଆୟୋଜନ କରିଥାଏ । ସେଥିମଧ୍ୟରୁ ତିନି-ଦିନିଆ ପର୍ବ ଦୁଇଟିବାର୍ଷିକ ସଂଗୀତ ମହୋତ୍ସବ ରାଗୋତ୍ସବ ସାଧାରଣତଃ ନଭେମ୍ବର ମାସରେ ଅନୁଷ୍ଠିତ ହୋଇଥାଏ । ଏଥିରେ ହିନ୍ଦୁସ୍ତାନୀ,କର୍ନାଟିକ୍ ଏବଂ ଓଡ଼ିଶୀ ଧାରାର ଭାରତୀୟ ଶାସ୍ତ୍ରୀୟ ସଂଗୀତ କାର୍ଯ୍ୟକ୍ରମ ଉପସ୍ଥାପନ ହୋଇଥାଏ । ଫେବୃଆରୀରେ ଆୟୋଜିତ ହେଉଥିବା ମହୋତ୍ସବ ଏକ ସୁଫିଆନା ଏବଂ ଭକ୍ତି ସଂଗୀତ ମହୋତ୍ସବ ।

## କିମ୍ସରେ କମ୍ପ୍ୟୁଟର ନେଭିଗେସନ ମେରୁଦଣ୍ଡ ଅସ୍ତ୍ରୋପଚାର

ଭୁବନେଶ୍ୱର, (ସବ୍ୟୁ): କିମ୍ସର ସର୍ଜନମାନେ ଓଡ଼ିଶାରେ ପ୍ରଥମ ଥର ପାଇଁ କମ୍ପ୍ୟୁଟର ନେଭିଗେସନ୍ ପ୍ରକ୍ରିୟାରେ ସଫଳ ମେରୁଦଣ୍ଡ ଅସ୍ତ୍ରୋପଚାର କରିଛନ୍ତି। କିମ୍ସ ସୁପର ସ୍ପେଶାଲିଟି ହସ୍ପିଟାଲର ବିଶେଷଜ୍ଞ ତଥା ଅସ୍ଥିଶଲ୍ୟ ଓ ମେରୁଦଣ୍ଡ ଶଲ୍ୟ ଚିକିତ୍ସକ ଡା. ଜିତେନ୍ଦ୍ର କୁମାର ରାଉତଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର କରାଯାଇଛି। କମ୍ପ୍ୟୁଟର ନେଭିଗେସନ୍ ସହାୟତାରେ ମେରୁଦଣ୍ଡ ନିର୍ଭୁଲ ଅସ୍ତ୍ରୋପଚାର ସହ ସମୟ ପରିଚାଳନା ଓ ରୋଗୀଙ୍କ ପାଇଁ କମ୍ କଷ୍ଟ ଦାୟକ ହୋଇଥାଏ। ସାଧାରଣତଃ ମେରୁଦଣ୍ଡ ଅସ୍ତ୍ରୋପଚାରରେ ଡାକ୍ତରମାନେ ମେରୁଦଣ୍ଡକୁ ଠିକ୍ କରିବା ପାଇଁ ଅନେକ ପେଡ଼ିକଲ ସ୍କ୍ରୁ ବ୍ୟବହାର କରିଥାନ୍ତି। ଏହାକୁ ମାନୁଆଲ ଭାବେ କରାଗଲେ ଏହା ରୋଗୀ ପକ୍ଷେ ଗୁରୁତର ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିବା ସହ ମୃତ୍ୟୁର କାରଣ ମଧ ହୋଇପାରେ। ମାନୁଆଲ ପ୍ରକ୍ରିୟାରେ ପେଡିକଲ ସ୍କ୍ରୁ ବ୍ୟବହାର କରାଗଲେ ୧୬ ପ୍ରତିଶତ ତ୍ରୁଟି ହୋଇପାରେ, କିନ୍ତୁ କମ୍ପ୍ୟୁଟର ନେଭିଗେସନ୍ ସାହାଯ୍ୟରେ ଏହି ଅସ୍ତ୍ରୋପଚାରକୁ ପ୍ରାୟ ତ୍ରୁଟିଶୂନ୍ୟ ଭାବେ କରାଯାଇଥାଏ ବୋଲି ଡା. ରାଉତ ସୂଚନା ଦେଇଛନ୍ତି। କାରଣ ଅସ୍ତ୍ରୋପଚାର ସମୟରେ କୌଣସି ଜଟିଳତା ଏଡ଼ାଇବା ପାଇଁ ଡାକ୍ତର କମ୍ପ୍ୟୁଟର ସ୍କ୍ରିନରେ ସ୍କ୍ରୁର ଗତିବିଧି ଉପରେ ନଜର ରଖିପାରନ୍ତି ବୋଲି ଡା. ରାଉତ କହିଛନ୍ତି।



ସେହିପରି କିମ୍ସ ସୁପର ସ୍ପେଶାଲିଟି ଆଣ୍ଡ କ୍ୟାନସର ସେରର ଫେସିଲିଟି ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ର କହିଛନ୍ତି, ଅନ୍ୟ ପ୍ରକ୍ରିୟା ତୁଳନାରେ କମ୍ପ୍ୟୁଟର ନେଭିଗେସନ୍ ମେରୁଦଣ୍ଡ ଅସ୍ତ୍ରୋପଚାର ଅଧିକ ଫଳପ୍ରଦ ଏବଂ ଏହାକୁ ଏକାଧିକ ଅସ୍ତ୍ରୋପଚାର ପ୍ରକ୍ରିୟାରେ ସଫଳ ଭାବେ ବ୍ୟବହାର କରାଯାଇପାରିବ। ଓଡ଼ିଶାରେ ପ୍ରଥମ ଥର ପାଇଁ କମ୍ପ୍ୟୁଟର ନେଭିଗେସନ୍ ମେରୁଦଣ୍ଡ ଅସ୍ତ୍ରୋପଚାର ନିମନ୍ତେ ମାର୍ଗଦର୍ଶନ ପାଇଁ ଡାକ୍ତର ରାଉତ ଭାରତର ବିଶିଷ୍ଟ ମେରୁଦଣ୍ଡ ସର୍ଜନ ତଥା କିମ୍ସ ସୁପର ସ୍ପେଶାଲିଟି ହସ୍ପିଟାଲର ଡା. ଶଙ୍କର ଆଚାର୍ଯ୍ୟଙ୍କ ବିଷୟରେ ଉଲ୍ଲେଖ କରିଥିଲେ। ଏଭଳି ସଫଳ ଓ ଅତାଧୁନିକ ଅସ୍ତ୍ରୋପଚାର ପାଇଁ କିଟ୍, କିସ୍ ଓ କିମସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡାକ୍ତରୀ ଦଳକୁ ଧନବାଦ ଦେଇଛନ୍ତି।

### ରେଷ୍ଟୋରା କମ କାର୍ବନଯୁକ୍ତ ଆଲୁମିନିୟମକୁ ପ୍ରଥମ ଥର

## ଭାରତରେ ଯୋଗାଣ ଶୁଭାରମ୍ଭ କଲା ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, (ସବ୍ୟୁ): ବେଦାନ୍ତ ଆଲୁମିନିୟମ ଭାରତର ବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ତେଲେଙ୍ଗାନାରେ ଅବସ୍ଥିତ ଏକ ଅଗ୍ରଣୀ ଆଲୁମିନିୟମ ଏକ୍ସଟ୍ରୁଜନ କମ୍ପାନି ଗ୍ଲୋବାଲ ଆଲୁମିନିୟମ ପିଭି ଲିମିଟେଡକୁ ଦେଶର ପ୍ରଥମ ନିମ୍ନ କାର୍ବନଯୁକ୍ତ ସବୁଜ ଆଲୁମିନିୟମ ରେଷ୍ଟୋରାକୁ ପଠାଇଛି। ଅର୍ଡରର ଏକ ଅଂଶ ଭାବରେ କମ୍ପାନି ଗ୍ଲୋବାଲ ଆଲୁମିନିୟମକୁ ୩୦୦ ମେଟ୍ରିକ ଟନ ରେଷ୍ଟୋରା ବିଲେଟ ଯୋଗାଇବ। ଏହି ଘରୋଇ ଉତ୍ପାଦନ ପାଇଁ ଚୁକ୍ତି ଏକ ମାଇଲ ଖୁଂଟ ଅଟେ। ଏହାର ମୂଲ୍ୟ ଶୃଙ୍ଖଳାକୁ ଡିକାର୍ବନାଇଜେସନ କରିବା ଦିଗରେ ଓଡ଼ିଶାର ଝାରସୁଗୁଡ଼ାର ବେଦାନ୍ତ ଆଲୁମିନିୟମର ମେଗା ସ୍ମେଲଟର ପ୍ରମୁଖ ଭୂମିକା ବହନ କରୁଛି। ବେଦାନ୍ତ ଆଲୁମିନିୟମ ଭାରତରେ ପ୍ରଥମ ଅଟେ ଯିଏକି ବିଶ୍ୱରେ ଗ୍ରାହକ ଆଧାରରେ କମ କାର୍ବନଯୁକ୍ତ ଆଲୁମିନିୟମ, ବ୍ରାଣ୍ଡେଡ ରେଷ୍ଟୋରା (ଅଲଟ୍ରା ଲୋ କାର୍ବନ ଆଲୁମିନିୟମ) ପ୍ରଦାନ କରିଥାଏ। ଅକ୍ଷୟ ଶକ୍ତି ବ୍ୟବହାର କରି ଏହି ଉତ୍ପାଦ ଏକ ଟନ ଆଲୁମିନିୟମ ପ୍ରତି ୪ ଟନ ସିଓ୨ ସମାନତା ମଧ୍ୟରେ ଗ୍ରୀନ ହାଉସ ଗ୍ୟାସ ନିର୍ଗମନ ତୀବ୍ରତା ସହିତ ଉତ୍ପାଦିତ, ଯାହା ଆଲୁମିନିୟମ ପାଇଁ ଏକ କମ କାର୍ବନଯୁକ୍ତ ଉତ୍ପାଦ ରୂପେ ପ୍ରମାଣିତ। ରେଷ୍ଟୋରା ଅଲଟ୍ରା ଉତ୍ପାଦରେ କମ କାର୍ବନ ରହିଛି ଯାହା ବିଶ୍ୱରେ ସବୁଠାରୁ କମ।



ଯୋଗାଣ ଚୁକ୍ତିରେ ଗ୍ଲୋବାଲ ଆଲୁମିନିୟମ ନିୟୋଜିତ ରେଷ୍ଟୋରା ବିଲେଟ ବେଦାନ୍ତ ଆଲୁମିନିୟମ ଦ୍ୱାରା ବିଭିନ୍ନ ଏକ୍ସଟ୍ରୁଜନ ପ୍ରୋଫାଇଲରେ ଯୋଗାଇ ଦିଆଯିବ। ଅନ୍ତିମ ଉତ୍ପାଦ ଗୁଡ଼ିକ ଅଟୋମୋବାଇଲ, ବୈଦ୍ୟୁତିକ ସାମଗ୍ରୀ, ବିଲଡିଂ, ନିର୍ମାଣ ଓ ସ୍ଥାପତ୍ୟ, ଏରୋନଟିକ୍ସ, ଏୟାର ହ୍ୟାଣ୍ଡଲିଂ, ନବୀକରଣ ଯୋଗ୍ୟ ଶିଳ୍ପ, ପ୍ରତିରକ୍ଷା, ଅଟୋମେସନ ଓ ଅନ୍ୟାନ୍ୟ ଶିଳ୍ପରେ କଷ୍ଟୋମାଇଜଡ ହୋଇଥିବା ପ୍ରୟୋଗଗୁଡ଼ିକୁ ପୂରଣ କରିବ। ନିଜର ମତ ଦେଇ ଜନ୍ ସ୍ଲାଭେନ୍, ସିଇଓ, ବେଦାନ୍ତ ଆଲୁମିନିୟମ୍ କହିଛନ୍ତି ଯେ ସ୍ଥାୟୀ ଉତ୍ପାଦ ଉପରେ ପ୍ରତିଯୋଗିତା ମୂଳକ ପଦକ୍ଷେପକୁ ନେଇ ବିଶ୍ୱ ସ୍ତରରେ ତଥା ଭାରତରେ ମଧ୍ୟ ଆମର ଗ୍ରାହକଙ୍କ ଉତ୍ସାହର ପ୍ରତିକ୍ରିୟା ଆମେ ଦେଖିବାକୁ ପାଇଛୁ। ଆମର ଏହି ବିଶ୍ୱସ୍ତରୀୟ ରେଷ୍ଟୋରା ପରିସରକୁ ଘରୋଇ ବଜାରରେ ପରିଚିତ କରାଇ ଆମେ ଖୁସୀ। ଏକ ସବୁଜ ଭବିଷ୍ୟତ ହାସଲ ଦିଗରେ ଆମର ଏହି ପଦକ୍ଷେପକୁ ସଫଳ କରିବା ଲାଗି ଆମେ ପ୍ରତିଶ୍ରୁତିବଦ୍ଧ। ଗ୍ଲୋବାଲ ଆଲୁମିନିୟମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଅନୀଲ ଅଗ୍ରୱାଲ କହିଛନ୍ତିଯେ ବେଦାନ୍ତ ଆଲୁମିନିୟମ ହେଉଛି ଉଚ୍ଚ ଗୁଣାତ୍ମକ ସମାଧାନର ଏକ ବିଶ୍ୱସ୍ତ ପ୍ରଦାନକାରୀ ଯିଏକି ଗୁଣମାନର ତଥା ମୂଲ୍ୟଯୁକ୍ତ ଆଲୁମିନିୟମର ଆବଶ୍ୟକତାକୁ ପୂରଣ କରିଥାଏ।

### ଭିଏତନାମର ପ୍ରଥମ ପସନ୍ଦ ଓଡିଶା

# ନୂଆ ସୁଯୋଗ ସଂଧାନରେ ଭିଏତନାମ ର ୨୨ ଜଣିଆ ପ୍ରତିନିଧି ଓଡିଶାରେ

ଭୁବନେଶ୍ୱର, (ସବ୍ୟୁ): ଭିଏତନାମ ଭିନ୍ ଲଙ୍ଗ ପ୍ରଦେଶର ୨୨ ଜଣିଆ ପ୍ରତିନିଧୀ ଦଳ ଓଡିଶା ଗସ୍ତରେ ଆସି ବୟନଶିଳ୍ପ, କୃଷି, ଇଞ୍ଜିନିୟରିଂ, ରାସାୟନିକ ପଦାର୍ଥ, ପ୍ଲାଷ୍ଟିକ୍ ଇତ୍ୟାଦି ବ୍ୟବସାୟରେ ପୁଞ୍ଜି ବିନିଯୋଗର ସୁଯୋଗ ବିଷୟରେ ଅନୁସନ୍ଧାନ କରିଛନ୍ତି । ଏ ନେଇ ଭୁବନେଶ୍ୱରର ୱେଲକମ୍ ହୋଟେଲ ଆଇଟିସିରେ ଭିଏତନାମର ପ୍ରତିନିଧୀ ଏବଂ ଓଡିଶା ସରକାରଙ୍କ ଅଧିକାରୀଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଯାଇଛି ।

ଭିଏତନାମୀ ପ୍ରତିନିଧୀଦଳର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ଉଦ୍ୟୋଗ ଗଠନ ଏବଂ ଅର୍ଥନୈତିକ ପୁଞ୍ଜି ବିନିଯୋଗର ସୁଯୋଗ ଚିହ୍ନଟ କରିବା ସହ ବାଣିଜ୍ୟ ଏବଂ ନିବେଶକୁ ପ୍ରୋତ୍ସାହିତ କରିବା । ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ ସେବା, ତାଲିମ, ଆଇଟି, ପର୍ଯ୍ୟଟନ କ୍ଷେତ୍ରରେ ସହଯୋଗର ବିକାଶ ଉପରେ ବିଶେଷ ଭାବେ ଧ୍ୟାନ ଦେବା । ଏବେ ପାରସ୍ପରିକ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଓଡିଶାରେ ଥିବା ସୁଯୋଗ ସବୁକୁ ଉପଯୋଗ କରିବାକୁ ଚେଷ୍ଟା କରିଛି ଭିଏତନାମ୍ ଦ୍ୱିପାକ୍ଷିକ ବାଣିଜ୍ୟ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ସହ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ବିନିଯୋଗକୁ ରାଜ୍ୟ ପ୍ରତି ଆକର୍ଷିତ କରିବା ପାଇଁ ଏହି ପ୍ରତିନିଧୀ ଦଳ ବିଭିନ୍ନ ଲାଭଜନକ କ୍ଷେତ୍ର ପ୍ରତି ଆଗ୍ରହ ପ୍ରକାଶ




## ରାଜ୍ୟ ସରକାରଙ୍କ ସହଯୋଗରେ କରିପାରନ୍ତି ନିବେଶ

କରିଛନ୍ତି । ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ମୁଖ୍ୟ ସଚିବ ହେମନ୍ତ ଶର୍ମା ବିନ୍ ଲଙ୍ଗ ପ୍ରଦେଶ ପ୍ରତିନିଧି ଦଳକୁ ସ୍ୱାଗତ କରିଥିଲେ । ଓଡିଶାର ଶିଳ୍ପ ଇକୋସିଷ୍ଟମ ଉପରେ ଏକ ବିସ୍ତୃତ ବିବରଣୀ ଉପସ୍ଥାପନା କରିଥିଲେ । ଏଥିସହ ସେ ରାଜ୍ୟର ଶକ୍ତି, ସହଯୋଗ ପାଇଁ ସମ୍ଭାବ୍ୟ କ୍ଷେତ୍ର ଏବଂ ପୁଞ୍ଜି ବିନିଯୋଗ ଏବଂ ବ୍ୟବସାୟ ବିକାଶ ପାଇଁ ଅନୁକୂଳ ପରିବେଶ ଉପରେ ଆଲୋକପାତ କରିଥିଲେ । କେନ୍ଦ୍ରୀୟ ଷ୍ଟାଣ୍ଡିଂ କମିଟିର ସଦସ୍ୟ ତଥା ଭିଏତନାମର ପ୍ରାଦେଶିକ ପାର୍ଟି କମିଟିରଗଣ ଜାଗୃତି ବିଭାଗର ଉପସଭାପତି ନଗୁଏନ୍ ଥି ମିନି ହାନ୍ ବିଶେଷ ଭାବରେ ସମ୍ବୋଧନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା ପ୍ରତିନିଧୀଙ୍କୁ ଭେଟି ବିପର୍ଯ୍ୟୟ ପରିଚାଳନା, କୃଷି ଏବଂ ପରିବର୍ତ୍ତନଶୀଳ ସ୍ୱାସ୍ଥ୍ୟ ବ୍ୟବସ୍ଥା କ୍ଷେତ୍ରରେ ଓଡିଶାସରକାରଙ୍କ ଦ୍ୱାରା କରାଯାଇଥିବା ଦ୍ରୁତ ପ୍ରଗତି ସଂପର୍କରେ ଆଲୋଚନା କରିଥିଲେ । ଏ ଅବସରରେ ଶିଳ୍ପ, ଏମଏସଏମଇ ଏବଂ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଶିଳ୍ପ କ୍ଷେତ୍ରରେ ଓଡିଶାର ପ୍ରଗତୀ ଓ ସହଜରେ ଉପଲବ୍ଧ ସୁଯୋଗ ଉପରେ ଆଲୋକପାତ କରିଥିଲେ । ଓଡ଼ିଶାରେ ନିବେଶକମାନଙ୍କୁ ଆକର୍ଷିତ କରିବା ପାଇଁ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଉପରେ ଗୁରୁତ୍ୱ ଦେଇ ଓଡ଼ିଶାରେ ପୁଞ୍ଜି ବିନିଯୋଗ ଏବଂ ଅଭିବୃଦ୍ଧିର ସମ୍ଭାବନାକୁ ଦର୍ଶାଇଥିଲେ ।

ପରିଶେଷରେ ଇଡ୍ କୋ ଓ ଇପିକଲ୍ ର ପରିଚାଳନା ନିର୍ଦ୍ଦେଶକ ଭୁପେନ୍ଦ୍ର ସିଂ ପୁନିୟା ରାଜ୍ୟରେ ଉପଲବ୍ଧ ଥିବା ସୁଯୋଗ ଏବଂ ସରକାରଙ୍କ ଉଦ୍ୟୋଗ ମାନଙ୍କ ପାଇଁ ଥିବା ସ୍ୱତନ୍ତ୍ର ସୁବିଧା ସୁଯୋଗ ନିବେଶ ପାଇଁ କିପରି ଏକ କ୍ଷେତ୍ର ପ୍ରସ୍ତୁତ କରିଛି ସେ ନେଇ ଆଲୋକପାତ କରିଥିଲେ । ଏହି ଅବସରରେ ଓଡିଶା ଏବଂ ଭିଏତନାମର ପ୍ରତିନିଧୀ ମାନେ ନୂତନ ସୁଯୋଗକୁ ଅନୁସନ୍ଧାନ କରିବା ସହ ପାରସ୍ପରିକ ଅଭିବୃଦ୍ଧି ଏବଂ ସମୃଦ୍ଧତା ଦିଗରେ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ ।



'କାଳିଆ' ହିତାଧିକାରୀଙ୍କ ସହ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଲୋଚନା କରୁଛନ୍ତି

# ଡ୍ରିମ୍ସ ହେଲା ବିଶ୍ୱବିଦ୍ୟାଳୟ

କଟକ, (ସ୍ୱ.ପ୍ର): ରାଜ୍ୟର ଅନ୍ୟତମ ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ 'ଡ୍ରିମ୍ସ'କୁ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରିଛନ୍ତି । ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ନଂ ୮୫୭୩ ତା ୧୫ ତାରିଖ ଅନୁଯାୟୀ ଡ୍ରିମ୍ସ ଆଜି ଠାରୁ ବିଶ୍ୱବିଦ୍ୟାଳୟ ଭାବରେ ପରିଗଣିତ ହୋଇଛି । ଏହା ଫଳରେ ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ, ଡାକ୍ତରୀ, ନର୍ସିଂ ଏବଂ ଅନ୍ୟ ସହାୟକ ପାଠ୍ୟକ୍ରମରେ ଉଚ୍ଚତର ଗୁଣାତ୍ମକ ଶିକ୍ଷାଦାନ, ଗବେଷଣା ଓ ଦକ୍ଷତା ବିକାଶ କ୍ଷେତ୍ରରେ ଅନୁକୂଳ ପରିବେଶ ଓ ସୁଯୋଗ ସୃଷ୍ଟି ହେବା ସହିତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂତନ ପାଠ୍ୟକ୍ରମ ପ୍ରଚଳନ ସମ୍ଭବ ହେବ । ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟ ଭଳି ଏଠାରେ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା ଜରିଆରେ ଛାତ୍ରଛାତ୍ରୀମାନେ ନାମ ଲେଖାଇବା ଓ ନିଜସ୍ୱ ପରୀକ୍ଷା ପରିଚାଳନା ବ୍ୟବସ୍ଥା ରହିବ । ଗ୍ରାମାଞ୍ଚଳ ଭିତ୍ତିଭୂମିରେ ଗଢି ଉଠିଥିବା ଏହି ଶିକ୍ଷାନୁଷ୍ଠାନ ବିଶ୍ୱବିଦ୍ୟାଳୟରେ ପରିଣତ ହେବାର ସ୍ୱପ୍ନ ସାକାର ହୋଇଥିବାରୁ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ, ଶିକ୍ଷାପ୍ରେମୀ ଓ ଜିଲ୍ଲାବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇବା ସଙ୍ଗେସଙ୍ଗେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କରାଯାଇଛି । ଏଭଳି ମର୍ଯ୍ୟାଦାଜନକ ସ୍ୱୀକୃତି ମିଳିଥିବାରୁ ଓଡିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ବିଭାଗର ସମସ୍ତ କର୍ମକର୍ତ୍ତାଙ୍କୁ 'ଡ୍ରିମ୍ସ'ର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କୃତଜ୍ଞତା ଜଣାଇଛନ୍ତି ।

### ୭୦ତମ ସମବାୟ ସପ୍ତାହ ରାଜ୍ୟ ମହୋତ୍ସବ

# ଭିତ୍ତିଭୂମି ଉନ୍ନତି ପାଇଁ ପ୍ରତ୍ୟେକ ପାକ୍ସକୁ ୨୫ ଲକ୍ଷ: ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ସମବାୟ ଏକ ଆନ୍ଦୋଳନ ଏବଂ ଆମ ରାଜ୍ୟରେ ଏହା ସଶକ୍ତ ହୋଇଛି । ୫-'ଟି' ଉପକ୍ରମରେ କୃଷକକୈନ୍ଦ୍ରିକ ଆର୍ଥିକ ସଂସ୍ଥାଗୁଡ଼ିକର କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ପାକ୍ସ ଓ ଲାମ୍ପସ୍‌ଗୁଡ଼ିକରେ କମ୍ପ୍ୟୁଟରୀକରଣ ହେବାରେ ଓଡ଼ିଶା ଭାରତର ପ୍ରଥମ ରାଜ୍ୟ ବୋଲି ବିଜ୍ଞାନ ଓ କାରିଗରୀ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି । ୭୦ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ଆୟୋଜିତ ରାଜ୍ୟ ମହୋତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା ଓଡ଼ିଶାର ସମବାୟ ସଂସ୍ଥାଗୁଡ଼ିକ ଅଧିକ ପ୍ରେରଣାଦାୟୀ ହେବା ପାଇଁ ପରାମର୍ଶ ଦେଇଛନ୍ତି । ରାଜ୍ୟ ସମବାୟ ବିଭାଗ ଓ ରାଜ୍ୟ ସମବାୟ ୟୁନିୟନ୍‌ର ମିଳିତ ଉଦ୍ୟମରେ ଆୟୋଜିତ ଏହି ରାଜ୍ୟ ମହୋତ୍ସବରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ଉଚ୍ଚଶିକ୍ଷା, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ ରାଜ୍ୟର ସମବାୟ ଅନୁଷ୍ଠାନଗୁଡ଼ିକର ଅଭିବୃଦ୍ଧି ନିମନ୍ତେ ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା କରାଯାଉଛି । ରାଜ୍ୟର କୃଷକ, ବୁଣାକାର, କ୍ଷୁଦ୍ର ବ୍ୟବସାୟୀ ଓ ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକଙ୍କ




ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ରାଜ୍ୟ ସମବାୟ ବିଭାଗ କାର୍ଯ୍ୟକରୁଛି । ନିଜସ୍ୱ ଜମି ଥିବା ପାକ୍ସ ଓ ଲାମ୍ପସ୍‌ଗୁଡ଼ିକୁ ଭିତ୍ତିଭୂମି ଉନ୍ନତି ପାଇଁ ୨୫ ଲକ୍ଷ ଟଙ୍କା ଲେଖାଏଁ ଯୋଗାଇ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ସମବାୟ ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି ଟି. ପ୍ରସାଦ ରାଓ ଦୋରା, ରାଜ୍ୟ ସମବାୟ ୟୁନିୟନ୍‌ର ସଭାପତି ସୁଶ୍ରୀ ପ୍ରବାସିନୀ ଷଡଙ୍ଗୀ ବକ୍ତବ୍ୟ ରଖିଥିଲେ ।

## ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ନାମରେ ମୋକଦ୍ଦମା

ଖୋର୍ଦ୍ଧା, (ସବ୍ୟୁ): ବେଗୁନିଆ ବୋଲଗଡ଼ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ନାମରେ ଖୋର୍ଦ୍ଧା ଏସଡିଜେଏମ୍ କୋର୍ଟ ରେ ଏକ ମୋକଦ୍ଦମା ରୁଜୁ କରାଯାଇଛି । ଖୋର୍ଦ୍ଧା ପୌରାଂଚଳ ର ୧୫ନଂ ୱାର୍ଡ ର ଉପେନ୍ଦ୍ର କୁମାର ରାଉତରାୟ ନାମକ ଜଣେ ବ୍ୟକ୍ତି ଏହି ମୋକଦ୍ଦମା କରିଛନ୍ତି। ବିଧାୟକ ଶ୍ରୀ ସାହୁ ନିର୍ବାଚନରେ ଅନିୟମିତତା କରିଥିବାର ଅଭିଯୋଗ କରାଯାଇଛି। ସେ ବିଧାୟକ ପାଇଁ ୨୦୧୯ ନିର୍ବାଚନ ରେ ପାର୍ଥି ପତ୍ର ଦାଖଲ କରିବା ସମୟରେ ଦେଇଥିବା ତଥ୍ୟ ମିଥ୍ୟା ଅଟେ ବୋଲି ଅଭିଯୋଗକାରୀ ଦର୍ଶାଇଛନ୍ତି। ଏହି କେସ ରେ ଖୋର୍ଦ୍ଧା ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ, ବିଜେବି ହାଇସ୍କୁଲ ପ୍ରଧାନ ଶିକ୍ଷକ, ଓଡ଼ିଶା ବୋର୍ଡ ଅଧିକାରୀ ପ୍ରମୁଖ ଙ୍କୁ ସାକ୍ଷୀ ରୂପେ ଦର୍ଶାଯାଇଛି ।

# ପିକକ୍ ଶିଶୁମେଳାର ଦ୍ୱିତୀୟ ସନ୍ଧ୍ୟା

ଭୁବନେଶ୍ୱର, (ସବ୍ୟୁ): ପିପୁଲସ୍ କଲ୍ଚରାଲ ସେଣ୍ଟର (ପିକକ୍) ପକ୍ଷରୁ ଏକାମ୍ର ହାଟରେ ଚାଲିଥିବା ସାତଦିନ ବ୍ୟାପୀ ଶିଶୁମେଳାର ଏହା ଥିଲା ଦ୍ୱିତୀୟ ଦିବସ । ଦ୍ୱିତୀୟ ଦିନ ଅପରାହ୍ଣରେ ବେବି ଅଫ୍ ଦ ଇୟର ଓ ସନ୍ଧ୍ୟାରେ ପିଲାମାନଙ୍କ ଦ୍ୱାରା ଆବୃତି ପ୍ରତିଯୋଗିତାର ଆୟୋଜନ ହୋଇଥିଲା । କୁନିକୁନି ପିଲାଙ୍କ ମଧ୍ୟରେ ଅୟୋଜିତ ଏହି ଶିଶୁମେଳାର ଆକର୍ଷଣ ଥିଲା ବେବି ଅଫ୍ ଦ ଇୟର ପ୍ରତିଯୋଗିତା । କୁନି କୁନି ପିଲାଙ୍କ ମୁଖରେ ସଚେତନତାର ବାର୍ତ୍ତା ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା । ଏଥିରେ ଡାକ୍ତର ପୁରୁଣିମା ପ୍ରଧାନ, ମହିଳା ଓ ଶିଶୁ ବିଭାଗର ପରାମର୍ଶଦାତା ମଧୁମିତା ଦାସ, ମନୋବିଜ୍ଞାନୀ ଡ. ମିତାଲି ମହାନ୍ତି, ଡାକ୍ତର ସୁଧୀର ଚନ୍ଦ୍ର ଦାସ, ସମାଜସେବୀ ଉଷାରାଣୀ ବେହେରା, ଓଡିଶୀ ନୃତ୍ୟାଙ୍ଗନା ଅନ୍ନପୂର୍ଣ୍ଣା ମୁଦୁଲି, ସିନ୍ଧୁଜା ପତ୍ରିକାର ସମ୍ପାଦିକା ଶର୍ମିଳା ସାହୁ, ବରିଷ୍ଠ ସାମ୍ବାଦିକ ଡ. ମାଧବାନନ୍ଦ ବେହୁରା, ସିଆରଏସ୍ ମନୋରଞ୍ଜନ ଦାସ ବିଚାରକ ଓ ଅତିଥି ଭାବେ ଯୋଗଦେଇଥିଲେ । ଶିଶୁମେଳା କମିଟିର ଅଧକ୍ଷ ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ କୁମାର ପଟ୍ଟନାୟକ, ସମ୍ପାଦକ ରଞ୍ଜନ ମହାନ୍ତି, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।




# ଡମ୍ବରୁର ନିଆରା ପ୍ରୟାସ, 'ଡମ୍ବରୁ ପାଠଶାଳା ଓ ସିଡିସି' ଉଦ୍‌ଘାଟିତ

କଟକ, (ସ.ବ୍ୟୁ) : ଆନିମେଟେଡ୍ ଆପ୍ ଜରିଆରେ କୁନି କୁନି ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରିବାକୁ ପ୍ରୟାସ ଜାରି ରଖିଥିବା ଡମ୍ବରୁ ଶିଶୁ ଦିବସ ଅବସରରେ ଆରମ୍ଭ କରିଛି ତାର 'ଡମ୍ବରୁ ପାଠଶାଳା' । ଡମ୍ବରୁ ପାଠଶାଳା ନାମରେ ନାମିତ ଏହି ପାଠ୍ୟକ୍ରମର ବ୍ରାଣ୍ଡ ଆମ୍ବାସାଡାର ଭାବେ ଓଡ଼ିଆ ଚଳଚ୍ଚିତ୍ର କଳାକାର ଶୁଭାଶିଷ ଶର୍ମା ନିଯୁକ୍ତ ହୋଇଛନ୍ତି । ବିଶେଷକରି ବିଭିନ୍ନ ଓଡିଆ ଓ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଗୁଡିକରେ କୁନି କୁନି ପିଲାମାନଙ୍କୁ କିଭଳି ସହଜରେ ଇଂରାଜୀ, ହିନ୍ଦି ଓ ଓଡିଆ ଭାଷାରେ ପାରଦର୍ଶିତା ଲାଭ କରି ଜ୍ଞାନ ଆହରଣ କରି ପାରିବେ ତାହା ହେଉଛି ଡମ୍ବରୁ ପାଠଶାଳାର ମୁଳଲକ୍ଷ୍ୟ ବୋଲି ଏହାର ପ୍ରତିଷ୍ଠାତା ସମ୍ୟକ ମହାନ୍ତି କହିଛନ୍ତି । ଏତଦବ୍ୟତୀତ ୨୦୨୦ବର୍ଷର ସିବିଏସଇର ନୂତନ ପାଠ୍ୟଖସଡା ଏବଂ ଏନସିଏଫର ନିର୍ଦ୍ଦେଶାବଳୀ ଅନୁଯାୟୀ ଡିଜିଟାଲ ମାଧ୍ୟମରେ ବିଦ୍ୟାର୍ଥୀ ମାନଙ୍କୁ ସହଜ ଜ୍ଞାନ ପ୍ରଦାନ କରିବା ଡମ୍ବରୁ ପାଠଶାଳାର ନୂତନ ପ୍ରୟାସ । କେବଳ ସେତିକି ନୁହେଁ ଆନିମେଟେଡ୍ ଆପ୍ ବ୍ୟତିରକେ ଡମ୍ବରୁ ପକ୍ଷରୁ 'ଜାଦୁଇ ପିଟାରା' ଲରନିଙ୍ଗ କିଟସ୍‌ରେ ବୁକସ୍ ଓ ୱାର୍କସିଟ୍ ମଧ୍ୟ ପ୍ରଦାନ କରାଯାଉଥିବା ଡମ୍ବରୁର ପ୍ରତିଷ୍ଠାତା ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ସେଣ୍ଟ ଜାଭିୟର୍ସ ପର୍ପଲ ଟର୍ଟଲ ଇଣ୍ଟରନ୍ୟାସନାଲ ସ୍କୁଲ କଲେଜଛକ ଠାରେ 'ଡମ୍ବରୁ ପାଠଶାଳା ଓ ସିଡିସି'କୁ ଚଳଚ୍ଚିତ୍ର ତାରକା ଶୁଭାଶିଷ ଶର୍ମା ଓ ଅନିଶା ଶର୍ମା ଆନୁଷ୍ଠାନିକ ଭାବେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉଦଘାଟିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷା ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଶେଷରେ ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ଅନୁଷ୍ଠିତ 'ବାଲ୍‌ମେଲା' ରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ନିର୍ଦ୍ଦେଶକ ପ୍ରଭୁଚରଣ ମହାନ୍ତି ପୁରସ୍କୃତ କରିଥିଲେ ।




## ରାଜପଥ ଫୁଟ ଓଭରବ୍ରିଜ ଓ ଅଣ୍ଡର ପାସ୍ ଉଦ୍‌ଘାଟିତ

ଯାଁଳା, (ସବ୍ୟୁ): ଯାଆଁଳା ପଞ୍ଚାୟତ ରେ ଦୁଇଟି ଜାତୀୟ ରାଜପଥ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି । ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଏହାକୁ ଉଦଘାଟନ କରିଛନ୍ତି । ଯାଁଳା ପଞ୍ଚାୟତ ଓଗଳପଡା ସରକାରୀ ବିଦ୍ୟାଳୟ ସମ୍ମୁଖରେ ଏକ କୋଟି ୨୫ ଲକ୍ଷ ବ୍ୟୟ ବରାଦରଜ ନିର୍ମାଣ ହୋଇଥିବା ଫୁଟ ଓଭର ବ୍ରିଜ ଓ ଅନ୍ୟଟି ହେଉଛି କୃଷ୍ଣଚନ୍ଦ୍ର ସରକାରୀ ଉଚବିଦ୍ୟାଳୟ, ମୁଣ୍ଡମୁହାଣ ନିକଟରେ ଭେହିକିଲ ଅଣ୍ଡର ପାସ୍ । ୧୬ ନମ୍ବର ଜାତୀୟ ରାଜପଥର ସଂପ୍ରସାରଣ କାମ ଚାଲୁଥିବାରୁ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ରାସ୍ତା ପାରି ହେବାରେ ବହୁ ସମସ୍ୟା ହେଉଥିଲା । ତେଣୁ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ସୁବିଧା ପାଇଁ ନିର୍ମିତ ଏହି ଦୁଇଟିର ଭିତ୍ତିପ୍ରସ୍ତର ଗତ ବର୍ଷ ଏହି ଶିଶୁ ଦିବସ ରେ ରଖିଥିବା ବେଳେ, ଠିକ ଏକ ବର୍ଷ ପରେ ସେ ଉକ୍ତ ପ୍ରକଳ୍ପ ଦ୍ୱୟ ଉଦ୍‌ଘାଟିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ଯାଆଁଳା ପଞ୍ଚାୟତର ବିଭିନ୍ନ ଗ୍ରାମରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗ୍ରାମବାସୀ ମାନେ ଯୋଗଦେଇଥିଲେ । ଏଥିସହ ଜଟଣୀ ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥି ବିଶ୍ୱରଞ୍ଜନ ବଡ଼ଜେନା ଓ ଭାରତୀୟ ତୈଳ ନିଗମ ନିର୍ଦ୍ଦେଶକ ସୁଦୀପ୍ତ ରାୟ ଓ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ)ର ପ୍ରକଳ୍ପ ନିର୍ଦ୍ଦେଶକ ଦିବ୍ୟାଂଶୁ କୁମାର ଆଦି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।




# ଯୋଡାଠାରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନ



ଭୁବନେଶ୍ୱର, (ସବ୍ୟୁ): ଯୋଡା ପୌରପାଳିକାର କଳାପାହାଡ ଛକରେ ସ୍ୱାଧୀନତା ସଂଗ୍ରାମୀ ତଥା କିମ୍ବଦନ୍ତୀ ଆଦିବାସୀ ନେତା ଭଗବାନ୍ ବିର୍ସା ମୁଣ୍ଡାଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି । ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଦ୍ୱାରା ସ୍ଥାପିତ ଏହି ପ୍ରତିମୂର୍ତ୍ତିର ଉଚ୍ଚତା ୭ ଫୁଟ ଏବଂ ଏହା କଳା ଗ୍ରାନାଇଟ୍ ପଥରରେ ନିର୍ମିତ । ଏହି ପ୍ରତିମୂର୍ତ୍ତିକୁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି) ର ଚେୟାରମ୍ୟାନ୍ ନବୀନ ଜିନ୍ଦଲ, ବରିଷ୍ଠ ସାମାଜସେବୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଏବଂ ଜେଏସପି ଫାଉଣ୍ଡେସନର ଚେୟାରପର୍ସନ୍ ଶାଲୁ ଜିନ୍ଦଲ ଉନ୍ମୋଚନ କରିଥିଲେ ।

ଉପସ୍ଥିତ ଶତାଧିକ ଆଦିବାସୀ ତଥା ସ୍ଥାନୀୟ ଲୋକଙ୍କୁ ସମ୍ବୋଧିତ କରି ଶ୍ରୀ ଜିନ୍ଦଲ କହିଥିଲେ, ମହାନ ବିର୍ସା ମୁଣ୍ଡାଙ୍କ ଜୀବନୀ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ । ମୁଁ ଆଶା କରୁଛି ଦେଶ ଗଠନ ଏବଂ ଆଦିବାସୀ ସମାଜର ବିକାଶ ନିମନ୍ତେ ଏହି ପ୍ରତିମୂର୍ତ୍ତୀ ସର୍ବଦା ଆଜିର ଯୁବ ସମଜକୁ ଅନୁପ୍ରାଣିତ କରିବ । ସେ କହିଥିଲେ ଯେ, ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ସର୍ବଦା ସ୍ଥାନୀୟ ସଂସ୍କୃତି ଏବଂ ସମ୍ପ୍ରଦାୟର ବିକାଶରେ ବିଶ୍ୱାସ କରିଥାଏ । ଆମେ ଆଦିବାସୀ ସମ୍ପ୍ରଦାୟର ବହୁମୁଖୀ ବିକାଶ ତାହୁଁ ଏବଂ ସାସ୍ଥ୍ୟ, ଶିକ୍ଷା, କ୍ରୀଡା, ଦକ୍ଷତା ବିକାଶ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଆମେ ଜନସାଧାରଣଙ୍କ ବିକାଶ ଉପରେ କାର୍ଯ୍ୟ କରୁଛୁ । ଯୋଡା ପୌରପାଳିକାର କଳାପାହାଡ ଛକର ନାମ ବୀର ବିର୍ସା ମୁଣ୍ଡାଙ୍କ ନାମରେ ନାମକରଣ କରିବାକୁ ପଦ୍ମଶ୍ରୀ ତୁଳାସୀ ମୁଣ୍ଡା ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଯୋଡା ପୌରପାଳିକାର ଅଧକ୍ଷ ଜଗଦୀଶ ପ୍ରସାଦ ସାହୁ, ଜେଏସପିରେ ସ୍କୁରି ଆଣ୍ଡ କଞ୍ଚାମାଲର ମୁଖ୍ୟ ଆଶିଷ ପାଣ୍ଡେ, ସିଏସ୍‌ଆରର ସଭାପତି ତଥା ଗ୍ରୁପ୍ ହେଡ୍ ପ୍ରଶାନ୍ତ କୁମାର ହୋତା ଉପସ୍ଥିତ ଥିଲେ ।

# ଦେବଗିରି ଆଶ୍ରମର ସନ୍ଥଙ୍କୁ ମରଣାତ୍ମକ ଆକ୍ରମଣ



ରାୟଗଡା,(ସବ୍ୟୁ): ରାୟଗଡ଼ା ଜିଲ୍ଲା କଲ୍ୟାଣ ସିଂହପୁର ବ୍ଲକ ସ୍ଥିତ ଦେବଗିରୀ ଶୈବପୀଠ ଆଶ୍ରମରେ ରହୁଥିବା କ୍ରାନ୍ତିକାରୀ ସନ୍ଥ ତଥା ସନ୍ନ୍ୟାସୀ ସ୍ବରୁପାନନ୍ଦ ଗିରି ଓରଫ ସରୋଜ କୁମାର ନାୟକଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ମରଣାନ୍ତକ ଆକ୍ରମଣ ହୋଇଛି । କଲ୍ୟାଣ ସିଂହପୁର ସଦର ମହକୁମାରେ ଜନୈକ ବ୍ୟକ୍ତି ମରଣାତ୍ମକ ଆକ୍ରମଣ କରିଥିବା ନେଇ କଲ୍ୟାଣ ସିଂହପୁର ଥାନାରେ ଏତଲା ଦିଆଯାଇଛି। ସୁଚନା ମୁତାବକ ସନ୍ଥ ସ୍ବରୁପାନନ୍ଦଜୀ ଉକ୍ତ ଆଶ୍ରମରେ ରହି ସେହି ଅଞ୍ଚଳରେ ସଚେତନ କରିବା ସହ ଗୋ ସେବା, ଅନ୍ଧବିଶ୍ବାସ ବିରୁଦ୍ଧରେ ସଚେତନ କରିବା ଭଳି ଜନହିତକର କାର୍ଯ୍ୟ କରି ଆସୁଛନ୍ତି । ସନ୍ଥ ଜଣକ କୌଣସି କାମରେ କଲ୍ୟାଣସିଂହପୁର ସଦର ମହକୁମା ଯାଉଥିବା ସମୟରେ ପ୍ରଥମେ ରାସ୍ତା ଉପରେ ଅଟକାଇ ଅଭଦ୍ର ଓ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ପରେ ତାଙ୍କୁ ଉକ୍ତ ବ୍ୟକ୍ତି ଜଣକ ୱେଲ୍ଡିଂ ଦୋକାନରେ ଏକ ଲୁହା ଛଡରେ ମୁଣ୍ଡ ପଛପଟକୁ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ବରୁପାନନ୍ଦଜୀ ଗୁରୁତର ଅବସ୍ଥାରେ ସ୍ଥାନୀୟ ପୋଲିସ ସହାୟତାରେ ଗୋଷ୍ଠୀ ସ୍ବାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ । ସେଠାରେ ଡାକ୍ତର ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଯୋଗୁଁ ଗୁରୁତର ଥିବା ହେତୁ ପରୀକ୍ଷା ଓ ଉଚ୍ଚ ଚିକିତ୍ସା ପାଇଁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନନ୍ତରିତ କରିବାକୁ କହିଥିଲେ । ଫଳରେ ସ୍ବରୁପାନନ୍ଦଙ୍କୁ ଆମ୍ବୁଲାନ୍ସ ଯୋଗେ ଗୁରୁତର ଅବସ୍ଥାରେ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। କୌଣସି ଏକ ବଡ ଷଡ଼ଯନ୍ତ୍ର କରି ଆକ୍ରମଣ ହୋଇଥିବା ସନ୍ଦେହ ପ୍ରକାଶ କରିଛନ୍ତି ସନ୍ଥ । ଯାହାକି ସେ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି । ଏହାର ନିରପେକ୍ଷ ତଦନ୍ତ କରି ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ବିଭିନ୍ନ ସଂଗଠନ ତଥା ବୁଦ୍ଧିଜୀବି ମହଲରୁ ଦାବି ହେଉଥିବା ବେଳେ ଏନେଇ ବିଭିନ୍ନ ଗ୍ରାମରେ ଥିବା ଧାର୍ମିକ ଅନୁଷ୍ଠାନ ମେଳି ବାନ୍ଧିବା ସହ ବିଭିନ୍ନ ଗ୍ରାମରୁ ଭକ୍ତମାନେ ଦେବଗିରୀ ଆସୁଥିବା ନେଇ ସୂଚନା ମିଳିଛି। ଏହି ଘଟଣା ପରେ ଶିଶୁ ମଙ୍ଗଳ ସମିତି ଅଧକ୍ଷା ବିଦ୍ୟୁଲତା ହୁଇକା ନିନ୍ଦା କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛନ୍ତି। ସଂଘର ପ୍ରାନ୍ତ ପ୍ରଚାରକ ଦୀପକ ରାଉତ, ସକ୍ଷମର ଶ୍ୟାମ ଦାସ, ବରିଷ୍ଠ ସାମ୍ବାଦିକ ଡଃ ବାଦଲ କୁମାର ତା ସହ ବିଭିନ୍ନ ସ୍ବାଧୁ ସନ୍ଥ ମାନେ ଉପସ୍ଥିତ ରହି ଚିକିତ୍ସା ପାଇଁ ସହଯୋଗ କରିଥିଲେ।

# ୫୯ତମ ମହାବୀର ମହୋତ୍ସବ ଉଦ୍‌ଯାପିତ




ଭବାନୀପାଟଣା,(ସବ୍ୟୁ): ସ୍ଥାନୀୟ ମହାବୀର ରଙ୍ଗମଞ୍ଚରେ ସପ୍ତାହ ବ୍ୟାପୀ ଚାଲିଥିବା ମହାବୀର ମହୋତ୍ସବ ୨୦୨୩ ଉଦଯାପିତ ହୋଇଯାଇଛି । ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଶାନ୍ତନୁ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ବାଗତ ଭାଷଣ ପ୍ରଦାନ କରିଥିଲେ ସଂପାଦକ ସତ୍ୟନାରାୟଣ ସିଂହ ଓ ସଂଯୋଜନା କରିଥିଲେ ଯୁଗ୍ମ ସଂପାଦକ ସଂଜୀବ କୁମାର ସିଂହ । କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ କଳାହାଣ୍ଡି ବିଶିଷ୍ଟ ସଂସ୍କୃତି ସଂଗଠକ ଶାରଳା ସମ୍ମାନରେ ସମ୍ମାନୀତ ଜୟନ୍ତ କୁମାର ବେହେରା ଓ ଅନୁଷ୍ଠାନର ଉପସଭାପତି ସଞ୍ଜୟ କୁମାର । ମୁଖ୍ୟ ଅତିଥି ଭାବରେ ରାଜ୍ୟସଭା ସାଂସଦ ସୁଜିତ କୁମାର, ଉଦ୍ଘାଟକ ଭାବରେ ଓଡିଶା ସଂଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ କୁମାର ଯୋଗଦେଇଥିଲେ । ଚଳିତ ବର୍ଷ ମର୍ଯ୍ୟାଦା ଜନକ ମହାବୀର ସମ୍ମାନ ୨୦୨୩ କଳାହାଣ୍ଡି ଜିଲ୍ଲା ତଥା ଓଡିଶାର ସୁନାମଧନ୍ୟ ସଂସ୍କୃତି ସଂଗଠକ ଜୟନ୍ତ କୁମାର ବେହେରା ପ୍ରଦାନ କରାଯାଇଥିବା ବେଳେ ରାଜ୍ୟସ୍ତରୀୟ ପ୍ରଫେସର ଭୁବନେଶ୍ୱର ବେହେରା ସାହିତ୍ୟ ସମ୍ମାନ ଅମରେଶ ବିଶ୍ୱାଳ, ଭୁବନେଶ୍ୱର, ନାଟ୍ୟରଶ୍ମି ପ୍ରଫୁଲ୍ଲରଥ ନାଟ୍ୟ ସମ୍ମାନ ନାଟ୍ୟକାର ନିର୍ଦ୍ଦେଶକ ମନୋଜ ରଥଙ୍କୁ ନଗଦ ଅର୍ଥ ରାଶି, ମାନପତ୍ର, ଉପଢୌକନ ଓ ଟ୍ରଫି ଦେଇ ପ୍ରଦାନ କରାଯାଇଥିଲା । ସେହିଭଳି ସୁଗୃହିଣି ସମ୍ମାନରେ ସୁଜାତା ପ୍ରଧାନ, ବିଭିନ୍ନ କ୍ଷେତ୍ରରେ କଳାହାଣ୍ଡିକୁ ଗର୍ବିତ କରିଥିବା ବରିଷ୍ଠ ସଂଗୀତଜ୍ଞ ସୁଧିର ରଞ୍ଜନ ପଣ୍ଡା, କୃତୀ ସଭ୍ୟ ସୁଶାନ୍ତ ସିଂହ, ମହାବୀର ଯୁବ କଳାକାର ସମ୍ମାନ ୨୦୨୩ ସୁଶ୍ରୀ ମୌଶୁମି ସୁନାନୀ, ବିଶିଷ୍ଟ ବାଦ୍ୟକାର ଓ ସଂଗୀତ ନାଟକ ଏକାଡେମୀ ଦ୍ୱାରା ସମ୍ମାନୀତ ପ୍ରଦୀପ ସିଂହଙ୍କୁ ପ୍ରଦାନ କରାଯାଇଥିବା ବେଳେ ସ୍ୱତନ୍ତ୍ର ସମ୍ମାନ ବିଜୟ କୁମାର ସାହୁଙ୍କୁ ପ୍ରଦାନ କରାଯାଇଥିଲା । ୧୯୬୪ ମସିହା ନଭେମ୍ବର ୧୪ ତାରିଖରେ ଜନ୍ମଲାଭ କରିଥିବା ମହାବୀର ସାଂସ୍କୃତିକ ଅନୁଷ୍ଠାନ ତାର ସ୍ୱନକ୍ଷତ୍ରକୁ ପ୍ରତ୍ୟେକ ବର୍ଷ ସପ୍ତାହବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ମହାବୀର ମହୋତ୍ସବ ନାମରେ ପାଳନ କରିଥାଏ । ୭ ଦିନ ଧରି ଚାଲୁଥିବା ଏହି ଉତ୍ସବ ସମୟରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରାଥମିକ ସ୍ତରରୁ ଆରମ୍ଭ କରି କଲେଜ ସ୍ତର ପର୍ଯ୍ୟନ୍ତ ପ୍ରବନ୍ଧ, କଣ୍ଠ ସଂଗୀତ, ବକ୍ତୃତା, ନୃତ୍ୟ, ଚିତ୍ରକଳା, କୁଇଜ୍ ସହ ମହିଳା ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଉଛି । ଏହି ଅବସରରେ ଜାତୀୟ ଶିଶୁ ଚିତ୍ରକଳା ସହ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ସମ୍ମାନୀତ କରାଯାଉଛି ।

**ମହାବୀର ସମ୍ମାନ ପାଇଲେ ଜୟନ୍ତ ବେହେରା**

**ଅମରେଶ ବିଶ୍ୱାଳଙ୍କୁ ପ୍ରଫେସର ଭୁବନେଶ୍ୱର ବେହେରା ସାହିତ୍ୟ ସମ୍ମାନ**

**ମନୋଜ ରଥଙ୍କୁ ନାଟ୍ୟ ରଶ୍ମି ପ୍ରଫୁଲ୍ଲ ରଥ ନାଟ୍ୟ ସମ୍ମାନ**

କୁସୁମ୍ ଫାଉଣ୍ଡେସନ୍ ଏବଂ ୟୁଟିଆଇ ଶିକ୍ଷକ ସଂଘର ମିଳିତ ଉଦ୍ୟମରେ ଏକ ଶିଶୁ ମେଳାର ଆୟୋଜନ କରାଯାଇ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତ୍ରିଲୋଚନ ପାତ୍ର, ଉଦଘାଟକ ଭାବରେ ଜିଲ୍ଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୌପଦାର ଯୋଗଦେଇଥିବା ବେଳେ ସଭାପତିତ୍ୱ କରିଥିଲେ ମହାବୀର ସାଂସ୍କୃତିକ ଅନୁଷ୍ଠାନର ଉପସଭାପତି ସଂଜୟ କୁମାର । ଶିଶୁ ଦିବସ କାର୍ଯ୍ୟକ୍ରମରେ ମହାବୀର ଅନୁଷ୍ଠାନର ସଭାପତି ଶାନ୍ତନୁ କୁମାର ବେହେରା, ସଂପାଦକ ସତ୍ୟନାରାୟଣ ସିଂହ, ୟୁଟିଆ ଶିକ୍ଷକ ସଂଘର ସଭାପତି ପ୍ରଦୀପ କୁମାର ପଣ୍ଡା, ସଂପାଦକ ଅମରେଶ ନେଗୀ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମକୁ ସଞ୍ଜୀବ କୁମାର ସିଂହ ସଂଯୋଜନା କରିଥିଲେ । ଅପରାହ୍ନରେ ଶିଶୁଶ୍ରୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀତାରେ ସୁଶ୍ରୀ ଇଶୁ, ଅଭ୍ୟୁନ୍ତ ପାଣି, ଅଭ୍ୟୁକ୍ତ ନନ୍ଦ, ଧରିତ୍ରୀ ଦାସ ପ୍ରମୁଖଙ୍କୁ ସମ୍ମାନୀତ କରାଯାଇଥିଲା ।

ପୁରସ୍କାର ବିତରଣି ପରେ ପରେ ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସପ୍ତାହବ୍ୟାପି ଚାଲିଥିବା ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ନାଟ୍ୟ ସଂପାଦକ ସୁଶାନ୍ତ କୁମାର ସିଂ, କ୍ରୀଡା ସଂପାଦକ ସୁଶିଲ ଗହିର, କୋଷାଧକ୍ଷ ପ୍ରଦୀପ ସିଂ, ବରିଷ୍ଠ ସଦସ୍ୟ ସୁରୁ ବାରିକ, ଗିରିଜା ବାବୁ, ଜଗଦିଶ ମଣ୍ଡଳ, ରାଜେନ୍ଦ୍ର ବେହେରା, ନିଳକଣ୍ଠ ବେହେରା, ମହମ୍ମଦ ବୁର୍ହାନଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ମାନେ ସକ୍ରିୟ ସହଯୋଗ କରିଥିଲେ ।

# ଗଞ୍ଜେଇ ଚାଲାଣ ବେଳେ ଦୁଇ ଯୁବତୀ ଗିରଫ



ବଲାଙ୍ଗିର,(ସବ୍ୟୁ): ଗଞ୍ଜେଇ ଚାଲାଣ ଅଭିଯୋଗରେ ଦୁଇଜଣ ଯୁବତୀ ଗିରଫ ଗଂଜେଇ ଚାଲାଣର ନୂଆ ଫଣ୍ଡା ଯୁବତୀଙ୍କ ମାଧ୍ୟମରେ କରାଯାଉଥିବା ଘଟଣାର ପର୍ଦାଫାଶ କରିଛି ବଲାଙ୍ଗିର ରେଲୱେ ପୋଲିସ । ସ୍ଥାନୀୟ ରେଲୱେ ଷ୍ଟେସନରେ ଦୁଇଟି ଟ୍ରଲି ବ୍ୟାଗ ଧରି ଦୁଇଜଣ ଯୁବତୀ ସନ୍ଦେହ ଜନକ ଅବସ୍ଥାରେ ବସିଥିଲେ । ରେଲୱେ ପୋଲିସ ଉଭୟଙ୍କୁ କାବୁ କରି ବ୍ୟାଗକୁ ଖୋଲିଥିଲା । ବ୍ୟାଗ ଭିତରୁ ୨୨ କେଜି ଗଂଜେଇ ବାହାରିଥିଲା । ରେଲୱେ ପୋଲିସ ଅବକାରୀ ବିଭାଗକୁ ଖବର ଦେଇଥିଲା । ଅବକାରି ବିଭାଗର କର୍ମଚାରୀ ଆସି ଗଂଜେଇକୁ ଜବତ କରିଥିଲେ । ଦୁଇଜଣ ଯୁବତୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ଦିଆଯାଇଛି । ଅବକାରୀ ବିଭାଗ ଦୁଇଜଣ ଯୁବତୀଙ୍କ ଭିତରୁ ଜଣେ ମାଲକାନଗିରି ଜିଲ୍ଲାର ରଜନୀ ବାଗ ଓ ଅନ୍ୟଜଣେ ନବରଙ୍ଗପୁର ଜିଲ୍ଲାର ଚଞ୍ଚଳ ହରିଜନ । ଉଭୟ ଭବାନୀପାଟଣାରୁ ବାଲାଙ୍ଗିରକୁ ଗଂଜେଇ ଆଣିଥିବା ଜଣାପଡିଛି । ଏନେଇ ଅଧିକ ତଦନ୍ତ ଜାରୀ ରଖିଛି ବଲାଙ୍ଗିର ଅବକାରୀ ବିଭାଗ ।

## ଚାଲାଣ ବେଳେ ବନ ବିଭାଗ ସ୍ୱତନ୍ତ୍ର ସ୍କାଡର ଚଢାଉ

# ବିପୁଳ ପରିମାଣର କେନ୍ଦୁକାଠ ଜବତ

ବୌଦ୍ଧ,(ସବ୍ୟୁ): ଦୀପାବଳୀ ପର୍ବ ପାଳନ ଚାଲିଥିବା ବେଳେ ଏହାର ସୁଯୋଗ ନେଇ କାଠ ମାଫିଆମାନେ ବୌଦ୍ଧ ଜିଲ୍ଲାରୁ ବାହାର ରାଜ୍ୟକୁ କେନ୍ଦୁ କାଠଗଣ୍ଡି ଚାଲାଣ ପାଇଁ ଯୋଜନା କରୁଥିବା ସମୟରେ ବୌଦ୍ଧ ବନ ବିଭାଗର ସ୍ପେସାଲ ସ୍କାଡ ଟିମ ଚଢାଉ କରି ବିପୁଳ ପରିମାଣର କେନ୍ଦୁକାଠ ଗଣ୍ଡିକୁ ଜବତ କରିଛନ୍ତି । ସୂଚନା ମତେ, ରବିବାର ବିଳମ୍ବିତ ରାତିରେ ବନ ବିଭାଗ ଏକ ବିଶେଷ ସୂତ୍ରରୁ ଖବର ପାଇଲା ଯେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ରେଂଜ ସୀମାନ୍ତ ଓ କନ୍ଧମାଳ ଜିଲ୍ଲା ବାଲିଗୁଡା ସୀମାନ୍ତ ଅଂଚଳରୁ ବିପୁଳ ପରିମାଣରେ କେନ୍ଦୁ କାଠ ଚାଲାଣ ହେଉଅଛି । ଖବର ପାଇ ଏସିଏଫ ଆଶିଷ କହଁରଙ୍କ ନେତୃତ୍ୱରେ ଏକ ସ୍ପେସାଲ ସ୍କାଡ ଟିମ ଗତକାଲି ବିଳମ୍ବିତ ରାତିରେ କଣ୍ଟାମାଳ ରେଂଜର ନାରାୟଣପ୍ରସାଦ ସ୍କେସନର ନାଦେନ ବିଟ ଅଂଚଳରେ ଚଢାଉ କରିଥିଲେ । ଚଢାଉ ସମୟରେ ସେଠାରେ ପ୍ରାୟ ୭୦ର ଉର୍ଦ୍ଧ୍ୱ କେନ୍ଦୁକାଠ ଗଣ୍ଡି ଚାଲାଣ ପାଇଁ ରଖାଯାଇଥିବା ଦେଖିବାକୁ ପାଇଥିଲେ । କାଠ ଗଣ୍ଡି ଗୁଡିକୁ ଜବତ କରି କଣ୍ଟାମାଳ ରେଂଜକୁ ଖବର ଦେଇଥିଲେ । ଜବତ କାଠ ଗଣ୍ଡି ଗୁଡିକର ଆକଳନ ଜାରି ରହିଥିବା ବେଳେ ପ୍ରାୟ ଲକ୍ଷାଧିକ ଟଙ୍କାର ହେବ ବୋଲି ଅନୁମାନ କରା ଯାଉଛି । ହେଲେ ଏଥିରେ କାହାରିକୁ ଗିରଫ କରାଯାଇନଥିବା ବେଳେ ବନ ବିଭାଗ ଏହାର ତଦନ୍ତ ଆରମ୍ଭ କରିଛି । ସ୍ପେସାଲ ସ୍କାଡ ଟିମରେ ଏସଏଫ ଶ୍ରୀ କହଁରଙ୍କ ସମେତ ଫରେଷ୍ଟ ଗାର୍ଡ ପ୍ରକାଶ ପ୍ରଧାନ, ପ୍ରକାଶ ସେଠୀ,ପ୍ରଦ୍ୟୁମ୍ନ ବାଘ,ରାମ ମହାକୁଡ,ଅମିତ ପ୍ରଧାନ,ଶିବାଶିଷ ପ୍ରଧାନ, ଧୀରେନ ପ୍ରଧାନ ପ୍ରମୁଖ ସାମିଲ ଥିଲେ । ସ୍ପେସାଲ ସ୍କାଡ ଟିମ ଖବର ପାଇ ପାରିଲେ ହେଲେ କଣ୍ଟାମାଳ ରେଂଜ ଅଂଚଳରୁ କାଠ ଚୋରା ଚାଲାଣ ପାଇଁ ରଖା ଯାଇଥିବା ବେଳେ କଣ୍ଟାମାଳ ରେଂଜ କର୍ତ୍ତୃପକ୍ଷ କିପରି ଜାଣି ପାରିଲେ ନାହିଁ ତାହାକୁ ନେଇ ବିଭାଗର କାର୍ଯ୍ୟଦକ୍ଷତା କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ।

# ଅନ୍ତର୍ଜାତୀୟ କାର୍ଟିଂରେ ପ୍ରତିନିଧିତ୍ୱ କରିବେ ଆଦିତ୍ୟ




ସମ୍ବଲପୁର,(ସବ୍ୟୁ): ସମ୍ବଲପୁରର ଆଦିତ୍ୟ ପଟ୍ଟନାୟକ (୧୯) ବାହାରିନ୍ ଠାରେ ହେବାକୁ ଥିବା ରୋଟେକ୍ସ ମେକ୍ସ ଚେଲେଞ୍ଜ ଗ୍ରାଣ୍ଡ କାର୍ଟିଂ (କାର୍ ରେସିଂ) ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ହାସଲ କରିଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ୨ ରୁ ୯ ତାରିଖ ପର୍ଯ୍ୟନ୍ତ ବାହାରିନ୍‌ରେ ଆୟୋଜିତ ହେବ। ଏଥିରେ ୮୦ଟି ଦେଶର ପ୍ରତିଯୋଗୀ ଭାଗ ନେବେ । ନିକଟରେ ବାଙ୍ଗାଲୁରୁର ବି ମେକୋର କାର୍ ଟୋପିଆ ସର୍କିଟ୍‌ରେ ଅନୁଷ୍ଠିତ ଜାତୀୟ କାର୍ଟିଂ ଚାମ୍ପିୟନସିପ୍‌ରେ ସିନିୟର ମେକ୍ସ ବର୍ଗରେ ଆଦିତ୍ୟ ୪୦୮ ଅଙ୍କ ହାସଲ କରି ଚମ୍ପିୟାନ୍ ହୋଇ ସମ୍ମାନଜନକ ବାହାରିନ୍ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ସେ ମୁମ୍ବାଇର ରେଡ୍‌ୱୋ ରେସିଂ ପ୍ରଶିକ୍ଷଣ ନେଉଥିଲେ। ଆଦିତ୍ୟ ପୂର୍ବରୁ ମାଲେସିଆରେ ଅନୁଷ୍ଠିତ ଏସିଆ ପାସିଫିକ୍ ମୋଟର ସ୍ପୋର୍ଟସ୍ ଚାମ୍ପିୟନସିପ୍‌ରେ ଅଂଶଗ୍ରହଣ କରିଥିଲେ । ମାଲେସିଆ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏଥି ସହିତ ରୋଟାକ୍ସ ମେକ୍ସ ଜାତୀୟ କାର୍ଟିଂ ଚମ୍ପିୟାନସିପ୍ ସହିତ ଅନେକ ପ୍ରତିଯୋଗିତାରେ ସଫଳତା ହାସଲ କରିଥିଲେ। ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ୍ ଧମା ଗ୍ରାମର ମୂଳ ନିବାସୀ ଶୁଭେନ୍ଦୁ ପଟ୍ଟନାୟକ ଓ ଡ. ଅଳକା ପଟ୍ଟନାୟକ ପୁଅ ଆଦିତ୍ୟ ମୁମ୍ବାଇରେ ରହୁଛନ୍ତି। ସେମାନେ ବାହାରିନ୍ ପ୍ରତିଯୋଗିତାରେ ସଫଳତା ପାଇଁ ଆଶାବାଦୀ ଥିବା ସହ ଉତ୍ସୁକତାର ସହିତ ଅପେକ୍ଷା କରିଛନ୍ତି ।

# ବିଜୁ କନ୍ୟାରତ୍ନ ଯୋଜନାର ଶୁଭାରମ୍ଭ

ବଲାଙ୍ଗିର,(ସବ୍ୟୁ): ଆଗଲପୁର (ଡୁଡୁକା) ବ୍ଲକ୍ ଠାରେ ବଲାଙ୍ଗିର ଜିଲ୍ଲା ପାଇଁ ବିଜୁ କନ୍ୟା ରତ୍ନ ଯୋଜନା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଲୋଗୋ ଉନ୍ମୋଚନ କରି ଶୁଭାରମ୍ଭ କରିଥିଲେ । ଏହି ଅବସରରେ ବ୍ଲକ୍ ଅଧ୍ୟକ୍ଷା ଗୀତାଞ୍ଜଳି ଦାଶ, ଏବିଡିଓ ରୁଦ୍ରପ୍ରସାଦ ସୁନା,ବ୍ଲକ୍ ଉପଧ୍ୟକ୍ଷା ନିରୂପମା ପ୍ରଧାନ, ବି ଇ ଓ ଦିଲୀପ କୁମାର ପାଠି,ମେଡିକାଲ ଅଫିସର ,ଜିଲ୍ଲା ପରିଷଦ ସଭ୍ୟା ବିଣାପାଣି ଦାଶ, ଶିଶୁ ମଙ୍ଗଳ ସମିତିର ସନ୍ଧ୍ୟାରାଣି ପଣ୍ଡା, ସୀତାରାମ ହୋତା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଲକ୍ଷ୍ମୀ ସିଂ ପରିଚାଳନା କରି ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଜଣାଇଥିଲେ। ସୁରକ୍ଷା ଅଧିକାରୀ ଚୁଡ଼ାମଣି ପଣ୍ଡା କାର୍ଯକ୍ରମକୁ ପରିଚାଳନା କରି ଆର୍ଶିର୍ବାଦ ଯୋଜନାର ସହାୟତା ରାଶି,ପୃଷ୍ଠପୋଷକତା ସହାୟତା ରାଶି ,ବ୍ଲକସ୍ତରୀୟ କମିଟିର ସଭ୍ୟ,ସଭ୍ୟାଙ୍କ କାର୍ଯକ୍ରମ ଉପରେ ସଚେତନ କରିଥିଲେ । ଏହି ଅବସରରେ ସାମାଜିକ କର୍ମୀ ଅରୁଣ କୁମାର ଖୁଆସ ଉକ୍ତ ଯୋଜନା ଉପରେ ଆବଶ୍ୟକୀୟ ନଥି ପତ୍ର ଉପରେ ସଚେତନ କରିଥିଲେ।

# ବୀର ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ

ସମ୍ବଲପୁର,(ସବ୍ୟୁ): ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ସ୍ୱାଧିନତା ସଂଗ୍ରାମୀ ବୀର ବିର୍ସା ମୁଣ୍ଡାଙ୍କ ୧୪୮ ତମ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦର ଅଧ୍ୟକ୍ଷ ନିହାଲ ସିଂଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ମୁରଲିଧର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୀର ବିର୍ସାମୁଣ୍ଡାଙ୍କ ଜୀବନ ତଥା ସଂଗ୍ରାମ ସମ୍ପର୍କରେ ଆଲୋଚନା କରିଥିଲେ ।

ଜିଲ୍ଲା ଆଦିବାସୀ ଦଳିତ ସେନାର ସଭାପତି ସୁବେଶ ମୁଣ୍ଡା ମୁଖ୍ୟବକ୍ତା, ମୁସଲିମ ସିଟିଜନ ଫୋରମର ସମ୍ବଲପୁର ଜିଲ୍ଲା ସଭାପତି ଏମଡି ନୱାବ, ସାମାଜିକ ଅନୁଷ୍ଠାନ ସେବାର ସଭାପତି ଦିପକ ପାଣ୍ଡେ, ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ଉପାଧ୍ୟକ୍ଷା ରୁପାଞ୍ଜଳି ରଣବିଡା ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ । ଏହି ଅବସରରେ ରକ୍ତଦାନ କ୍ଷେତ୍ରରେ ଅବଦାନ ପାଇଁ କିଶୋର ନାୟକ, ଆନନ୍ଦ ପ୍ରସାଦ ଚାଆଁର, କୈଳାଶ ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ ପରିଷଦର ମହାସଚିବ ମୋମିନା ଖାତୁନ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଗିରିଧାରୀ ଖୁରା, ଶେଖ୍ ଇକ୍ତିଖାପ୍, ସୁନିଲ କୁମାର ହଂସା ପ୍ରମୁଖ ସହଯୋଗ କରିଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ବସ୍ ବ୍ୟବସ୍ଥା



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଠେଲକୋଲଇ ସ୍ଥିତ ଜେଏସଡବ୍ଲ୍ୟୁ ବିପିଏସ୍ଏଲ୍ କମ୍ପାନୀ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ ସିଏସ୍ଆର୍ ଯୋଜନାରେ ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାର ବାଳାଶ୍ରମ ଏବଂ ଜରା ନିବାସ ଗୁଡିକରେ ଅନ୍ତେବାସୀମାନଙ୍କ ସାମାଜିକ ସ୍ଥିତିର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଧନକଉଡ଼ା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପରିବହନ ସକାଶେ କମ୍ପାନୀ ପକ୍ଷରୁ ଏକ ବସ୍ ପ୍ରଦାନ କରାଯାଇଛି। ଏହି ବସ୍‌ର ଲୋକାର୍ପଣ ସମୟରେ ଛାତ୍ରଛାତ୍ରୀମାନଙ୍କ ସହିତ କମ୍ପାନୀ କର୍ମକର୍ତ୍ତା, ଜିଲ୍ଲା ପ୍ରଶାସନର ଅଧିକାରୀ, ବିଦ୍ୟାଳୟ ଶିକ୍ଷକଶିକ୍ଷୟିତ୍ରୀ ଓ ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅତ୍ୟାଧୁନିକ ବସ୍‌ରେ ପରିବହନ ନିୟମ ମୁତାବକ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ରହିଛି। ବସ୍‌ଟି ରେଙ୍ଗାଲି, ବିଶାଳଖିଣ୍ଡା, ଶାସନ, ତାଲବ, ଜମାଦାରପାଲି, ଯୋଗୀପାଲି ଆଦି ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଆଦର୍ଶ ବିଦ୍ୟାଳୟକୁ ପରିବହନ ସୁବିଧା ଯୋଗାଇବ।

# ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ କ୍ରୀଡା ପ୍ରତିଯୋଗିତା

ଜମନକିରା,(ସବ୍ୟୁ): ଜମନକିରା ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ କ୍ରୀଡା ପ୍ରତିଯୋଗିତା ବୁଧବାର ତୁଳୁବ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଉଭୟ ଉଦଘାଟନୀ ଏବଂ ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବକୀ ନାଏକ ଖେଳକୁ ଶୁଭ ଉଦଘାଟନ ଏବଂ ଉଦଯାପିତ କରିଥିଲେ। ଗୋଷ୍ଠୀ ଶିକ୍ଷା ଶାସନ ଅଧିକାରୀ ଚିତ୍ତରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କ୍ରୀଡା ପ୍ରତିଯୋଗିତାରେ ବ୍ଲକର ୨୧ଗୋଟି ପଞ୍ଚାୟତ ୮୫ଟି ସ୍କୁଲରୁ ମୋଟ ୧୨୦ଜଣ ଦିବ୍ୟାଙ୍ଗ ଛାତ୍ରିଛାତ୍ର। ଅଂଶ ଗ୍ରହଣ କରିଥିଲେ। ଏଥିରେ ୧୦୦ମିଟର ଦୌଡ, ମିଉଜିକ ଚେୟାର, ନିଡିଲ ରେସ, ସର୍ଟ ଫୁଟ, ଜିଲାବି ଖିଆ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସିଆରସିସି ରାମ ଚନ୍ଦ୍ର ସିଂ, ସୁଶିଲ କୁମାର ସାହୁ, ବିନୋଦ ଅର୍କ, ବାରତାଲ ମୁଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଶ୍ରୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# କଣ୍ଟାମାଳରେ ମହିଷାସୁରଙ୍କ ଶିବଲୋକ ଆକ୍ରମଣ ନାଟକ ମଞ୍ଚସ୍ଥ

କଣ୍ଟାମାଳ,(ସବ୍ୟୁ): କଣ୍ଟାମାଳ ବ୍ଲକ କଲରାକୋଠା ଦ୍ୱାରା ସାର୍ବଜନୀନ ମା ଶ୍ୟାମା କାଳୀପୂଜା ଅବସରରେ ଆୟୋଜିତ ମହିଷାସୁର ଦରବାରର ତୃତୀୟ ସଂଧ୍ୟାର ରଙ୍ଗସଭାରେ ରାଜକୀୟ ମୁଖ୍ୟ ଅତିଥିଭାବେ ବିଜେପି ନେତା କହ୍ନେଇ ଚରଣ ଡାଙ୍ଗ ଯୋଗଦେଇଥିଲେ । ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଓମ ପ୍ରକାଶ ମିଶ୍ର ଓ ସୁବର୍ଣ୍ଣପୁର ଏନଏସିର ପୂର୍ବତନ ଅଧକ୍ଷ ପ୍ରକାଶ ସାହୁ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଅଂଚଳର ଶିକ୍ଷିତ ବେକାର ଯୁବକଙ୍କୁ ନିଯୁକ୍ତି ଦେଇ ଦାଦନ ସମସ୍ୟାକୁ ରୋକିବା ଓ କଣ୍ଟାମାଳକୁ ସବଡ଼ିଭିଜନ ମାନ୍ୟତା ପ୍ରସଙ୍ଗ ଉଠାଇଥିଲେ । ଧରଣୀସେନ ସାହୁ ଅତିଥି ପରିଚୟ ଏବଂ ରଙ୍ଗସଭା ପରିଚାଳନା କରିଥିଲେ । ମହିଷାସୁରଙ୍କ ଦ୍ୱାରା ଶିବଲୋକ ଆକ୍ରମଣ ନାଟକ ମଞ୍ଚସ୍ଥ ହୋଇଥିଲା । କଳାକାର ମନୋରଞ୍ଜନ ଚିରଗୁଣିଙ୍କ ମହିଷାସୁର ଅଭିନୟକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ । ଆୟୋଜକ କମିଟି ସଭାପତି ପ୍ରଫୁଲ୍ଲ ସାହୁ, ସମ୍ପାଦକ ପ୍ରକାଶ ଚନ୍ଦ୍ର ରଣା ସମେତ ସଦସ୍ୟ ମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ବିଜେପିର ବିକ୍ଷୋଭ

କୋକସରା,(ସବ୍ୟୁ) : ବୁଧବାର କୋକସରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ବିକ୍ଷୋଭ ଓ ଧାରଣା ଦିଆଯାଇଛି। କୋକସରା ଜଗନ୍ନାଥ ମନ୍ଦିରରୁ ଏକ ବିରାଟ ପଟୁଆରରେ ଦଳୀୟ କର୍ମକର୍ତ୍ତା ମାନେ ସହର ପରିକ୍ରମା କରି ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ । ସେଠାରେ ଅନୁଷ୍ଠିତ ସାଧାରଣ ସଭାରେ ଜିଲ୍ଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ରଙ୍କ ନେତୃତ୍ୱରେ ଜିଲ୍ଲା ଉପ ସଭାପତି ଅଜୟ ପାଣିଗ୍ରାହୀ, ଲକ୍ଷ୍ମୀକାନ୍ତ ବାଗ, କାଳୀପ୍ରସାଦ ରାୟଗୁରୁ, ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ପାଟଯୋଷୀ, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ବିଜୟଦେ ସାହୁ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ, ବରିଷ୍ଠ ନେତା ଜନାର୍ଦ୍ଦନ ପଣ୍ଡା, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ଭାରତ ଭୂଷଣ ଦେଓ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭବେନ୍ଦ୍ର ପଣ୍ଡା ମହିଳା ନେତ୍ରୀ କୁନ୍ତି ପାଳଙ୍କ ସହ ଦଳୀୟ ନେତାମାନେ ରାଜ୍ୟ ସରକାରଙ୍କ ଦୁର୍ନୀତି, ଅପାରଗତା ଓ ଭ୍ରଷ୍ଟାଚାରରେ ରାଜ୍ୟ ବାସୀ ଅତିଷ୍ଠ ହୋଇ ପଡିଛନ୍ତି। କୋକସରା ବ୍ଲକରେ ଇନ୍ଦ୍ରାବତୀ ବାମ ମେଗାଲିଫ୍ଟ କେନାଲ ଥାଇ ମଧ୍ୟ ଆଜି ବ୍ଲକର ଅନେକ ପଞ୍ଚାୟତରେ ମରୁଡି ପରିସ୍ଥିତି ଦେଖାଦେଇଛି ।

# ହରଭଙ୍ଗାରେ ମା' ଭୈରବୀ ମହୋତ୍ସବ ଆରମ୍ଭ

ହରଭଙ୍ଗା,(ସବ୍ୟୁ): ବୌଦ୍ଧ ଜିଲ୍ଲା ହରଭଙ୍ଗା ଠାରେ ବୁଧବାର ଠାରୁ ଆରମ୍ଭ ହୋଇଯାଉଛି ମା ଭୈରବୀ ମହୋତ୍ସବ । ଏହି ମହୋତ୍ସବ ୨୧ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରଥମ ଦିନ ବୌଦ୍ଧ ଇଷ୍ଟଦେବୀ ମା ଭୈରବୀଙ୍କ ମନ୍ଦିର ନିକଟରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇ ମହୋତ୍ସବ ପଡିଆରେ ପହଞ୍ଚିଥିଲା । ଚଳିତ ବର୍ଷ ସରକାରୀ ଷ୍ଟେଲ, ଖାଦ୍ୟ ଷ୍ଟେଲ ,ମୀନାବଜାର ,ଓରମାସ ମେଳା, ଏଠି ସହ ମିଶନ ଶକ୍ତି ଷ୍ଟଲ ମଧ୍ୟ ଆୟୋଜିତ ହେବ । କାର୍ଯ୍ୟକ୍ରମରେ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ବୁଧବାର ବୃତାନ୍ତ ବୈଠକ ମହୋତ୍ସବ ପଡିଆରେ ଅନୁଷ୍ଠିତ ହୋଇଥିବା ବେଳେ ବୈଠକରେ ମହୋତ୍ସବ କମିଟି ସଭାପତି ଉପସ୍ଥିତ ଥିଲେ ।

# ଭିନ୍ନକ୍ଷମ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ଶିବିର



ଝାରସୁଗୁଡ଼ା,(ସବ୍ୟୁ): ପ୍ରତ୍ୟେକ ଶିଶୁ ସ୍ୱତନ୍ତ୍ର' କାର୍ଯ୍ୟକ୍ରମ ଅନ୍ତର୍ଗତ ଭିନ୍ନକ୍ଷମ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନବ ଦାସ ଅଡିଟୋରିଅମରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ଆବୋଲୀ ସୁନିଲ ନରୱଣେ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପୃକ୍ତ ଭିନ୍ନକ୍ଷମ ଶିଶୁମାନଙ୍କୁ ତିନିଚକିଆ ସାଇକେଲ ବିତରଣ କରିବା ସହ ଏହି ଭିନ୍ନକ୍ଷମ ଶିଶୁ ମାନଙ୍କୁ ସମସ୍ତ ପ୍ରକାରର ସୁବିଧା ସୁଯୋଗ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ ଓ ଝାରସୁଗୁଡ଼ା ପୌର ପରିଷଦ ଅଧ୍ୟକ୍ଷା ରାନୀ ହାତୀ ଶିବିରରେ ଯୋଗଦେଇ ଭିନ୍ନକ୍ଷମ ଶିଶୁମାନଙ୍କୁ ପୋଷାକ ବିତରଣ କରିଥିଲେ। ଶିବିରରେ ମୋଟ ୩୫୬ ଜଣ ଶିଶୁଙ୍କୁ ବିଭିନ୍ନ ପ୍ରକାରର ସେବା ସୁବିଧା ଯଥା ରାସନ କାର୍ଡ, ବସ ପାସ,ପରିଚୟ ପତ୍ର ଆଦି ପ୍ରଦାନ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଓ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିର ପରିଚାଳନାରେ ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀମାନେ ସହଯୋଗ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋପଲକ୍ଷ୍ମୀ ହୋତା,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୂର୍ଣ୍ଣ୍ୟବତୀ ହେଲେନ ଖେସ,ଜିଲ୍ଲା ଶ୍ରମ ଅଧିକାରୀ ସୁନିତା କିସାନ, ଜିଲ୍ଲା ନିୟୋଜନ ଅଧିକାରୀ ସଂଗୀତା ଅଧିକାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜୟ କିସାନ ଆନ୍ଦୋଳନ ପକ୍ଷରୁ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ

ବରଗଡ,(ସବ୍ୟୁ): ବରଗଡ ଜୟ କିସାନ ଆନ୍ଦୋଳନ ପକ୍ଷରୁ ସୋହେଲା ବ୍ଲକ ଅନ୍ତର୍ଗତ ଶ୍ରୀଗିଡା ଠାରେ ବିର୍ସା ମୁଣ୍ଡାଙ୍କ ୧୪୯ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବର୍ଷୀୟାନ ଚାଷୀ ନେତା ଡୋଲାମଣି ଭୋଇଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା । ଏହି ଜୟନ୍ତୀ ସଭାରେ ବରିଷ୍ଠ ଚାଷୀନେତା ,ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ତଥା ଜୟ କିସାନ ଆନ୍ଦୋଳନର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଲିଙ୍ଗରାଜ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଶ୍ରୀ ଲିଙ୍ଗରାଜ କହିଥିଲେ ଯେ ବିର୍ସା ମୁଣ୍ଡା ଇଂରେଜ ସାମ୍ରାଜ୍ୟବାଦ ବିରୁଦ୍ଧରେ ଲଢେଇ କରି ଯୁବକ ଅବସ୍ଥାରେ ମାତ୍ର ୨୫ ବର୍ଷ ବୟସରେ ସହୀଦ ହୋଇଥିଲେ। ଦେଶର ଆଦିବାସୀ ମାନେ ତାଙ୍କୁ ଧରତୀ ଆବା ବା ଧରତୀର ଭଗବାନ ବୋଲି କହନ୍ତି । ସେହିପରି ଆମ ଅଞ୍ଚଳରେ ସୁରେନ୍ଦ୍ର ସାଏ ଇଂରେଜ ସାମ୍ରାଜ୍ୟବାଦ ବିରୁଦ୍ଧରେ ଲଢେଇ କରି ସହୀଦ ହୋଇଥିଲେ। ଆମ ଦେଶର କେନ୍ଦ୍ର ଓ ରାଜ୍ୟ ସରକାର କୃଷୀ, କୃଷି ବୀମା, ବେଙ୍କ , ଖଣି ଖାଦାନ, ରେଳ ଆଦି କ୍ଷେତ୍ର କୁ ଦେଶୀ ବିଦେଶୀ କଂପାନି ମାନଙ୍କୁ ଟେକି ଦେବା ଷଡଯନ୍ତ୍ର ଚଳାଇଛନ୍ତି ଛ କେନ୍ଦ୍ର ସରକାର ପୁଣି ଥରେ ତିନି କଳା ଆଇନ କୁ ଲାଗୁ କରିବା ପାଇଁ ଯୋଜନା ଚଳାଇଛନ୍ତି। ଯାହାକୁ ନେଇ ସଂଯୁକ୍ତ କିସାନ ମୋର୍ଚ୍ଚା ଦିଲ୍ଲୀ ସୀମା ରେ ଦୀର୍ଘ ୧୩ ମାସ ଧରି ଆନ୍ଦୋଳନ କରି ୭୫୦ ଜଣ କୃଷକ ସହିଦ ହୋଇଥିଲେ। ଏହାକୁ ପୁଣି ଲାଗୁ କରିବାର ଷଡଯନ୍ତ୍ରକୁ ଚାଷୀମାନେ ବୁଝି ସାରିଲେଣି । ସଂଯୁକ୍ତ କିସାନ ମୋର୍ଚ୍ଚା ପୁଣିଥରେ ଆନ୍ଦୋଳନର ପ୍ରସ୍ତୁତି ଆରମ୍ଭ କରି ସାରିଛି। ଜୟନ୍ତୀ ସଭାରେ ଜୟ କିସାନ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସଂପାଦକ ହର ବଣିଆଁ, ବରିଷ୍ଠ ଚାଷୀ ନେତା ଶିବ ପ୍ରସାଦ ପ୍ରଧାନ, ସୋହେଲା ବ୍ଲକ ସଭାପତି ସୁରେନ୍ଦ୍ର ମେହେର, ଅତାବିରା ବ୍ଲକ ସଭାପତି ଭଞ୍ଜନ ବାରିକ, ଭଟଲି ବ୍ଲକ ସଂପାଦକ ମିନିଷ୍ଟର୍ ବାରିକ ମଞ୍ଚାଶିନ ହୋଇ ଚାଷୀ ମାନଙ୍କୁ ଉତ୍ସାହିତ କରିଥିଲେ।

(ଶ୍ରୀମଦ୍‌ଭଗବଦ୍ ଗୀତା ୨/୪୧)

–ସାଂଖ୍ୟଯୋଗଃ–

(ଶ୍ରୀଭଗବାନୁବାଚ )

**ବ୍ୟବସାୟାତ୍ମିକା ବୁଦ୍ଧିରେକେହ କୁରୁନନ୍ଦନ ।**
**ବହୁଶାଖା ହ୍ୟନନ୍ତାଶ୍ଚ ବୁଦ୍ଧୟୋବ୍ୟବସାୟିନାମ୍ ॥ ୪୧ ॥**

(ଏହା କିପରି ସମ୍ଭବ? ଏହି ଅଭିପ୍ରାୟରେ ବୈଷମ୍ୟ କହୁଛନ୍ତି)– ହେ କୁରୁନନ୍ଦନ ! ଏହି ନିଷ୍କାମ କର୍ମଯୋଗରେ ବ୍ୟବସାୟିତ୍ମିକା (ଈଶ୍ୱରଭକ୍ତିଦ୍ୱାରା ପିଶ୍ଚୟ ଉଦ୍ଧାର ପାଇବି ଏହିପରି ଦୃଢ଼) ବୁଦ୍ଧି ଏକ କିନ୍ତୁ ଅବ୍ୟବସାୟିମାନଙ୍କର (ଈଶ୍ୱରବିମୁଖ ସକାମ ବ୍ୟକ୍ତିମାନଙ୍କର) ବୁଦ୍ଧି ଅନନ୍ତକାମନାବଶତଃ) ଅସଂ୍ୟ ଓ (କର୍ମଫଳ, ଗୁଣଫଳ ପ୍ରଭୃତି ପ୍ରକାରଭେଦରେ ବହୁବିଧ ॥ ୪୧ ॥

# ପରିବେଶ ଚିନ୍ତା !

## ସମ୍ପାଦକୀୟ

ବିଭିନ୍ନ ପ୍ରକାରର ପ୍ରଦୂଷଣ ଆମ ସ୍ୱାସ୍ଥ୍ୟ, ଆମ ପରିବେଶ, ଆମ କୃଷି, ଆମ ସମାଜ, ଆମ ଅର୍ଥନୀତିକୁ ପ୍ରଭାବିତ କରିବାରେ ଲାଗିଛି । ବାୟୁ ପ୍ରଦୂଷଣକୁ ନେଇ ଏବେ ଜୋର୍ ଚର୍ଚ୍ଚା ଚାଲିଛି । ସମସ୍ତେ ଏଥିରୁ ମୁକ୍ତି ପାଇଁ ତ୍ରାହି ତ୍ରାହି ଡାକୁଛନ୍ତି । ଜୀବନ ଓ ଜୀବିକା ପ୍ରଭାବିତ ହେଉଛି । ମଣିଷ ଅକାଳରେ ମୃତ୍ୟୁ ମୁଖରେ ପଡୁଛି । ଅସ୍ତବ୍ୟସ୍ତ ମଣିଷ ଖୋଜୁଛି କାରଣ ଓ ନିରାକରଣ । କାରଣ ସ୍ପଷ୍ଟ କିନ୍ତୁ ନିରାକରଣ ସମ୍ଭବ ହେଉନାହିଁ ବା ନିରାକରଣ ନେଇ ନିଆଯାଉଥିବା ପଦକ୍ଷେପ ସବୁ ମନ୍ଥର ଗତିରେ ଗତିକରୁଛି । ସେହିପରି ବେଶ୍ କିଛିଦିନ ଧରି ଆମେ ଏକକ ପ୍ଲାଷ୍ଟିକ ବ୍ୟବହାରକୁ ନିୟନ୍ତ୍ରଣ କରିବାପାଇଁ ଚେଷ୍ଟା କରୁଛୁ । ସରକାରୀ ଓ ବେସରକାରୀ ସଂସ୍ଥା ଏଥିନେଇ ଯୋଜନା କରୁଛନ୍ତି ଏବଂ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । କିନ୍ତୁ ଏବେବି ଏହା ବହୁଳ ଭାବରେ ବ୍ୟବହୃତ । ଭାରତ ପରି କେତେକ ରାଷ୍ଟ୍ର ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ବ୍ୟବହାରକୁ ନିଷିଦ୍ଧ କରିଛନ୍ତି । କିନ୍ତୁ ଆଜିବି ଏ ଦିଗରେ ଆମେ ଯଥେଷ୍ଟ ଅଗ୍ରଗତି କରିପାରିନାହେଁ । ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ଉତ୍ପାଦଗୁଡିକ ପୂର୍ବପରି ଉପଲବ୍ଧ ହେବାରେ ଲାଗିଛି । ଏହି ନିଷିଦ୍ଧ ଦ୍ରବ୍ୟର ଚାହିଦା ପୂରଣ କରିବା ପାଇଁ ଶସ୍ତା ବିକଳ୍ପ ନ ଥିବାରୁ ଏବଂ ଗ୍ରାହକଙ୍କ ଦ୍ୱାରା ସାମୁହିକ ଭାବରେ ପ୍ରତ୍ୟାଖ୍ୟାତ ନ ହେବାରୁ ହୁଏତ ନିଷେଧାଦେଶର ପ୍ରଭାବ ରହୁନାହିଁ । ପ୍ଲାଷ୍ଟିକ ପ୍ରଦୂଷଣ ମାନବ ଏବଂ ପ୍ରାକୃତିକ ଇକୋସିଷ୍ଟମ ପାଇଁ ଏକ ପ୍ରମୁଖ ବିପଦ ଭାବରେ ଉଭା ହୋଇଛି । ମିଳିତ ଜାତିସଂଘର ରିପୋର୍ଟ ଅନୁଯାୟୀ ବିଶ୍ୱ ପ୍ରତିବର୍ଷ ପ୍ରାୟ ୪୩୦ ନିୟୁତ ଟନ୍ ପ୍ଲାଷ୍ଟିକ୍ ଉତ୍ପାଦନ କରୁଛି, ଯେଉଁଥିରୁ ଦୁଇ ତୃତୀୟାଂଶ ସ୍ୱଳ୍ପକାଳୀନ ବ୍ୟବହାର ପାଇଁ । ପ୍ରତିବର୍ଷ ପ୍ରାୟ ୩୫୦ ନିୟୁତ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଉତ୍ପନ୍ନ ହେଉଛି ଯେଉଁଥିରୁ ପ୍ରାୟ ୧୦ ପ୍ରତିଶତରୁ କମ୍ ପୁନଃବ୍ୟବହାର କରାଯାଏ । ପ୍ରାୟ ୧୫ ପ୍ରତିଶତ ଜଳିଯାଉଥିବାବେଳେ ଅବଶିଷ୍ଟାଂଶ ଖାଲଖଦାନ ପୂର୍ଣ୍ଣ କରିବାରେ ବ୍ୟବହାର ହୁଏ କିମ୍ବା ନଦୀନାଳ , ହ୍ରଦ ଏବଂ ସମୁଦ୍ରକୁ ଚାଲିଯାଏ । ମାଟିରେ ମିଶିବା ପାଇଁ ପ୍ଲାଷ୍ଟିକ ୫୦୦ ବର୍ଷ କିମ୍ବା ତା'ଠାରୁ ଅଧିକ ସମୟ ନେଇପାରେ ଏବଂ ଏହା ଭିତରେ ଯେଉଁ କ୍ଷତିକାରକ ପ୍ରଦୂଷକ ନିର୍ଗତ କରେ, ତାହା ପରିବେଶକୁ ଖରାପ କରିଥାଏ । ଖାଲି ମଣିଷ ପାଇଁ ଯେ ଏହା କ୍ଷତିକାରକ ତା' ନୁହେଁ, ପଶୁ, ଜଳ ଏବଂ ସାମୁଦ୍ରିକ ଜୀବ ସମସ୍ତଙ୍କ ପାଇଁ କ୍ଷତିକାରକ । ମାଟିରେ ପକାଯାଇଥିବା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ମୃତ୍ତିକାର ଗୁଣ, ମୃତ୍ତିକାର ଜୈବ ବିବିଧତା ଏବଂ ଭୂତଳ ଜଳ ଉପରେ ପ୍ରଭାବ ପକାଇଥାଏ । ମାଇକ୍ରୋପ୍ଲାଷ୍ଟିକ୍ ଖାଇବା ଦ୍ୱାରା ଅନେକ ଜୀବଜନ୍ତୁ, ପଶୁପକ୍ଷୀଙ୍କ ଜୀବନ ବିପନ୍ନ ହେଇଥାଏ । ସ୍ତନ କ୍ଷୀର, ଟ୍ୟାପ୍ ପାଣି ଏବଂ ମଣିଷର ରକ୍ତ ପ୍ରବାହରେ ମାଇକ୍ରୋପ୍ଲାଷ୍ଟିକ୍ସର ଚିହ୍ନ ଦେଖିବାକୁ ମିଳିଛି । ୨୦୧୭ରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ ବିଶ୍ୱର ୮୩ ପ୍ରତିଶତ ଟ୍ୟାପ୍ ଜଳ ନମୁନାରେ ପ୍ଲାଷ୍ଟିକ୍ ପ୍ରଦୂଷକ ଥାଏ । ଏହି ଗବେଷଣାରୁ ଜଣାପଡିଛି ଯେ ଆମେରିକାରେ ମାଇକ୍ରୋପ୍ଲାଷ୍ଟିକ୍ ସହିତ ଟ୍ୟାପ୍ ଜଳର ପ୍ରଦୂଷଣ ହାର ସର୍ବାଧିକ (୯୪ ପ୍ରତିଶତ) ଏବଂ ପରେ ଲେବାନନ୍ ଏବଂ ଭାରତ । ଆହୁରି ମଧ୍ୟ ଆକଳନ କରାଯାଇଛି ଯେ ପ୍ରତିବର୍ଷ ୧୧ ନିୟୁତ ଟନ୍ ପ୍ଲାଷ୍ଟିକ୍ ମହାସାଗରରେ ପ୍ରବେଶ କରେ ଏବଂ ଆସନ୍ତା ଦୁଇ ଦଶନ୍ଧି ମଧ୍ୟରେ ଏହା ତିନିଗୁଣ ହେବ । କେତେକ ତଥ୍ୟ ଅନୁସାରେ ୧୯୭୦ରୁ ୨୦୧୯ ମଧ୍ୟରେ, ପ୍ରାୟ ୩୦ ନିୟୁତ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ସମୁଦ୍ରରେ ଜମା ହୋଇଥିବାବେଳେ ୧୦୦ ମିଲିୟନ ଟନ୍‌ରୁ ଅଧିକ ନଦୀ ଓ ହ୍ରଦରେ ଜମା ହୋଇଛି ଯାହା ସମୁଦ୍ର, ନଦୀନାଳ, ହ୍ରଦର ପ୍ରଦୂଷଣକୁ ବଢ଼ାଇ ଦେଇଛି ଏବଂ ସାମୁଦ୍ରିକ ପ୍ରଜାତି ଓ ଉପକୂଳ କାର୍ଯ୍ୟକଳାପକୁ ପ୍ରଭାବିତ କରିଛି । ବିଶେଷଜ୍ଞମାନେ ମତ ଦେଇଛନ୍ତି ଯେ ସାମୁଦ୍ରିକ ପ୍ଲାଷ୍ଟିକ ପ୍ରଦୂଷଣ ହେତୁ ପ୍ରତିବର୍ଷ ପ୍ରାୟ ୧୦୦,୦୦୦ ସାମୁଦ୍ରିକ ପ୍ରାଣୀ ମୃତ୍ୟୁ ମୁଖରେ ପଡନ୍ତି । ପ୍ରତିବର୍ଷ ମାଇକ୍ରୋପ୍ଲାଷ୍ଟିକ୍ ଖାଇବା କିମ୍ବା ପ୍ଲାଷ୍ଟିକ୍ ଅଳିଆ ଆବର୍ଜନା ହେତୁ ପ୍ରାୟ ଏକ ଲକ୍ଷ ପକ୍ଷୀ ମରିଥାଆନ୍ତି । କେତେକ ଅଧ୍ୟୟନ ସୂଚିତ କରେ ଯେ ୨୦୫୦ ସୁଦ୍ଧା, ଆମେ ମାଛ ଅପେକ୍ଷା ସମୁଦ୍ରରେ ଅଧିକ ପ୍ଲାଷ୍ଟିକ୍ ପାଇବା । କେତେକ ତଥ୍ୟ ଅନୁଯାୟୀ ପ୍ଲାଷ୍ଟିକ୍ ପ୍ରଦୂଷଣର ବାର୍ଷିକ ସାମାଜିକ ତଥା ପରିବେଶ ଖର୍ଚ୍ଚ ୩୦୦ ରୁ ୬୦୦ ବିଲିଅନ ଡଲାର ହେବ ବୋଲି ଆକଳନ କରାଯାଇଛି । କେତେକ ଏହି ସଂଖ୍ୟା ବର୍ଷକୁ ପ୍ରାୟ ୧.୫ ଟ୍ରିଲିୟନ ଡଲାରରୁ ଅଧିକ ହେବ ବୋଲି ମତ ଦେଇଛନ୍ତି । ପ୍ରଦୂଷଣ ଯୋଗୁଁ ବିଶ୍ୱ ତାପମାତ୍ରା ବଢ଼ିବାରେ ଲାଗିଛି, ଯାହା ପ୍ରତ୍ୟକ୍ଷରେ ଖାଦ୍ୟ ନିରାପତ୍ତାକୁ ପ୍ରଭାବିତ କରିବା ସହ ମଧୁର ଜଳ ନେଇ ସଙ୍କଟ ସୃଷ୍ଟି ହେଉଛି । ଜଳବାୟୁ ପରିବର୍ତ୍ତନ ମାନବ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଉଛି । ବିଶ୍ୱ ତାପମାତ୍ରାରେ ବୃଦ୍ଧିପାଇଁ ସହାୟକ ହେଉଥିବା ବିଭିନ୍ନ କାରଣ ମଧ୍ୟରୁ ପ୍ଲାଷ୍ଟିକ ପ୍ରଦୂଷଣ ମଧ୍ୟ ଅନ୍ୟ ଏକ କାରଣ । ୟୁଏନଇପି ରିପୋର୍ଟରେ ଦର୍ଶାଯାଇଛି ଯେ ଏହି ଅବସ୍ଥା ଯଦି ଜାରି ରହେ, ତେବେ ୨୦୪୦ ସୁଦ୍ଧା ଗ୍ରୀନହାଉସ୍ ଗ୍ୟାସ ନିର୍ଗମନର ପ୍ରାୟ ୧୯ ପ୍ରତିଶତ ପ୍ଲାଷ୍ଟିକ ଯୋଗୁଁ ହେବ । ଏହି ସଙ୍କଟକୁ ମୁକାବିଲା କରିବା ପାଇଁ, ୟୁଏନଇପି (UNEP) ରିପୋର୍ଟରେ ଜଣାଶୁଣା ୩R ରଣନୀତି – reuse , recycle ଏବଂ reorient ଉପରେ ନିର୍ଭର କରିବାର ଏକ ବ୍ୟବସ୍ଥିତ ପନ୍ଥା ପ୍ରସ୍ତାବ ଦିଆଯାଇଛି– । ରିପୋର୍ଟରେ ଦର୍ଶାଯାଇଛି ଯେ ଏହି ପଦକ୍ଷେପଗୁଡିକ ପ୍ଲାଷ୍ଟିକ ପ୍ରଦୂଷଣରେ ୮୦ ପ୍ରତିଶତ ହ୍ରାସ ପାଇବ ଏବଂ ୨୦୪୦ ସୁଦ୍ଧା ୭୦୦,୦୦୦ ନିଯୁକ୍ତି ବୃଦ୍ଧି ହୋଇପାରେ । ଏହା ଅନୌପଚାରିକ କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରିବା ସହିତ ନୂତନତ୍ୱକୁ ଉତ୍ସାହିତ କରିବ । ବାର୍ଷିକ ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗମନକୁ ୦.୫ ଗିଗାଟୋନ୍ ହ୍ରାସ କରିବା ସହ ଏହା ୨୦୪୦ ସୁଦ୍ଧା ପ୍ରତ୍ୟକ୍ଷ ସରକାରୀ ତଥା ବେସରକାରୀ ଖର୍ଚ୍ଚରେ ୧.୩ ଟ୍ରିଲିୟନ ଡଲାର ସଞ୍ଚୟ କରିବାରେ ସହାୟକ ହେବ ଏବଂ ପ୍ଲାଷ୍ଟିକ ପ୍ରଦୂଷଣ କାରଣରୁ ୩.୩ ଟ୍ରିଲିୟନ ଡଲାରର ପରିବେଶ ଏବଂ ସାମାଜିକ ଖର୍ଚ୍ଚ ହ୍ରାସ କରାଯାଇପାରିବ । ଯଦିଓ ଭାରତ ସମେତ ବିଶ୍ୱର ଅଧିକାଂଶ ଦେଶ ଏକକ ବ୍ୟବହାର ପ୍ଲାଷ୍ଟିକ ଉତ୍ପାଦନ ଏବଂ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇଛନ୍ତି, ଏହା ସମସ୍ୟାର ଆଂଶିକ ସମାଧାନ କରିପାରିଛି । କେତେକ ତଥ୍ୟ ଅନୁଯାୟୀ, ଗତ ପାଞ୍ଚ ବର୍ଷ ମଧ୍ୟରେ ଭାରତରେ ପ୍ଲାଷ୍ଟିକ ବ୍ୟବହାର ଦ୍ରୁତ ବେଗରେ ବୃଦ୍ଧି ପାଇଛି ଏବଂ ଏହାର ବର୍ଜ୍ୟବସ୍ତୁ ମଧ୍ୟ ବୃଦ୍ଧି ପାଇଛି । ଭାରତ ଗୋଟିଏ ବର୍ଷରେ ୩.୪ ନିୟୁତ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସୃଷ୍ଟି ହେଉଛି ଯାହାର ମାତ୍ର ୩୦ ପ୍ରତିଶତ ପୁନଃବ୍ୟବହାର ସାପେକ୍ଷ ହେଇପାରୁଛି ଏବଂ ବାକି ୭୦ ପ୍ରତିଶତ ପରିବେଶ ପ୍ରଦୂଷଣ ବଢ଼ାଇବାରେ ସହାୟକ ହେଉଛି । ତେଣୁ ସରକାରୀ ପ୍ରତିବନ୍ଧକ ଏହାକୁ ସମ୍ପୂର୍ଣ୍ଣ ଭାବରେ ହୁଏତ ବନ୍ଦ କରିବାରେ ସଫଳ ହେବା ସମ୍ଭାବନା କମ୍ । ଆମକୁ ପ୍ରତ୍ୟେକଙ୍କୁ ସଚେତନ ହେବାକୁ ପଡିବ, ସଚେତନ କରିବାକୁ ପଡିବ । ନିଜେ ସଚେତନ ହେଇ ଅନ୍ୟକୁ ସଚେତନ କରାଇ ପାରିଲେ ହିଁ ଆମେ ପ୍ଲାଷ୍ଟିକ ମୁକ୍ତ ପରିବେଶକୁ ଉପଭୋଗ କରିପାରିବା ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ସଙ୍କଳ୍ପ**

**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**
**ଗୋପବନ୍ଧୁ ଦାସ**

# 'ନାସା'ର ଆଗାମୀ ମିଶନ !



**ଅସିତ ମହାନ୍ତି**

ଯଦି ଏହା କୁହାଯାଏ ଯେ ନାସା ବିନା ସମଗ୍ର ବିଶ୍ୱର ସ୍ପେସ୍ ସେକ୍ଟର ଅସମ୍ପୂର୍ଣ୍ଣ, ତେବେ ଏହା ଭୁଲ ହେବ ନାହିଁ । କାରଣ ନାସା ସମଗ୍ର ବିଶ୍ୱରେ ଏକମାତ୍ର ସଂଗଠନ ଯାହାକି ପ୍ରତ୍ୟେକ ପ୍ରକାରର ସ୍ପେସ୍ ମିଶନକୁ ସମ୍ପୂର୍ଣ୍ଣ ନୂଆ ରୂପରେ କାର୍ଯ୍ୟକାରୀ କରିଥାଏ । ସେଥିପାଇଁ ସେମାନେ ଅନ୍ୟ ସ୍ପେସ୍ ଏଜେନ୍ସିଠାରୁ ବହୁତ ଭିନ୍ନ । ଏହା ବ୍ୟତୀତ ନାସାର ମହାକାଶ ମିଶନ ସମଗ୍ର ବିଶ୍ୱ ପାଇଁ ପ୍ରେରଣା ଉତ୍ସ ଭାବରେ କାର୍ଯ୍ୟ କରିଥାଏ ନାସାର ସ୍ପେସ୍ ମିଶନ୍ ଅନ୍ୟ ଦେଶମାନଙ୍କୁ ଗାଇଡ୍ ଭାବରେ ଯେକୌଣସି ମିଶନରେ ସାହାଯ୍ୟ କରିବାକୁ ସର୍ବଦା ପ୍ରସ୍ତୁତ ।

୧) ୟୁରୋପା କ୍ଲିପର୍ (୨୦୨୪): – ନାସାର ଏହି ୟୁରୋପା ମିଶନ ଆସନ୍ତା ବର୍ଷ ଅକ୍ଟୋବର ଅର୍ଥାତ ୨୦୨୪ ପାଇଁ ଧାର୍ଯ୍ୟ କରାଯାଇଛି । ଏହି ମିଶନରେ ନାସା ସୌର ପ୍ରଣାଳୀର ବୃହତ୍ତମ ଗ୍ରହ ବୃହସ୍ପତି ନିକଟକୁ ଯିବାକୁ ଚାହୁଁଛି ଏବଂ ଏହାର ଚନ୍ଦ୍ର ୟୁରୋପା ଉପର ଦେଇ ମଧ୍ୟ ଯିବାକୁ ଯାଉଛି । ମିଶନର ସବୁଠାରୁ ବଡ ଲକ୍ଷ୍ୟ ହେଉଛି ୟୁରୋପା ବିଷୟରେ ବିସ୍ତୃତ ଭାବରେ ଜାଣିବା । ନାସା ୟୁରୋପାର ବାହ୍ୟ କଠିନ ବରଫ ପୃଷ୍ଠକୁ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରି ୟୁରୋପାରେ ଜୀବନର ଉତ୍ପତ୍ତି ବିଷୟରେ ଜାଣିବାକୁ ଚାହୁଁଛି । ଏହା ବ୍ୟତୀତ, ୟୁରୋପା'ର ପୃଷ୍ଠରେ ଘଟୁଥିବା ପରିବର୍ତ୍ତନଗୁଡିକ ମଧ୍ୟ ଭଲ ଭାବରେ ନଜର ରଖାଯିବ, ଯାହା ଦ୍ୱାରା ଏହା ଉପରେ ସମ୍ଭାବ୍ୟ ବାସସ୍ଥାନଗୁଡିକ ମିଳିପାରିବ । ଏହି ମିଶନ ସହିତ ଆମେ ପୃଥିବୀ ବ୍ୟତୀତ ଅନ୍ୟ ସ୍ଥାନରେ ଜୀବନ ଖୋଜି ପାରିବା ।

୨) ନାସାର ଆର୍ଟେମିସ୍ ମିଶନ୍ (୨୦୨୪–୨୦୨୫): –ନାସାର ଆର୍ଟେମିସ୍ ମିଶନ୍ ହେଉଛି ଏକ ଭବିଷ୍ୟତବାଦୀ ମିଶନ୍, ଯାହା ମାଧ୍ୟମରେ ଆମେ ଚନ୍ଦ୍ରକୁ ଦେଖିବା ପଦ୍ଧତି ବଦଳିଯିବ । ଏହି ମିଶନ ଚନ୍ଦ୍ର ବିଷୟରେ ପ୍ରତ୍ୟେକ ବିଷୟ ଉପରେ ଧ୍ୟାନ ଦେବାକୁ ଯାଉଛି । ଏହାର ଅର୍ଥ ହେଉଛି ଯେ ଆମେ ଏଥିରୁ ଚନ୍ଦ୍ର ବିଷୟରେ ଅନେକ ସୂଚନା ପାଇବାକୁ ଯାଉଛୁ । ଏଥିରୁ ଆମେ ଚନ୍ଦ୍ରର ପ୍ରାୟ ପ୍ରତ୍ୟେକ ଦିଗ ବିଷୟରେ ଜାଣିବାକୁ ଯାଉଛୁ । ଏହି ମିଶନ୍ ବିଷୟରେ ଏକ ବିଶେଷ କଥା ହେଉଛି ଏଥିରେ ୬ ଟି ବଡ ସ୍ପେସ୍ ଏଜେନ୍ସି ଜଡିତ । ଏହି ମିଶନରେ ସ୍ପେସ୍ ଲଞ୍ଚ ସିଷ୍ଟମ୍, ଓରିଅନ୍ ଅର୍ବିଟର୍, ଲୁନାର ଗେଟୱେ ଏବଂ ହ୍ୟୁମାନ୍ ସ୍ପେସ୍ ଲ୍ୟାଣ୍ଡିଂ ସିଷ୍ଟମର ଡିଜାଇନ୍ ଉପରେ ଅଧିକ ଧ୍ୟାନ ଦିଆଯିବ । ଏହା ବ୍ୟତୀତ, ଏହି ମିଶନର ମୂଳ ଲକ୍ଷ୍ୟ ହେଉଛି ଲୋକଙ୍କୁ ଚନ୍ଦ୍ରରେ ଅବତରଣ କରିବା ଏବଂ ସେହି ସମୟରେ ସେଠାରେ ଏକ ସ୍ଥାୟୀ ଘର ନିର୍ମାଣ କରିବା । ତେଣୁ ବର୍ତ୍ତମାନ ଆପଣ ନିଜେ କଳ୍ପନା କରିପାରିବେ ଯେ ଭବିଷ୍ୟତରେ ଏହି ମିଶନ କେତେ ଲୋକପ୍ରିୟ ହେବ କାରଣ ଅନେକ ଦଶନ୍ଧି ପରେ ମଣିଷ ପୁଣି ଚନ୍ଦ୍ରରେ ଅବତରଣ କରିବାକୁ ଯାଉଛି ।

ଏହା ବ୍ୟତୀତ ମଙ୍ଗଳ ଗ୍ରହକୁ ଭବିଷ୍ୟତର ମିଶନ ପାଇଁ ମଧ୍ୟ ଏହି ମିଶନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି । କାରଣ ଚନ୍ଦ୍ର ଉପରେ ଆଧାର ନିର୍ମାଣ ହେବା ପରେ, ଭବିଷ୍ୟତର ଅବଶିଷ୍ଟ ମହାକାଶ ମିଶନଗୁଡ଼ିକ କେବଳ ସେଠାରୁ କାର୍ଯ୍ୟ କରିବାକୁ ଯାଉଛି ।

୩) ଲୁନାର ଗେଟୱେ (୨୦୨୫): – ଲୁନାର ଗେଟୱେ ଏକ ପ୍ରକାର ଉନ୍ନତ ସ୍ପେସ୍ ଷ୍ଟେସନ ହେବାକୁ ଯାଉଛି, ଯାହା ଚନ୍ଦ୍ରର କକ୍ଷପଥରେ ବୁଲିବ । ଏହି ଚନ୍ଦ୍ର ମିଶନ ନାସାର ଅନେକ ଗୁରୁତ୍ୱପୂର୍ଣ୍ଣ ମିଶନ ମଧ୍ୟରୁ ଅନ୍ୟତମ । ଏଥିରେ ନାସା ସ୍ପେସ୍ ଷ୍ଟେସନ୍ ମଧ୍ୟ ସୌର ଚାଳିତ ଯୋଗାଯୋଗ ହବ୍ ଭାବରେ କାର୍ଯ୍ୟ କରିବାକୁ ଯାଉଛି । ଏଥିରେ ମହାକାଶଚାରୀମାନଙ୍କ ପାଇଁ ଅନେକ ଲାବୋରେଟୋରୀ ଏବଂ ଅନେକ ବାସଗୃହ ରହିବ । ଏହି ମିଶନକୁ ସଫଳ କରିବା ପାଇଁ ଆମେରିକା, ଜାପାନ, ୟୁରୋପ ଏବଂ କାନାଡା ଦେଶ ଏକତ୍ରିତ ହୋଇଛନ୍ତି । ଏହି ମିଶନକୁ ସଫଳ କରିବା ପାଇଁ ଏହି ସମସ୍ତ ଦେଶର ସ୍ପେସ୍ ଏଜେନ୍ସିଗୁଡିକ ସମସ୍ତ ସମ୍ଭାବ୍ୟ ପ୍ରୟାସ କରିବାକୁ ଯାଉଛନ୍ତି । ଯଦି ଏହି ମିଶନ୍ ସଫଳ ହୁଏ, ତେବେ ଆମେ ଆଗାମୀ ସମୟରେ ସହଜରେ ସ୍ପେସ୍ ଭ୍ରମଣ କରିପାରିବା । ଆର୍ଟେମିସ୍ ମିଶନ୍ ପରେ, ଏହି ମିଶନ୍ ୨୦୨୫ରେ ବହୁତ ଗୁରୁତ୍ୱପୂର୍ଣ୍ଣ ହେବ, କାରଣ ଏହା ବିନା ଆର୍ଟେମିସ୍ ମିଶନ୍ ସଫଳ ହେବା ଅତ୍ୟନ୍ତ କଷ୍ଟକର । ଏହି ମିଶନ୍ ଆର୍ଟେମିସ୍ ମିଶନ୍ ପାଇଁ ଏକ ଯୋଗାଯୋଗ ହବ୍ ଭାବରେ କାର୍ଯ୍ୟ କରିବାକୁ ଯାଉଛି ।

୪) ଡ୍ରାପର୍ ଚନ୍ଦ୍ର ଲ୍ୟାଣ୍ଡର୍ (୨୦୨୫): – ୨୦୨୫ ପାଇଁ ଧାର୍ଯ୍ୟ ହୋଇଥିବା ଏହି ମିଶନ୍ କିଛି ଅଲଗା ଅଟେ କାରଣ ଏହା ଚନ୍ଦ୍ରର କେବେ ଦେଖାଯାଇ ନଥିବା ପାର୍ଶ୍ୱରେ ଘଟିବାକୁ ଯାଉଛି । ଏହି ମିଶନର ମୂଳ ଲକ୍ଷ୍ୟ ହେଉଛି ଅବତରଣ ସ୍ଥାନର ଭୌଗୋଳିକ ଗଠନ ଖୋଜିବା । ଅବତରଣ ସ୍ଥାନ ବିଷୟରେ ବିଶେଷ କଥା ହେଉଛି ଏହି ଅଞ୍ଚଳରେ ବିପୁଳ ପରିମାଣର ଆଗ୍ନେୟଗିରି କାର୍ଯ୍ୟକଳାପ ପରିଲକ୍ଷିତ ହୋଇଛି । ଏହି ଆଗ୍ନେୟଗିରି କାର୍ଯ୍ୟକଳାପ ସମଗ୍ର ବିଶ୍ୱରୁ ଗବେଷକମାନଙ୍କୁ ଆକର୍ଷିତ କରୁଛି । ଏହା ବ୍ୟତୀତ, ଏହି ମିଶନ ସ୍ପେସ୍ ଲଜିଷ୍ଟିକ୍ସ ଉପରେ ମଧ୍ୟ ପ୍ରଭାବ ପକାଇବ । ଆଜି ଅନେକ କମ୍ପାନୀ ପରସ୍ପର ସହିତ ପ୍ରତିଯୋଗିତା କରୁଛନ୍ତି, ପେ–ଲୋଡ୍ ମହାକାଶକୁ ନେଇଯିବା ପାଇଁ, ତେଣୁ ଏହି ମିଶନ୍ ସେହି ପ୍ରତିଯୋଗିତାକୁ ଏକ ଭିନ୍ନ ସ୍ତରକୁ ନେବାକୁ ଯାଉଛି । ଏହି ମିଶନ ଚନ୍ଦ୍ର ମିଶନ ମଧ୍ୟରେ ମଧ୍ୟ ବିଶେଷ ଅଟେ । କାରଣ ଏଥିରେ ଅନେକ ନୂତନ ଜିନିଷ ଦେଖାଯିବ । ଯେପରି, ସ୍ପେସ୍ ଲଜିଷ୍ଟିକ୍ସରେ ଏକ ବିରାଟ ପରିବର୍ତ୍ତନ ଡ୍ରାପର୍ ଚନ୍ଦ୍ର ଲ୍ୟାଣ୍ଡର ଅତ୍ୟାଧୁନିକ ଅବତରଣ ପ୍ରଯୁକ୍ତିବିଦ୍ୟା ସହିତ ଏକ ଉନ୍ନତ ପେଲୋଡ୍ ସ୍ଥାନାନ୍ତର କାର୍ଯ୍ୟକଳାପକୁ ଦେଖାଯାଇପାରେ ।

୫) ଡ୍ରାଗନ୍ ଫ୍ଲାଏ ମିଶନ୍ (୨୦୨୭): – ନାସାର ଏହି ମିଶନ୍ ଏହାର ଅନ୍ୟ ସ୍ପେସ୍ ମିଶନ୍ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏହାର ଅର୍ଥ ହେଉଛି ଶନିଙ୍କ ଚନ୍ଦ୍ର ଟାଇଟାନ ଉପରେ ଏହି ମିଶନ ହେବାକୁ ଯାଉଛ । ଏହି ସ୍ପେସ୍ ମିଶନ୍ ନାସା ଦ୍ୱାରା ପ୍ରଥମ ଥର ପାଇଁ କରାଯାଉଛି, ଯେଉଁଥିରେ ଏକ ରୋବୋଟିକ୍ ରୋଟରକ୍ରାଫ୍ଟ ବ୍ୟବହାର କରାଯିବ ।

ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏହି ରୋଟ୍ରାଫ୍ଟ ପ୍ରକୃତରେ ଏକ ନିଆରା ଯାନ ଅଟେ । କାରଣ ଏଥିରେ ଅନେକ ପ୍ରକାରର ଉନ୍ନତ ଉପକରଣ ସ୍ଥାପିତ ହୋଇଛି । ଉଲ୍ଲେଖଥାଉ କି, ମିଶନର ମୂଳ ଲକ୍ଷ୍ୟ ହେଉଛି ଟାଇଟାନ୍‌ର ରାସାୟନିକ ଗଠନ ବୁଝିବା ଏବଂ ଏହା ଉପରେ ସମ୍ଭାବ୍ୟ ଜୀବନର ଉତ୍ସ ଖୋଜିବା । ଏହା ବ୍ୟତୀତ, ଏକ ବିଶେଷ କଥା ହେଉଛି ଏହି ମିଶନରେ ବ୍ୟବହୃତ ଯାନଟି ଭୂଲମ୍ବ ଲ୍ୟାଣ୍ଡ କରିପାରିବ ଏବଂ ଏକ ନିଆରା ଢଙ୍ଗରେ ଟେକ୍ ଅଫ୍ କରିପାରିବ । ତେଣୁ ଯାନର ଏହି ଗୁଣ ବ୍ୟବହାର କରି ଆମେ ଅନେକ ରହସ୍ୟମୟ ସ୍ଥାନ ଆବିଷ୍କାର କରିପାରିବା ।

**ସୁଜନପୁର , ଯାଜପୁର**
ମୋ–୯୩୪୮୭୬୮୮୧୨

# ଜାତୀୟ ପ୍ରେସ୍ ଦିବସର ଅନୁଚିନ୍ତା



**ହିମାଂଶୁ ଶେଖର ଆଚାର୍ଯ୍ୟ**

ଆଜି ହେଉଛି ଜାତୀୟ ପ୍ରେସ୍ ଦିବସ । ଜାତୀୟ ପ୍ରେସ୍ ବା ଗଣମାଧ୍ୟମ ପାଇଁ ଏକ ସ୍ମରଣୀୟ ଦିନ । ୧୯୬୬ ମସିହା ଜୁଲାଇ ୪ ତାରିଖରେ ପ୍ରଥମ ଭାରତୀୟ ପ୍ରେସ୍ କମିଶନ ଗଠନ କରାଯାଇଥିଲା ଓ ସେହିବର୍ଷ ନଭେମ୍ବର ୧୬ ତାରିଖରେ ଏହା ବିଧିବଦ୍ଧଭାବେ କାର୍ଯ୍ୟକାରୀ ହୋଇଥିଲା । ଉଦ୍ଦେଶ୍ୟ ଥିଲା ଗଣତନ୍ତ୍ରର ସଜାଗ ପ୍ରହରୀଭାବେ କାର୍ଯ୍ୟକରିବା ସହ କୌଣସି ବାହ୍ୟ ପ୍ରବାହରେ ପ୍ରଭାବିତ ନ ହୋଇ ଗଣମାଧ୍ୟମ ନିଜର ଉତ୍ତରଦାୟିତ୍ୱକୁ ନିର୍ବାହ କରିବା ସହ ବ୍ୟକ୍ତିର ବାକ୍ ସ୍ୱାଧୀନତାକୁ ସୁରକ୍ଷାଦେବା । ଯଦିଓ ସାରା ବିଶ୍ୱରେ ଅନେକ ପ୍ରେସ୍ କାଉନସିଲ ରହିଛି ତଥାପି ଭାରତୀୟ ପ୍ରେସ୍ କାଉନସିଲ ତାର ସ୍ୱତନ୍ତ୍ର ସ୍ଥାନ ରଖିବାରେ ସମର୍ଥ ହୋଇଅଛି । ତେଣୁ ଜାତୀୟ ପ୍ରେସ୍ ଦିବସ ଅନେକ ଦୃଷ୍ଟିରୁ ଗୁରୁତ୍ୱ ରଖେ । ସେଥିପାଇଁ ପ୍ରତିବର୍ଷ ବଭିନ୍ନ ଆଲୋଚନା ଚକ୍ର କରାଯାଇ ଗଣମାଧ୍ୟମର ସ୍ୱାଧୀନତା ଓ ନିରପେକ୍ଷତା ଉପରେ ସଚେତନତା ସୃଷ୍ଟି କରାଯାଉଅଛି ।

ଗଣତନ୍ତ୍ର ଶାସନର ସଫଳତା ଚାରୋଟି ସ୍ତମ୍ଭ ଉପରେ ନିର୍ଭର କରେ । ସେମାନେ ହେଲେ – ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ଗଣମାଧ୍ୟମ । ପ୍ରଥମସ୍ତମ୍ଭଟି ରାଷ୍ଟ୍ର ପାଇଁ ନୀତି ନିର୍ଦ୍ଧାରଣ କରିବେ, ଦ୍ୱିତୀୟସ୍ତମ୍ଭ ନୀତିକୁ କାର୍ଯ୍ୟକାରୀ କରିବେ, ତୃତୀୟସ୍ତମ୍ଭଟି ନ୍ୟାୟ ବ୍ୟବସ୍ଥା ପାଇଁ ଦାୟୀ ରହିବେ ଓ ଚତୁର୍ଥସ୍ତମ୍ଭ ସତର୍କ ପ୍ରହରୀ ଭାବେ କାର୍ଯ୍ୟ କରିବେ । ଚତୁର୍ଥସ୍ତମ୍ଭ ଗଣମାଧ୍ୟମର ଉତ୍ତରଦାୟିତ୍ୱ ସବୁଠାରୁ ବେଶୀ । ଏକବିଂଶତମ ଯୁଗରେ ସମ୍ବାଦ ଓ ସାମ୍ବାଦିକତାର ଯଥେଷ୍ଟ ଗୁରୁତ୍ୱ ରହିଛି । ଇଣ୍ଟରନେଟ୍ ଓ ବୈଦ୍ୟୁତିକ ଗଣମାଧ୍ୟମର ବହୁଳ ପ୍ରସାର–ପ୍ରଚାର ଗଣତନ୍ତ୍ରର ସୁରକ୍ଷାକୁ ଆହୁରି ଶକ୍ତ ଓ ଦୃଢ କରିପାରିଛି । ଏସବୁ ସତ୍ତ୍ୱେ ପ୍ରିଣ୍ଟିଂ ମିଡିଆ ତାର ସ୍ଥାନ ବଜାୟ ରଖିଛି । ବର୍ତ୍ତମାନ ସମୟରେ ଲୋକଙ୍କ ପାଖରେ ଆଉ କୌଣସି କଥା ଅଜଣା ହୋଇ ରହୁନାହିଁ । ଘରେ ବସି ରହି ସେ ଦୁନିଆର ଖବର କ୍ଷଣିକରେ ପାଇ ପାରୁଛି । ଗଣମାଧ୍ୟମ ନ ଥିଲେ ଲୋକେ ଆଖି ଥାଇ ଅନ୍ଧ ଓ କାନ ଥାଇ ବଧିର ହୋଇଯାଆନ୍ତେ । ପୂର୍ବକାଳରେ ଏ ସୁବିଧା ନଥିଲା । ତ୍ୱରିତ ଖବର ପଠାଇବାର କୌଣସି ମାଧ୍ୟମ ନଥିଲା । ତୁଣ୍ଡ ବାଇଦ ସହସ୍ରକୋଶ ବୋଲି ଲୋକମାନେ ଏବେବି କୁହନ୍ତି । ସେତେବେଳେ ତୁଣ୍ଡ ମାଧ୍ୟମରେ ଜଣକ ପାଖରୁ ଅନ୍ୟ ଜଣକ ପାଖକୁ ବା ବାଦ୍ୟଯନ୍ତ୍ର ସାହାଯ୍ୟରେ ବାଜା ବଜାଇ ଜନ୍ମମୃତ୍ୟୁ କି ମହୋତ୍ସବର ସୂଚନା ଜାଣିପାରୁଥିଲେ ।

ପୂର୍ବେ ହାତଗଣତି ସାମ୍ବାଦିକ ଥିଲେ । ସମ୍ବାଦପତ୍ର ସଂଖ୍ୟା ମଧ୍ୟ ବହୁତ କମ୍ ଥିଲା । ଏବେ କିନ୍ତୁ ସାମ୍ବାଦିକଙ୍କ ସଂଖ୍ୟା ଓ ସମ୍ବାଦପତ୍ରର ସଂଖ୍ୟା ଆଶାତୀତ ଭାବେ ବଢିଛି । ପ୍ରତିବର୍ଷ ନୂଆ ନୂଆ ଖବରକାଗଜ ବଜାରକୁ ଆସୁଛି । ଖବରକାଗଜ ଖବରକାଗଜ ମଧ୍ୟରେ ବିଭିନ୍ନ ଦିଗରୁ ପ୍ରତିଯୋଗିତା ଚାଲିଚି କଳେବରକୁ ନେଇ, ସଂଖ୍ୟାକୁ ନେଇ ନୂଆ ଢଙ୍ଗରେ ପରିବେଷଣକୁ ନେଇ ।

ପାଠକୀୟ ସ୍ୱୀକୃତିକୁ ମଧ୍ୟ ଚାଲିଛି ତୀବ୍ର ପ୍ରତିଯୋଗିତା । ପ୍ରତିଯୋଗିତା ହେବା ଭଲ, କିନ୍ତୁ ସକାରାତ୍ମକ ଭାବେ ହେବା ଦରକାର । ଏଥିସହିତ ସମାଜର ନିଚ୍ଛକ ଘଟଣା ଛୁଆ ବିକ୍ରି, ଅନାହାର ମୃତ୍ୟୁ, ଶିଶୁ ନିର୍ଯ୍ୟାତନା, ନାରୀ ନିର୍ଯ୍ୟାତନା, ଦୁର୍ନୀତି, ଭ୍ରଷ୍ଟାଚାର, ଶୋଷଣ, କଷଣ ଆଦି ପ୍ରସଙ୍ଗରେ ମଧ୍ୟ ଗଣମାଧ୍ୟମ ଖବର ଦେଇ ଆମକୁ ସଚେତନ କରାଇବା ସହିତ ଆମ ଆଖି ଖୋଲି ଦେବାର ପ୍ରୟାସ କରିବା ଜରୁରୀ ହୋଇପଡିଛି । ଏହା ଏକ ସ୍ୱଚ୍ଛ, ନିର୍ମଳ ଦର୍ପଣ ସଦୃଶ । ସେଇଥିପାଇଁ ଆଜି ଗାଁ ଗଣ୍ଡା ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ, କ୍ଷେତର ଚାଷୀଠାରୁ ଚା' ଦୋକାନ, ପାନ ଦୋକାନ, ସେଲୁନ ଠାରୁ ଅରମ୍ଭ କରି ହୋଟେଲ, ରେସ୍ତୋରାଁ, ସରକାରୀ ଅଫିସ, ଶିକ୍ଷାନୁଷ୍ଠାନ ସମେତ ଛାତ୍ର, ଓକିଲ, ଶ୍ରମିକ ସକାଳ ହେଲେ ସମସ୍ତଙ୍କ ହାତରେ ପ୍ରାୟତଃ ଖଣ୍ଡିଏ ଖଣ୍ଡିଏ ଖବରକାଗଜ ଦେଖିବାକୁ ପାଇବେ । ତେଣୁ, ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ ଗଣମାଧ୍ୟମ ବହୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅଛି ।

ପୁରାଣଯୁଗରେ ଦେବର୍ଷି ନାରଦ ତିନିପୁର ଭ୍ରମଣ କରି ଖବରମାନ ପହଞ୍ଚାଉଥିଲେ । ବର୍ତ୍ତମାନ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଆଉ ତିନିପୁର ଭ୍ରମଣ କରିବାକୁ ପଡୁନାହିଁ । ଏ ଯୁଗରେ ଗଣମାଧ୍ୟମ ଦ୍ରୁତଗତିରେ ଆଗେଇ ଚାଲିଛି । ମୋବାଇଲ୍, କମ୍ପ୍ୟୁଟର, ଇଣ୍ଟରନେଟ୍, ଡିଜିଟାଲ୍ କ୍ୟାମେରା ଓ ହ୍ୱାଟସ୍‌ଆପ୍ ଯୁଗରେ ଗଣମାଧ୍ୟମର ପ୍ରତିନିଧିମାନେ ସହସା ଘଟଣା ଜାଗାରେ ପହଞ୍ଚି ସମ୍ବାଦ ଓ ଫଟୋଚିତ୍ର ସଂଗ୍ରହ କରିପାରୁଛନ୍ତି ତାହା ତତ୍‌କ୍ଷଣାତ୍ ସମ୍ବାଦପତ୍ର ମାଧ୍ୟମରେ ପ୍ରକାଶିତ ହୋଇପାରୁଛି । ତତ୍‌ସହିତ ଏହା ଯୁବ ସମାଜ ଉପରେ ବହୁତ ପ୍ରଭାବ ପକାଉଛି । ଆଜିର ଯୁବକମାନେ ଜୀବନ–ଜୀବିକା ପାଇଁ ରାହା ଖୋଜୁଥିବା ବେଳେ ସାମ୍ବାଦିକତା ତାଙ୍କ ପାଇଁ ସ୍ଥଳବିଶେଷରେ ଜୀବନ–ଜୀବିକାର ମାଧ୍ୟମ ମଧ୍ୟ ହୋଇଛି ।

ସାଂପ୍ରତିକ ସମୟରେ ଜୀବନ–ଜୀବିକାର ଦାୟିତ୍ୱ ବଢିବାରେ ଲାଗିଛି । ବିଚାର ବିଭାଗ, ମାନବିକ ଅଧିକାର ସୁରକ୍ଷା କମିଶନ ଓ ଅନ୍ୟାନ୍ୟ ସଂସ୍ଥାର ଉପସ୍ଥିତି ସତ୍ତ୍ୱେ ଗଣମାଧ୍ୟମର ଭୂମିକା ଅଧିକ ପ୍ରଭାବଶାଳୀ ମନେ ହେଉଛି ।

ବର୍ତ୍ତମାନ ଦେଶରେ ଅର୍ଥନୈତିକ ଅପରାଧ ବହୁଗୁଣରେ ବୃଦ୍ଧି ପାଇଛି । ଲାଞ୍ଚ, ଦୁର୍ନୀତି, କଳାଧନ ସୃଷ୍ଟି, ଗରିବଙ୍କ ଅର୍ଥର ବାଟମାରଣା, ଆର୍ଥିକ ସହାୟତାରେ ଅନେକ ସ୍ଥାନରେ ପାତର ଅନ୍ତର ଘଟଣାମାନ ଘଟିଚାଲିଛି । କେତେକ କ୍ଷେତ୍ରରେ ଗଣମାଧ୍ୟମର ଉଦ୍ୟମ ଅତି ପ୍ରଶଂସନୀୟ ମନେହୁଏ । ବିଗତ ଦିନରେ ଭ୍ରଷ୍ଟାଚାର ବିରୋଧରେ ଆନ୍ନା ହଜାରେଙ୍କ ଆନ୍ଦୋଳନ ଓ ନିର୍ଭୟା ଗଣ ବଳାତ୍କାର ଘଟଣାରେ ଗଣମାଧ୍ୟମର ଗୁରୁତ୍ୱକୁ କେହି ଅସ୍ୱୀକାର କରିପାରିବେନି ।

ସେହିପରି ନିକଟ ଅତୀତରେ ଘଟିଥିବା ଅନେକ ପ୍ରସଙ୍ଗରେ ଗଣମାଧ୍ୟମର ଭୂମିକା ବେଶ୍ ପ୍ରଣିଧାନଯୋଗ୍ୟ । ଏହି ଭଳି ଅନେକ ଘଟଣାର ଅବତାରଣା କରାଯାଇପାରେ । ସୁତରାଂ ରାଷ୍ଟ୍ରପ୍ରହରୀ ଯଦି ରାଷ୍ଟ୍ର ପାଇଁ ବିଶ୍ୱସ୍ତ ନ ହୁଏ ତାହେଲେ ଗଣତନ୍ତ୍ର ପ୍ରତି ବିପଦ ମାଡିଆସିବ ।

ଏବେ ବି ସମୟ ଅଛି ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ଗଣମାଧ୍ୟମ ଆଗଭର ହୋଇ ଆସିବା ଦରକାର । ଏଥିପାଇଁ ସ୍ୱାର୍ଥର ଲାଳସା ପରିହାର କରିବାକୁ ହେବ । କିଏ ବା ନ ଜାଣିଛି ଏକଥା –'ଜାତି ନନ୍ଦିଘୋଷ ଚଳିବ କି ଭାଇ ସ୍ୱାର୍ଥକୁ ସାରଥୀ କଲେ, ଟାଣେ କିରେ ଗାଡି ଦାନାର ତୋବଡା ଘୋଡା ମୁହେଁ ବନ୍ଧାଥିଲେ ।' ଗଣମାଧ୍ୟମ ତାର ଉତ୍ତରଦାୟିତ୍ୱ ନିର୍ବାହ କଲେ ଏକ ସୁସ୍ଥ ସମାଜ ଓ ରାଷ୍ଟ୍ର ଗଠନ ହୋଇପାରିବ । ଏହାହିଁ ଜାତୀୟ ଗଣମାଧ୍ୟମ ଦିବସର ଅନୁଚିନ୍ତା ।

**ଜଗତସିଂହପୁର**
ମୋ – ୯୯୩୭୧୫୧୦୫୨

# କାର୍ତ୍ତିକ ଓ ହବିଷ

**ବୈଷ୍ଣବ ଚରଣ ଦାଶ**

ଆୟୁର୍ବେଦରେ ଡାଲି ଜାତୀୟ ଶସ୍ୟ ମଧ୍ୟରେ ମୁଗକୁ ସର୍ବଶ୍ରେଷ୍ଠ ବୋଲି କୁହାଯାଇଛି । ହବିଷର ମୁଖ୍ୟ ପରିବା ଭିତରେ ସାରୁ ପ୍ରଧାନ । ସାରୁ ଏକ ଅଠାଳିଆ ପରିବା । କିନ୍ତୁ ଆୟୁର୍ବେଦରେ ଏହା ଆନ୍ତ୍ରିକ ରକ୍ତସ୍ରାବର ନିରୋଧକ । ସେହିପରି କଞ୍ଚା କଦଳୀ ଏକ କଷାୟ ରସ ଯୁକ୍ତ । ଏଥିରେ ବହୁ ପରିମାଣରେ ଲୌହ ଏବଂ ଖଣିଜ ତତ୍ତ୍ୱ ରହିଛି । ଓଉ, କୟାଁ, ମଞ୍ଜା ଆଦି ତନ୍ତୁ ଜାତୀୟ ଖାଦ୍ୟକୁ ହବିଷରେ ଗୁରୁତ୍ୱ ଦିଆଯାଇଛି । ଏଗୁଡିକ ଅମ୍ଳ ରସ ଯୁକ୍ତ ଏବଂ ହଜମ କାରକ । ସେହିପରି ମଧୁର ରସ ଯୁକ୍ତ ଖାଦ୍ୟ ରୁପେ କନ୍ଦମୂଳ ଓ ନଡ଼ିଆକୁ ଗ୍ରହଣ କରାଯାଇଛି । ନଡ଼ିଆ ସ୍ନେହସାରର ଅଭାବ ପୂରଣ କରେ । ଏତଦ୍ ବ୍ୟତୀତ ଅଗସ୍ତି ଶାଗ ହବିଷ୍ୟାଳିଙ୍କ ପ୍ରଧାନ ଓ ପ୍ରିୟ ହୋଇଥାଏ ।

ଧର୍ମ ଓ ପୁଣ୍ୟର ମାସ ହେଉଛି କାର୍ତ୍ତିକ । କୃତ୍ତିକା ନକ୍ଷତ୍ର ଯୁକ୍ତ ପୂର୍ଣ୍ଣିମା ପଡୁଥିବା ଚାନ୍ଦ୍ରମାସକୁ କାର୍ତ୍ତିକ ବୋଲି ନାମକରଣ କରାଯାଇଛି । ଏହା ବିଷ୍ଣୁଙ୍କ ପ୍ରିୟ ମାସ । ଏହି ମାସରେ ଭଗବାନ୍ ବିଷ୍ଣୁ ଦାମୋଦର ନାମରେ ପୂଜା ପାଆନ୍ତି । ଧର୍ମର ମାସ ହୋଇଥିବାରୁ ଏହି ମାସରେ ଦାନ, ଧର୍ମ, ପୂଜା, ସ୍ନାନ, ତପର ବିଶେଷ ଫଳପ୍ରାପ୍ତି ହୋଇଥାଏ । ଏହା ସାତ୍ତ୍ୱିକ ମାସ ହେବା କାରଣରୁ ବଗ ମଧ୍ୟ ଆମିଷ ଭକ୍ଷଣ କରେନାହିଁ । ମନରେ, ଆଚରଣରେ, ଭାବନାରେ ସାତ୍ତ୍ୱିକ ଭାବ ସୃଷ୍ଟି କରିବାକୁ ହେଲେ ଆମକୁ ପ୍ରଥମେ ଆମ ଚିତ୍ତବୃତ୍ତିକୁ ଶୁଦ୍ଧ କରିବାକୁ ହେବ ।

କଥାରେ ଅଛି 'ଯେମିତି ଅନ୍ନ ସେମିତି ମନ' । ତେଣୁ ସର୍ବପ୍ରଥମେ ଆମର ଖାଦ୍ୟ ପଦାର୍ଥ ବା ଅନ୍ନକୁ ବିଶୁଦ୍ଧ କରିବା ଆବଶ୍ୟକ । ତେଣୁ କାର୍ତ୍ତିକ ମାସରେ ଖାଦ୍ୟରେ କେତେକ ଶୃଙ୍ଖଳିତ ଖାଦ୍ୟକୁ ଗ୍ରହଣ କରିବା ସହ କେତେକ ଖାଦ୍ୟକୁ ବାରଣ କରାଯାଇଛି । କାର୍ତ୍ତିକ ମାସରେ ସାତ୍ତ୍ୱିକ ଆହାର କରିବାକୁ ପୁରାଣରେ ବର୍ଣ୍ଣନା ରହିଛି । ତାମସିକ ଓ ରାଜସିକ ପରାଭବଗୁଡ଼ିକୁ କେବଳ ସାତ୍ତ୍ୱିକ ଭାବନା ଦ୍ୱାରା ପ୍ରତିହତ କରାଯାଇ ପାରେ । ଭଗବତ୍ କୃତ୍ୟ ଦ୍ୱାରା ଅନ୍ତଃକରଣକୁ ଶୁଦ୍ଧ କରାଯାଇପାରେ । କାର୍ତ୍ତିକର ଆହାରକୁ ହବିଷ କୁହାଯାଏ । ଦିନରେ ଗୋଟିଏ ଥର ଭୋଜନ କରିବାକୁ ପଡେ । ସାତ୍ତ୍ୱିକ ଗୁଣବଳୀର ବିକାଶ ପାଇଁ ରାଜସିକ ଓ ତାମସିକ ଭାବନା ଉଦ୍ରେକକାରୀ ଖାଦ୍ୟ ଦ୍ରବ୍ୟକୁ ଏଥିରୁ ବାଦ୍ ଦିଆଯାଇଛି । ଉଷୁନା ଚାଉଳ, ମସୁର ଓ ହରଡ ଡାଲି ପ୍ରଭୃତି ଏହାର ଅନ୍ତର୍ଭୁକ୍ତ ନୁହେଁ । ସେହିପରି କେତେକ ପରିବା ଯଥା ବିଲାତି ଆଳୁ, ବିଲାତି ବାଇଗଣ, ପିଆଜ, କଞ୍ଚାଲଙ୍କା ଆଦିକୁ ମଧ୍ୟ ବାଦ୍ ଦିଆଯାଇଛି । କାର୍ତ୍ତିକ ମାସରେ ଶୀତର ଆଗମନ ହେତୁ ଦିନ ସାନ ଓ ରାତି ବଡ ହୋଇଥାଏ । ତେଣୁ ଖାଦ୍ୟ ହଜମ ହେବାକୁ ଯଥେଷ୍ଟ ସମୟ ମିଳେ । ଖାଦ୍ୟ ଶୀଘ୍ର ହଜମ ହୋଇ ଯାଇଥିବାରୁ ବହୁ ଗରିଷ୍ଠ ଖାଦ୍ୟ ହବିଷରେ ସ୍ଥାନ ପାଇଛି । ହବିଷ ଏକ ପୌଷ୍ଟିକ ତତ୍ତ୍ୱ ପୂର୍ଣ୍ଣ ଖାଦ୍ୟ । ଏହାର ପ୍ରତ୍ୟେକ ଉପାଦାନରେ ଔଷଧୀୟ ଗୁଣ ଭରପୂର ହୋଇ ରହିଛି । ଏହାର ମୁଖ୍ୟ ଉପାଦାନ ମଧ୍ୟରେ ଅରୁଆ ଚାଉଳ, ମୁଗ, କଞ୍ଚା କଦଳୀ, ଓଉ, ସାରୁ, ମଞ୍ଜା, କନ୍ଦମୂଳ, ଶାଗ, ଅଦା, ନଡ଼ିଆ, କୟାଁ, ଅଗସ୍ତି ଶାଗ, ଗୋଲମରିଚ ଆଦି ଅନ୍ତର୍ଭୁକ୍ତ ।

ଆୟୁର୍ବେଦରେ ଡାଲି ଜାତୀୟ ଶସ୍ୟ ମଧ୍ୟରେ ମୁଗକୁ ସର୍ବଶ୍ରେଷ୍ଠ ବୋଲି କୁହାଯାଇଛି । ହବିଷର ମୁଖ୍ୟ ପରିବା ଭିତରେ ସାରୁ ପ୍ରଧାନ । ସାରୁ ଏକ ଅଠାଳିଆ ପରିବା । କିନ୍ତୁ ଆୟୁର୍ବେଦରେ ଏହା ଆନ୍ତ୍ରିକ ରକ୍ତସ୍ରାବର ନିରୋଧକ । ସେହିପରି କଞ୍ଚା କଦଳୀ ଏକ କଷାୟ ରସ ଯୁକ୍ତ । ଏଥିରେ ବହୁ ପରିମାଣରେ ଲୌହ ଏବଂ ଖଣିଜ ତତ୍ତ୍ୱ ରହିଛି । ଓଉ, କୟାଁ, ମଞ୍ଜା ଆଦି ତନ୍ତୁ ଜାତୀୟ ଖାଦ୍ୟକୁ ହବିଷରେ ଗୁରୁତ୍ୱ ଦିଆଯାଇଛି । ଏଗୁଡିକ ଅମ୍ଳ ରସ ଯୁକ୍ତ ଏବଂ ହଜମ କାରକ । ସେହିପରି ମଧୁର ରସ ଯୁକ୍ତ ଖାଦ୍ୟ ରୁପେ କନ୍ଦମୂଳ ଓ ନଡ଼ିଆକୁ ଗ୍ରହଣ କରାଯାଇଛି । ନଡ଼ିଆ ସ୍ନେହସାରର ଅଭାବ ପୂରଣ କରେ । ଏତଦ୍ ବ୍ୟତୀତ ଅଗସ୍ତି ଶାଗ ହବିଷ୍ୟାଳିଙ୍କ ପ୍ରଧାନ ଓ ପ୍ରିୟ ହୋଇଥାଏ । ଏହା ପେଟ ଶୀତଳ ରଖେ ଓ ସୌମ୍ୟ ରସ ଯୁକ୍ତ । କଞ୍ଚାଲଙ୍କା ପରିବର୍ତ୍ତେ ହବିଷରେ ଅଦାର ପ୍ରୟୋଗ ହୁଏ । ଅଦା କଟୁ ରସ ଯୁକ୍ତ ଏବଂ ପାଚନ ରସ ସୃଷ୍ଟି କରିବାରେ ସହାୟକ ହୁଏ ।

ପ୍ରତ୍ୟହ ଡେରିରେ ତଥା ଏକ ବେଳା ଭୋଜନ କାରଣରୁ ମନୁଷ୍ୟ ଶରୀରରେ ପିତ୍ତ ଅଂଶ ବୃଦ୍ଧି ପାଏ । ତେଣୁ ହଳଦୀ ଓ ମସଲା ଗୁଣ୍ଡ ବ୍ୟବହାର ନ କରିବାକୁ ପରାମର୍ଶ ଦିଆ ଯାଇଛି । ଶୁଦ୍ଧ ଗାଈ ଘିଅର ଉପଯୋଗ ହବିଷକୁ ବିଶୁଦ୍ଧ କରିବା ସହ ଶରୀରରେ ସକାରାତ୍ମକ ଊର୍ଜା ସୃଷ୍ଟି କରେ । ଏହାକୁ ସମୀକ୍ଷା କଲେ ଜଣାଯାଏ ଯେ ଉଭୟ ବୈଜ୍ଞାନିକ ଓ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ହବିଷ ଅନ୍ନ ମନୁଷ୍ୟ ଶରୀରକୁ ଶୁଦ୍ଧ କରିବା ସହ ପିତ୍ତାୟିତ କରେ । ସକାରାତ୍ମକ ଶକ୍ତିର ବିକାଶ କରେ । ତେଣୁ କାର୍ତ୍ତିକର ହବିଷ୍ୟାନ୍ନ ଶରୀର ପାଇଁ ବେଶ୍ ଉପକାରୀ ।

**ବୀରଧନଞ୍ଜୟପୁର, ବୁଗୁଡ଼ା, ଗଞ୍ଜାମ**

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ଫାଇନାଲରେ...

ବିବେଚିତ କରାଯାଇଥିଲା । ଏତଦ୍‌ଭିନ୍ନ ସାମି ବିଶ୍ୱ କ୍ରିକେଟ୍‌ରେ ପ୍ରଥମ ବୋଲର ଭାବେ ବିଶ୍ୱକପ୍‌ରେ ଦ୍ରୁତତମ ୫୦ ୱିକେଟ୍ ଅକ୍ତିଆର କରିବାର ବିରଳ କୀର୍ତ୍ତିମାନ ରଚିଛନ୍ତି । ଏତଦଭିନ୍ନ ଚଳିତ ସଂସ୍କରଣରେ ସାମି ୨୩ ୱିକେଟ୍ ଅକ୍ତିଆର କରି ସର୍ବାଧିକ ୱିକେଟ୍ ହାସଲ କରି ବୋଲର ତାଲିକାର ଶୀର୍ଷ ସ୍ଥାନ ମଣ୍ଡନ କରିଛନ୍ତି । ୧୯୭୫ରୁ ଅଦ୍ୟାବଧି ଭାରତ ୪ଥର ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି । ୧୯୮୩ ସଂସ୍କରଣ ଓ ୨୦୧୧ ସଂସ୍କରଣରେ ଭାରତ ଚାମ୍ପିଅନ୍ ହୋଇଥିଲା । ୨୦୦୩ରେ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହୋଇ ଦଳ ଉପବିଜେତା ହୋଇଥିଲା । ପୁଣି ୧୨ବର୍ଷ ପରେ ଟିମ୍ ଇଣ୍ଡିଆ ନିକଟରେ ଟାଇଟଲ ହାତେଇବାର ସୁବର୍ଣ୍ଣ ସୁଯୋଗ ଆସିପହଞ୍ଚିଛି ।

## ରାଜସ୍ୱ...

ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଓ ଆର୍ଥିକ ପରିଚାଳନା ଏବଂ ୫-ଟି ସଂସ୍କାରର ଫଳ ସ୍ୱରୂପ ଏହା ସମ୍ଭବ ହୋଇଛି ବୋଲି କୁହାଯାଇଛି । ସରକାର ଏବେ ନିଜସ୍ୱ ସମ୍ବଳରେ ଅନେକ କଲ୍ୟାଣକାରୀ ଯୋଜନା କରୁଛନ୍ତି । ନିଜସ୍ୱ ଅର୍ଥରେ ସ୍କୁଲ ରୂପାନ୍ତିକରଣ, ପାନୀୟ ଜଳ ଯୋଗାଣ, ଜଳସେଚନ, ଚାଷୀଙ୍କୁ ସହାୟତା, ମିଶନଶକ୍ତି, ସ୍ୱାସ୍ଥ୍ୟ ସେବା ଓ ଗ୍ରାମାଞ୍ଚଳ ବିକାଶରେ ବ୍ୟାପକ ଉନ୍ନତି ଆଣିଛନ୍ତି । ଏହାସହ କେନ୍ଦ୍ରୀୟ ଯୋଜନାରେ ନିଜ ଅଂଶ ଅର୍ଥ ବାଦ୍ ଜମି ଓ ପ୍ରଶାସନିକ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବାକୁ ସକ୍ଷମ ହୋଇଛନ୍ତି । ଦୂରଦୃଷ୍ଟି ସମ୍ପନ୍ନ ଆର୍ଥିକ ପରିଚାଳନା ଯୋଗୁ ଏହା ସମ୍ଭବ ହୋଇଥିଲା କୁହାଯାଇଛି ।

## ଆଜିଠୁ...

ଲଘୁଚାପ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଅବପାତରେ ପରିଣତ ହୋଇଛି । ସମୁଦ୍ର ମଧ୍ୟରେ ଏହା ଘଣ୍ଟା ପ୍ରତି ୧୩ କିମି ବେଗରେ ଗତି କରୁଛି । ପୂର୍ବାହ୍ନ ୧୧.୩୦ ସୁଦ୍ଧା ଦକ୍ଷିଣପୂର୍ବ ବିଶାଖାପାଟଣା ଠାରୁ ୪୭୦ କିମି ଦୂରରେ ଗତି କରୁଥିଲା ବେଳେ ଓଡ଼ିଶାର ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ପାରାଦ୍ୱୀପ ଠାରୁ ୬୨୦ କିମି ଓ ପଶ୍ଚିମବଙ୍ଗର ଦିଘାର ଦକ୍ଷିଣ ଦିଗରୁ ୭୭୦ କିମି ଦୂରରେ ଗତି କରୁଛି । ପରବର୍ତ୍ତୀ ସମୟରେ ଏହା ଉତ୍ତର-ପଶ୍ଚିମ ଦିଗରେ ଗତି କରି ତୀବ୍ର ଅବପାତ ରୂପ ନେବ । ୧୬ ତାରିଖ ସକାଳୁ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରର ଆନ୍ଧ୍ରପ୍ରଦେଶ ଉପକୂଳ ନିକଟରେ ଗତି କରିବ । ଏହାପରେ ଗତି ପରିବର୍ତ୍ତନ କରି ଉତ୍ତର, ଉତ୍ତର-ପଶ୍ଚିମ ଏବଂ ୧୭ରେ ଉତ୍ତର ପଶ୍ଚିମ ବଙ୍ଗୋପସାଗରର ଓଡ଼ିଶା ଉପକୂଳରେ ନିକଟତର ହୋଇ ୧୮ ତାରିଖ ସକାଳୁ ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳ ମଧ୍ୟରେ ପ୍ରବେଶ କରିବ । ଏହାର ପ୍ରଭାବରେ ୧୭ ତାରିଖ ପର୍ଯ୍ୟନ୍ତ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

ଆସନ୍ତାକାଲି (ଗୁରୁବାର) ପୁରୀ, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା (୭ରୁ ୧୧ ସେମି) ହୋଇପାରେ । ସେହିପରି ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, କଟକ, ଖୋର୍ଦ୍ଧା ଜିଲ୍ଲାର ଅନେକ ସ୍ଥାନ ଏବଂ ବାଲେଶ୍ୱର, ଯାଜପୁର, ଗଜପତି, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, ରାୟଗଡ଼ା ଜିଲ୍ଲାର କିଛି ସ୍ଥାନ ସମେତ ମାଲକାନଗିରି, କୋରାପୁଟ, ବୌଦ୍ଧ, ଅନୁଗୁଳ ଓ କଳାହାଣ୍ଡି ଜିଲ୍ଲାର ସ୍ଥାନେସ୍ଥାନେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ୧୭ ତାରିଖରେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହେବା ସହ ପ୍ରବଳରୁ ଅତି ପ୍ରବଳ (୭ରୁ ୨୦ ସେମି) ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ଉତ୍ତର ଉପକୂଳ ଓଡ଼ିଶାର ସମସ୍ତ ଜିଲ୍ଲା, ମୟୂରଭଞ୍ଜ, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାର ଅନେକ ସ୍ଥାନ, ଅନୁଗୁଳ, ନୟାଗଡ଼, ସୁନ୍ଦରଗଡ଼, ଦେବଗଡ଼, ଖୋର୍ଦ୍ଧା, ପୁରୀ ଜିଲ୍ଲାର କିଛି ସ୍ଥାନ ଏବଂ ସମ୍ବଲପୁର, ଝାରସୁଗୁଡ଼ା, ବୌଦ୍ଧ, କନ୍ଧମାଳ ଓ ଗଞ୍ଜାମ ଜିଲ୍ଲାର ସ୍ଥାନେସ୍ଥାନେ ହାଲୁକା ବର୍ଷା ହୋଇପାରେ । ତେବେ ୧୫ରୁ ୧୮ ତାରିଖ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶା ସମୁଦ୍ରର ଆଖପାଖ ଅଞ୍ଚଳ, ୧୫ରୁ ୧୭ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳ ଏବଂ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଅଞ୍ଚଳକୁ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି ।

## ଚାଷୀ...

ଲେଖି ପୁଇଁତଲା ଥାନାରେ ଅଭିଯୋଗ କରିଛନ୍ତି ମୃତ ରମେଶଙ୍କ ଭାଇ ଅଶୋକ ଭୋଇ । ବୁବେଲ ଗାଁର ସେହି ଚାଷ ଜମିରେ ଯେଉଁଠି ବିଷ ମାରୁ ମାରୁ ନିଜ ବିଷକୁ ପିଇଦେଇଥିଲେ ମୃତ ରମେଶ ଭୋଇ ପ୍ରାୟ ୧୦ ଏକର ଚାଷ କରିଛନ୍ତି । କିନ୍ତୁ ୫ ଏକରରେ ରୋଗ ଓ ପୋକର ଦାଉ ଖାଲି ଆଖିରେ ଦେଖି ହେଉଛି । ଚାଷ ପାଇଁ ବିଭିନ୍ନ ଲୋକଙ୍କ ଠାରୁ ଧାର କରଜ କରି ଦୁଇ ତିନିଥର ବିଷ ମାରିଲେ କିଛି ହେଲା ନାହିଁ । ଶେଷରେ ନିଜେ ବିଷ ପିଇଦେଇ ଆତ୍ମହତ୍ୟାର ପଥ ବାଛିଲେ । ଖବର ପାଇ ବିଲରେ ପହଂଚିଥିଲେ ଲୋଇସିଂହା ବିଧାୟକ ଡ଼. ମୁକେଶ ମହାଲିଙ୍ଗ । ପରେ ଟିମ ସହିତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁବାଷ ଚନ୍ଦ୍ର ବେହେରା । ନିଜ ଆଖିରେ ପରିସ୍ଥିତି ଦେଖି ମାନିଲେ ବିଲରେ ରୋଗପୋକ ହୋଇଛି । ବିଧାୟକ ଡ଼. ମହାଲିଙ୍ଗ କହିଛନ୍ତି ଯେ କୃଷି ବିଭାଗ ତାର ଦାୟିତ୍ୱ ଠିକ୍ ଭାବେ ପରିଚାଳନା କରିବାରେ ବିଫଳ ହୋଇଛି । ମୃତ ଚାଷୀ ରମେଶ ଭୋଇଙ୍କ ସ୍ତ୍ରୀଙ୍କ ଅଭିଯୋଗ କରିଛନ୍ତି ଯେ ୫୦ହଜାର ଟଙ୍କା ସୁଧରେ ଋଣ ଆଣିଥିଲେ । ରୋଗ ପୋକ ପାଇଁ କରଜ ଶୁଝିବା ଭୟରେ ଆତ୍ମହତ୍ୟା କରିଦେଲେ । ଅଭିଯୋଗ ପରେ ଏନେଇ ତଦନ୍ତ କରୁଛି ପୁଇଁତଲା ପୋଲିସ ।

# ହାଇଟେକ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଶିଶୁଦିବସ



ଭୁବନେଶ୍ୱର (ସବ୍ୟୁ) : ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟରେ ଆଜି ପବିତ୍ର ଶିଶୁ ଦିବସ ତଥା ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଜନ୍ମ ଦିବସ ଅବସରରେ ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟ ତରଫରୁ ଶିଶୁ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ଏକ ପ୍ରାଚୀର ପତ୍ର ଉଦ୍ଘାଟନ ହୋଇଛି । ଯେଉଁଥିରେ ପିଲାମାନେ କବିତା, ଗଳ୍ପ, ପ୍ରବନ୍ଧ ଏବଂ ଚିତ୍ର ପ୍ରଦର୍ଶନ କରିଥିଲେ। ଏଥିରେ ହାଇଟେକ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ନିର୍ଦ୍ଦେଶିକା ଅଙ୍କିତା ପାଣିଗ୍ରାହୀ ଉପସ୍ଥିତ ଥିଲାବେଳେ ଅଧ୍ୟକ୍ଷ ଡ. ଚିତରନ ସାହୁ ବିଦ୍ୟାର୍ଥୀ ମାନଙ୍କୁ ଚାଚା ନେହେରୁଙ୍କର ଜୀବନଆଦର୍ଶ ପ୍ରତି ଅନୁପ୍ରାଣିତ ହେବାକୁ କହିଥିଲେ। ଏବଂ ଓଡିଆ ବିଭାଗର ଅଧ୍ୟାପକ ଡ. ଚିତରନ ସାହାଣି ବିଦ୍ୟାର୍ଥୀମାନଙ୍କର ଜୀବନ ଏକ ସାଧୁସନ୍ଥର ଜୀବନ ଭାବରେ କର୍ତବ୍ୟ ପ୍ରତି ବିମୁଖ ନହେବାକୁ ଓ ସାଧୁସନ୍ଥର ଜୀବନ ଭଳି ଜୀବନ ବିତାଇବା ସହିତ ପାଠପଢାକୁ ଅଗ୍ରାଧିକାର ଦିଆଯିବା ଦରକାର ବୋଲି କହିଥିଲେ । ଉପାଧ୍ୟକ୍ଷ ବିଭୂତିଭୂଷଣ ବେହେରା କାର୍ଯ୍ୟକ୍ରମରେ ଧନ୍ୟବାଦ ଅର୍ପଣ କରିଥିଲେ ।

# କଣ୍ଟାବାଞ୍ଜିରେ ଜିଲ୍ଲାସ୍ତରୀୟ ବିର୍ସାମୁଣ୍ଡା ଜୟନ୍ତୀ

କଣ୍ଟାବାଞ୍ଜି (ସବ୍ୟୁ) : କଂଟାବାଞ୍ଜି ଜିଆର ପେଲେସ୍ ଠାରେ ବୁଧବାର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ବଲାଙ୍ଗିର ପକ୍ଷରୁ ଜିଲ୍ଲାସ୍ତରୀୟ ବିର୍ସାମୁଣ୍ଡା ଜୟନ୍ତୀ ପାଳିତ ହୋଇଯାଇଛି । ଆଦିବାସୀ ଯୁବ ନେତା ଗିରିରାଜ ସିଂହ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ବିଧାୟିକ ବର୍ଷା ସିଂହ ବରିହା ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ରାଜୁ ଘିବେଲା, ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ସତ୍ୟନାରାୟଣ ଭୋଇ, ଉପସଭାପତି ଶରତ ସିଂ ଭୋଇ, ସଂପାଦକ ପୁରୁଷୋତ୍ତମ ଧରୁଆ ପ୍ରମୁଖ ଯୋଗଦେଇ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରୁ ଆଦିବାସୀ ସଂଘର ସଦସ୍ୟ ସଦସ୍ୟା ମାନେ ଏକ ବିଶାଳ ରେଲି ଯୋଗେ ନଗର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ତୁରେକେଲା ବ୍ଲକ ସମେତ ମୁରିବାହାଲ, ବଙ୍ଗୋମୁଣ୍ଡା ଓ କଂଟାବାଞ୍ଜି ନିର୍ବାଚନ ମଣ୍ଡଳୀର ଶତାଧିକ ଆଦିବାସୀ ଏଥିରେ ଯୋଗ ଦେଇଥିଲେ । ବିଧାୟିକା ଶ୍ରୀମତୀ ବରିହା ଆଦିବାସୀ ମାନଙ୍କୁ ଶିକ୍ଷିତ ହୁଅ ସଂଗଠିତ ହୁଅ ଏବଂ ଶିକ୍ଷା କ୍ଷେତ୍ରରେ ଉନ୍ନତି କର ବୋଲି ନିଜ ବକ୍ତବ୍ୟ ରଖିଥିଲେ । ଆଦିବାସୀ ମାନଙ୍କ ଉନ୍ନତି କିଭଳି ହେବ ସେ ନେଇ ଅନ୍ୟ ସମସ୍ତ ମଂଚାସିନ ଅତିଥି ମାନେ ନିଜ ନିଜ ବକ୍ତବ୍ୟ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପସଭାପତି ନିରୁପମା ମାଝୀ, ଦୁଃଖିଶ୍ୟାମ ଭୋଇ, ଦୈତାରୀ ଭୋଇ, ଅଷ୍ଟରଣତ ବରିହା, କ୍ଷମାନିଧୀ ଦଳପତି, ପୁର୍ଣ୍ଣଚନ୍ଦ୍ର ମାଝୀ, ହରିହର ମାଝୀ, ଚକ୍ର ଜାନୀ, ମୁରଲୀଧର ମାଝୀ, ପସୁଧନ ମାଝୀ, ଗୋବିନ୍ଦ ହିଆଁଲ, ମୁକେଶ ପଧାନୀ, ଶ୍ରୀଧର ମାଝୀ, ଆଶା ଭୋଇ, ଜୟନ୍ତୀ ଭୋଇ, ଭୁମିସୁତା ସମରଥ, ଯୋଗେଶ୍ୱର ମାଝୀ, କୃପାସିନ୍ଧୁ ଭୋଇ ସହ ପ୍ରମୁଖ ସାମିଲ ଥିଲେ ।

## ଦ.ପୂ. ରେଳପଥ- ଟେଣ୍ଡର

**ଟେଣ୍ଡର ନୋଟିସ ନଂ : ଇ-ଟେଣ୍ଡର/୨୦୨୩/୪୯, ତାରିଖ : ୧୪.୧୧.୨୦୨୩** । ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଡିଭିଜନାଲ ରେଳବାଇ ମ୍ୟାନେଜର (ଇଏନଜିଜି), ଦକ୍ଷିଣ ପୂର୍ବ ରେଳବାଇ, ଖଡଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଆଇଟମ ଗୁଡିକ ବାବଦରେ ଦର୍ଶାଯାଇଥିବା ତାରିଖରେ ୧୫.୦୦ ଘଣ୍ଟା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । **କ୍ରମିକ ନଂ.୧ । ଟେଣ୍ଡର ନଂ : ଇ-କେଜିପି- ୱେଷ୍ଟ-୩୩-୨୦୨୩ । କାର୍ଯ୍ୟର ବିବରଣୀ : ଇଡିଇଏନ/ୱେଷ୍ଟ/କେଜିପି** ପରିସରଭୁକ୍ତ ଏସଏସଇ/ପି.ୱେ/କେଜିପି ସେକ୍ସନରେ ୦୧.୧୦.୨୦୨୩ ଠାରୁ ୩୦.୦୯.୨୦୨୫ ପର୍ଯ୍ୟନ୍ତ ବିବିଧ ପି.ୱେ (ଜୋନାଲ)/ଟ୍ରାକ କାମ । ଟେଣ୍ଡର ମୂଲ୍ୟ : ଟ.୩,୦୦,୦୧.୯୫୭ । ଅର୍ଣ୍ଣେଷ୍ଟ ମନି : ଟ. ୩,୦୦,୦୦୦ । **କ୍ରମିକ ନଂ-୨ । ଟେଣ୍ଡର ନଂ : ଇ-କେଜିପି-ୱେଷ୍ଟ-୩୪-୨୦୨୩ । କାର୍ଯ୍ୟର ବିବରଣୀ : ଏଡିଇଏନ/ୱେଷ୍ଟ/କେଜିପି ପରିସରଭୁକ୍ତ ଏସଏସଇ/ପି.ୱେ/କେଏ ଏବଂ ଏସଏସଇ/ପି.ୱେ/ଏମଓ୍ୱାଇଡି ସେକ୍ସନରେ ୦୧.୧୦.୨୦୨୩ ଠାରୁ ୩୦.୦୯.୨୦୨୫** ପର୍ଯ୍ୟନ୍ତ ବିବିଧ ପି.ୱେ (ଜୋନାଲ)/ଟ୍ରାକ କାମ । **ଟେଣ୍ଡର ମୂଲ୍ୟ : ଟ.୩,୫୦,୦୨,୯୮୦ । ଅର୍ଣ୍ଣେଷ୍ଟ ମନି : ଟ.୩,୨୫,୦୦୦ । କ୍ରମିକ ନଂ ୩ । ଟେଣ୍ଡର ନଂ : ଇ-କେଜିପି-ସାଉଥ-୪୫-୨୦୨୩ । କାର୍ଯ୍ୟର ବିବରଣୀ : ଏଡିଇଏନ (ସାଉଥ)/କେଜିପି** ଅନ୍ତର୍ଗତ ଖଡଗପୁର-ନୂଆଗାଁ ମୟୂରଭଞ୍ଜ ରୋଡରେ ୬୦ କେଜି ରେଳର ପେଣ୍ଟିଙ୍ଗ । **ଟେଣ୍ଡର ମୂଲ୍ୟ : ଟ.୨,୪୮,୯୪,୪୩୭.୬୧ । ଅର୍ଣ୍ଣେଷ୍ଟ ମନି : ଟ. ୨,୭୪,୫୦୦/- । ଟେଣ୍ଡର ଦଲିଲ ମୂଲ୍ୟ : ଟ ୦** (ପ୍ରତ୍ୟେକ କ୍ରମିକ ନଂ ୧ ରୁ ୩ ପାଇଁ) **ଖୋଲିବା ତାରିଖ : ୦୫.୧୨.୨୦୨୩** (ପ୍ରତ୍ୟେକ କ୍ରମିକ ନଂ ୧ ରୁ ୩ ପାଇଁ) । କାର୍ଯ୍ୟର ସମାପ୍ତି ମିଆଦ : ୨୪ (ଚବିଶ) ମାସ (ପ୍ରତ୍ୟେକ କ୍ରମିକ ନଂ ୧ ଓ ୨ ପାଇଁ), ୧୨ (ବାର) ମାସ (କ୍ରମିକ ନଂ. ୩ ପାଇଁ) । ବିଡିଂ ଆରମ୍ଭ ତାରିଖ : ୨୧.୧୧.୨୦୨୩ ଠାରୁ ଏବଂ ୦୫.୧୨.୨୦୨୩ ୧୫.୩୦ ଘଣ୍ଟା ପର୍ଯ୍ୟନ୍ତ (ପ୍ରତ୍ୟେକ କ୍ରମିକ ନଂ ୧ ରୁ ୩ ପାଇଁ) । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରଗୁଡିକର ସମ୍ପୂର୍ଣ୍ଣ ବିବରଣୀ/ସୂଚନା/ସ୍ପଷ୍ଟୀକରଣ ପାଇଁ ୱେବ୍‌ସାଇଟ୍ **www.ireps.gov.in** ଦେଖିପାରିବେ ଏବଂ ସେମାନଙ୍କର ବିଡଗୁଡିକ ଅନଲାଇନରେ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହିସବୁ କାର୍ଯ୍ୟ ପାଇଁ ମାନୁଆଲ ଟେଣ୍ଡରଗୁଡିକୁ ଗ୍ରହଣ କରାଯିବ ନାହିଁ । ଦ୍ରଷ୍ଟବ୍ୟ : ଇଚ୍ଛୁକ ବିଡରମାନେ ସମସ୍ତ ଟେଣ୍ଡର ପ୍ରକ୍ରିୟାରେ ଭାଗନେବା ପାଇଁ ନିୟମିତ ରୂପେ ୱେବ୍‌ସାଇଟ୍ **www.ireps.gov.in** ଦେଖି ପାରିବେ । **(PR-815)**

# ଜନଜାତି ସଂସ୍କୃତିକୁ ସମୃଦ୍ଧ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ) : ଆମ ଜନଜାତି ସଂସ୍କୃତି ବହୁତ ସୁନ୍ଦର । ଏହା ଆମ ଦେଶ ଆମ ରାଜ୍ୟର ସଂସ୍କୃତିକୁ ଉଜ୍ଜୀବିତ କରିପାରିଛି । ଆମ ବିକାଶରେ ସଂସ୍କୃତିର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ସଂସ୍କୃତିର ସୁରକ୍ଷା ବିନା ବିକାଶରେ ମହକ ଆସେ ନାହିଁ ଛଆଦିବାସୀ ସମ୍ପ୍ରଦାୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପାଇଁ ଜନଜାତୀୟ ଗୌରବ ଦିବସ ଅବସରରେ ୯ ଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜିଲ୍ଲାର ଜନଜାତି ଜନଜାତି ସାଂସ୍କୃତିକ ଦଳଗୁଡିକୁ ବାଦ୍ୟଯନ୍ତ୍ର ଏବଂ ନୃତ୍ୟ ପୋଷାକଓ ଆଭୂଷଣ ବଣ୍ଟନ କରାଯାଇଛି । ଏ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତା ମାଧ୍ୟମରେ ଜନଜାତି ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦର କାର୍ଯ୍ୟକୁ ପ୍ରଶଂସା କରିବା ସହ ଅଧିକ ପ୍ରୋତ୍ସାହିତ କରିଛନ୍ତି ।



ଲୋକସଭା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ, ରାୟଗଡା, ନବରଙ୍ଗପୁର, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, କେନ୍ଦୁଝର, କନ୍ଧମାଳ ଓ ଗଜପତିରୁ ୨୭ଟି କଳାକାର ସଂଗଠନକୁ ସାମଗ୍ରୀ ବଣ୍ଟନ କରିଛନ୍ତି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ମନ୍ତ୍ରୀ ଜଗନ୍ନାଥ ସାରକା । ସମୁଦାୟ ୧୮୯୧ ଟି ଗାୟକ ଦଳକୁ ୭ କୋଟି ୪୯ ଲକ୍ଷ ଟଙ୍କାର ବାଦ୍ୟଯନ୍ତ୍ର ଓ ୮୧୮ ଟି ନୃତ୍ୟ ଦଳ ପାଇଁ ୧୧ କୋଟି ୬୩ ଲକ୍ଷ ଟଙ୍କାର ପୋଷାକ ବଣ୍ଟନ କରାଯାଇଛି । ଏଥିରେ ୨୭୦୯ ଆଦିବାସୀ ଦଳର ୬୭ ହଜାର ୫ ଶହ ଆଦିବାସୀ ଉପକୃତ ହେବେ ।

କାର୍ଯ୍ୟକ୍ରମରେ ଭିଡିଓ ବାର୍ତ୍ତା ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଜନଜାତିଙ୍କ ସଂସ୍କୃତିକୁ ସମୃଦ୍ଧ କରିବା ପାଇଁ ରାଜ୍ୟ ସରକାର୯ ଟି ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି । ବର୍ତ୍ତମାନ ଏଥିରେ ୨୩ଟି ଜିଲ୍ଲା ସାମିଲ କରାଯାଇଛି । ଚଳିତ ବର୍ଷ ଏସଡିସିକୁ ୩୭୬ କୋଟି ଟଙ୍କା ପ୍ରଦାନ କରାଯାଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ୨୦୨୩-୨୪ ଆର୍ଥିକ ବର୍ଷରେ ଅତିରିକ୍ତ ୧୭୫ କୋଟି ୫୦ ଲକ୍ଷ ଟଙ୍କା ଯୋଗାଇ ଦେବାକୁ ଘୋଷଣା କରାଯାଇଛି । ୬୦ ଟି ଆଦିବାସୀ ଜନଜାତି ସାଂସ୍କୃତିକ କ୍ଲବ ଗୁଡିକୁ ପ୍ରାୟ ୩ ହଜାରରୁ ଅଧିକ ପୋଷାକ ଓ ବାଦ୍ୟଯନ୍ତ୍ର ଯୋଗାଇ ଦିଆଯାଇଛି । ଜନଜାତି କ୍ଲବ ଓ ସାଂସ୍କୃତିକ ଅନୁଷ୍ଠାନ ଏହାର ଉପଯୋଗ କରି ଆମ ସଂସ୍କୃତିର ପ୍ରଚାର ପ୍ରସାର କରି ଓଡିଶାର ଗୌରବକୁ ଆହୁରି ଆଗକୁ ବଢାଇବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶା ପ୍ରକାଶ କରିଛନ୍ତି ।

ଏହି ଅବସରରେ ବିଭାଗୀୟ ଶାସନ ସଚିବ ରୂପା ରୋଶନ ସାହୁ କହିଥିଲେ ଯେ, ୨୦୨୩-୨୪ ସୁଦ୍ଧା ରାଜ୍ୟ ସରକାର ୮ ହଜାରରୁ ଅଧିକ ପବିତ୍ର ଉପବନର ସୁରକ୍ଷା ଓ ସଂରକ୍ଷଣ କାର୍ଯ୍ୟ ହାତକୁ ନେଇଛନ୍ତି । ବିଭାଗର ସହଭାଗିତାରେ ରାଜ୍ୟର ବିଭିନ୍ନ ଜନଜାତି ଗାଁରେ ୨ ହଜାର ୮ ଶହରୁ ଅଧିକ ସାଂସ୍କୃତିକ କ୍ଲବ ଗଠନ କରାଯାଇଛି । ୧୨ ଶହରୁ ଅଧିକ ହାଟକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦରୁ ପାଣ୍ଠି ପ୍ରଦାନ କରି ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି ।

କାର୍ଯ୍ୟକ୍ରମ ଶେଷରେ ଏସସିଏସଟିଆରଟିଆଇନିର୍ଦ୍ଦେଶକ ଇନ୍ଦ୍ରମଣୀ ତ୍ରିପାଠୀ ଉପସ୍ଥିତ ସମସ୍ତ ଜନଜାତି କଳାକାରଙ୍କୁ ଶୁଭେଚ୍ଛା ଜଣାଇଥିଲେ ।


**GOVERNMENT OF ODISHA, "e"-PROCUREMENT NOTICE**
**WORKS DEPARTMENT**
E-mail: pwdoff_khd@yahoo.com

**Tender Call Notice No. 31/2023-24**

**B-1268 :** The Superintending Engineer, Khurda (R&B) Division, Khurda on behalf of Governor of Odisha invites percentage rate bid in **Double cover** system in ONLINE MODE from eligible class of contractors having valid registration certificate for execution of the **Civil** works as detailed below:

1. Nature of Work : Building works
2. No of Work : 02 Nos
3. Tender Cost : Rs.10000.00 (Online)
4. Class of Contractor : B'class Contractor
5. Available of Bid documents in the web site. : From Dt. 16.11.2023 at 10.30 AM to Dt . 22.11.2023 at 4.30 PM
6. Date of opening of Bids : Dt 22.11.2023 at 5.00 PM
7. Bidders have to participate in ONLINE bidding only. Further details can be seen from the Website: **https://tenderodisha.gov.in** . Any information regarding Addendum / Corrigendum / Cancellation of tender can be available in the said website.

OIPR : 34095/11/0020/2324
Sd/- Executive Engineer, Khurda (R&B) Division, Khurda

**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA**
**WORKS DEPARTMENT**

**Short Tender call Notice**
E-mail: rbcirclekhurda@gmail.com

**Bid Identification No. CCE-Khordha (R&B) Circle-30/2023-24 Memo No - 2463 Dt. 09.11.2023**

**B-1266 :** The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Building work as detailed in the table below:

1. Nature of Work : Building Works
2. No of Work : 3 Nos
3. Tender Cost : Rs.10000.00 (On-Line)
4. Class of Contractor : B & A Class
5. Available of Bid document in the Website : From 10.00 AM of Dt.15.11.2023 up to 05.00 PM of Dt.23.11.2023 up to 5.00 PM
6. Date of opening of Bid : Dt 24.11.2023 at 11.30 AM
7. The Bidders have to participate in ONLINE bidding only. Further details can be seen from the Website : **https://tenderodisha.gov.in.** Any Addendum / Corrigendum / Cancellation of tender can also be seen in the said website.

OIPR : 34127/11/0038/2324
Sd/- Chief Construction Engineer, Khordha (R&B) Circle, Khordha

**GOVT. OF ODISHA : OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE: KEONJHAR**
Tel. 06766-258301(0)
email: se_nerwkjr@rediffmail.com
**e Procurement Notice for Bridge Work under BSY**
**Identification No. Bridge Online NCB No. 399**
O-1532
No. 4123 // Date: 14-11-2023

1. Name of the work : Construction of H.L. bridge over Sendhei Nallah at Ch.0.700 Km. on Kantarohi to Naranpur (P.S.) road in the District of Keonjhar. (Well Foundation).
2. Estimated Cost : Rs.550.23 Lakhs (Approximately).
3. Class of Contractor (Eligible) : 'A' Class Contractor.
4. Period of Completion : 18 (Eighteen) Calendar months.
5. Other details :

| Procurement Officer | Bid Identification No. | Availability of Tender on-line for bidding | | Last date and time of seeking tender clarification | Date & time of Opening of Tender in O/O C.C.E.R.W, Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Bridge On-line NCB No.399 | Dt. 18.11.23 at 11.00 A.M. | Dt.02.12.23 up to 5.00 P.M. | Dt. 01.12.23 upto 5.00 P.M. | Dt. 04.12.23 at 11.00 A.M. | Will be intimated later |

- Further details can be seen from the website : www.tendersodisha.gov.in

OIPR : 25177/11/0037/2324
Sd/- Er. S.K. Mishra, Chief Construction Engineer, R.W. Circle, Keonjhar

**GOVERNMENT OF ODISHA : OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA.**
C-1841
e-mail:- eephd.rgda.od@nic.in eephdrgda@gmail.com
**NATIONAL COMPETITIVE BIDDING THROUGH e-Procurement**
**INVITATION FOR BIDS (IFB) NO.EEPHDRAYAGADA- 27/2023-24 DT.14.11.2023**

| | | | |
|---|---|---|---|
| 01 | Name of the work | : | Procurement of D.I K-7 pipe for the work "Improvement of Water Supply to Ramchandrapur, Rayagada". |
| 02 | Number of works | : | 1 No. |
| 03 | Estimate cost | : | 20.59 Lakh |
| 04 | Period of completion | : | As per DTCN |
| 05 | Class of Contractor | : | Reputed Manufacturer |
| 06 | Date & Time of availability of bid document in the portal | : | From 10.00 AM of Dt.24.11.2023 To 5.30 PM of 08.12.2023 |
| 07 | Last date / time of receipt of bids in the portal | : | 5.30 PM of 08.12.2023 |
| 08 | Date & Time of opening of bids | : | At 12 PM of 11.12.2023 |
| 09 | Name and Address of the Officer Inviting Bid | : | Executive Engineer, PH. Division, Rayagada |
| 10 | The bidders have to participate in ONLINE bidding only | | |

Further details can be seen from the e-Procurement portal "**https://www.tendersorissa.gov.in**"

OIPR : 13052/11/0002/2324
Sd/- EXECUTIVE ENGINEER, P.H. DIVISION, RAYAGADA

**ନିଲାମ ଇସ୍ତାହାର**

**MM-271:** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ଥିବା କାଜୁ ଜଙ୍ଗଲରୁ କାଜୁମଞ୍ଜି, ୨୦୨୩-୨୪ (୨୦୨୪ ମସିହା) ସଂଗ୍ରହ କରିବା ନିମନ୍ତେ କାଜୁ ଜଙ୍ଗଲଗୁଡିକ ନିମ୍ନଲିଖିତ ତାରିଖରେ ପ୍ରକାଶ୍ୟଭାବେ ନିଲାମ କରାଯିବ । ନିଲାମ ଦିନ ବିକ୍ରୟ ହୋଇନଥିବା ତଥା ନାକଚ, ବାଜ୍ୟାପ୍ତି ଓ ଅନ୍ୟାନ୍ୟ ଲଟ୍ ଗୁଡିକ ଅତିରିକ୍ତ ନିଲାମ ଦ୍ୱାରା ବିକ୍ରୟ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ ତଥା ଅନୁଷ୍ଠାନ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ତାରିଖ ତଥା ସମୟରେ ନିମ୍ନୋକ୍ତ ପ୍ରଣାଳୀ ମାଧ୍ୟମରେ ଯୋଗଦାନ କରିପାରିବେ ।

ନିଲାମ ଠିକା ପଦ୍ଧତି ସମ୍ବନ୍ଧୀୟ ସବିଶେଷ ବିବରଣୀ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ, ଗୋପିନାଥପୁର, ବାଲୁଗାଁ, ଜିଲ୍ଲା-ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରେ ଇସ୍ତାହାର ପ୍ରକାଶ ହେବା ଦିନ ଠାରୁ ତାରିଖ ୦୪.୧୨.୨୦୨୩ ରିଖର ପ୍ରତ୍ୟେକ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦ ଘଟିକାଠାରୁ ଅପରାହ୍ନ ୨ ଘଟିକା ସମୟ ମଧ୍ୟରେ ମିଳିପାରିବ । ନିର୍ଦ୍ଧାରିତ ଅମାନତ ଜମା ଏବଂ ଗୋଟିଏ ଫଟୋଗ୍ରାଫ ତଥା ସଲଭେନ୍‌ସି ପ୍ରମାଣ ପତ୍ର ନିଲାମ ତାରିଖର ତିନି ଦିନ ପୂର୍ବରୁ ଉକ୍ତ କାର୍ଯ୍ୟାଳୟରେ ଦାଖଲକରି ନିଲାମରେ ଅଂଶ ଗ୍ରହଣ କରିପାରିବେ ।

| ନିଲାମ ତାରିଖ | ନିଲାମ ସ୍ଥାନ | କେଉଁ ଅଞ୍ଚଳର ଜଙ୍ଗଲ | ସମୟ |
|---|---|---|---|
| ତା.୦୭.୧୨.୨୦୨୩ | ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଗୋପିନାଥପୁର, ବାଲୁଗାଁ | ରମ୍ଭା ବନ୍ୟପ୍ରାଣୀ ବନକ୍ଷେତ୍ର | ଦିବା ୧୧ ଘଟିକା |

**ଅତିରିକ୍ତ ନିଲାମ**

ବିକ୍ରୟ ହୋଇନଥିବା ତଥା ନାକଚ, ବାଜ୍ୟାପ୍ତି ଓ ଅନ୍ୟାନ୍ୟ ଲଟମାନ ନିମ୍ନଲିଖିତ ଦିନ ମାନଙ୍କରେ ପ୍ରକାଶ୍ୟ ନିଲାମ କରାଯିବ ।

| ନିଲାମ ତାରିଖ | ନିଲାମ ସ୍ଥାନ | କେଉଁ ଅଞ୍ଚଳର ଜଙ୍ଗଲ | ସମୟ |
|---|---|---|---|
| ତା.୧୪.୧୨.୨୦୨୩<br>ତା. ୨୧.୧୨.୨୦୨୩ | ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଗୋପିନାଥପୁର, ବାଲୁଗାଁ | ରମ୍ଭା ବନ୍ୟପ୍ରାଣୀ ବନକ୍ଷେତ୍ର | ଦିବା ୧୧ ଘଟିକା |

ସ୍ୱା/- ବନଖଣ୍ଡ ଅଧିକାରୀ
ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ, ବାଲୁଗାଁ
OIPR : 08015/11/0007/2324

**IN THE COURT OF CIVIL JUDGE (Jr) BARIPADA**
**C.S. No. 144 Of 2005**
Purna Chandra Das & Others... Plaintiffs
Vrs
Rajalaxni Singh & Others ........ Defendants
D.F. : 08.12.2023
**SUMMON TO APPEAR IN THE COURT IN PERSON U/O 5 RULE-3 C.P.C.**

To,
D.No. 5 Sanjay Kumar Kamila, S/o Late Syamapada Kamila of Kalimandir Sahi, Ward No. 10, P.o/P.s-Baripada, Dist-Mayurbhanj.
D.No.7 Shekhar Kumar Kar, S/o-Pradeep Chandra Kar of Ward No.15 near Kamala Neheru School, P.o/P.s-Baripada, Dist- Mayurbhanj.
D No.9 Dulal Kumar Das, S/o Narayan Das, Tulasichaura, Ward No.23, P.o/P.s-Baripada, Dist- Mayurbhanj.

Whereas the plaintiffs Purna Chandra Das & Others have instituted a suit against you for declaration of title correction of R.O.R and permanent injunction and you all are directed to appear in the court on the date fixed and to file written statement and documents in support of your defence.

You all are hereby summoned to appear in this court in person on the 8th December 2023 at 10.30 A.M. to answer the claim of plaintiffs and to produce your document in support of your defence.

Take notice that in defult of your appearance on the day mentioned above, the suit shall be heard and decided in your absence.

Seal and Signature of Court
Sd/- CIVIL JUDGE, BARIPADA

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା ୨୧୮ **ବିଜ୍ଞାପନ** ତା : ୦୮.୧୧.୨୦୨୩

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ ।

| ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ସ୍ୱର୍ଗତ ନୃସିଂହ ଚରଣ ପଟ୍ଟନାୟକ<br>ପିତା- ସ୍ୱର୍ଗତ ଦୁର୍ଗାମାଧବ ଛମ ପଟ୍ଟନାୟକ<br>ସା-କରଣ ଷ୍ଟ୍ରିଟ<br>ପୋ- ପାରଳାଖେମୁଣ୍ଡି<br>ଥାନା-ପାରଳାଖେମୁଣ୍ଡ, ଜିଲ୍ଲା - ଗଜପତି | ଏମ୍‌ଆଇଜି-୧/୨୦୫<br>(MIG-1/205)।<br>ଛେଣ୍ଡ<br>୨ୟ ପର୍ଯ୍ୟାୟ<br>ରାଉରକେଲା | ୧. ଦେବଯାନୀ ପଟ୍ଟନାୟକ (ସ୍ତ୍ରୀ)<br>୨. ସୌମ୍ୟ ସାର୍ଥକ ପଟ୍ଟନାୟକ (ପୁତ୍ର)<br>୩. ସ୍ମୃତି ପଟ୍ଟନାୟକ (ଝିଅ) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13030/11/0463/2324

**Bhubaneswar Municipal Corporation**
(Progress through Partnership for better Bhubaneswar
RFP No: 53376 Date:10.11.2023

**RFP for "Selection of an Agency for supply of 04 (Four) nos. of Backhoe Loader Excavator to Bhubaneswar Municipal Corporation (BMC)"**

**C-1838 :** Bhubaneswar Municipal Corporation (BMC) invites sealed proposals from intending agencies having the requisite qualification as per terms stipulated in the detailed RFP document for undertaking the work of supplying 04 nos. of Backhoe loader excavator to Bhubaneswar Municipal Corporation (BMC). The detailed RFP document shall be made available on the website **bmc.gov.in** from **10.11.2023 at 03:30** noon onwards. The pre-bid meeting is scheduled to be held on Dt **15.11.2023 at 12.30** PM in the Office chamber of Deputy Commissioner (Procurement) 3rd floor new BMC building. The last date of receipt of proposals is till 4:00 PM on **24.11.2023.** For any clarification, an e-mail may be sent on **bmcpmu@bmc.gov.in.**

By Order,
Deputy Commissioner (Procurement)
Bhubaneswar Municipal Corporation
OIPR : 13002/11/0201/2324

**GOVERNMENT OF ODISHA**
**OFFICE OF THE PANCHAYAT SAMITI KAKATPUR, PURI**
Email- ori-kakatpur@nic.in
**NATIONAL COMPETITIVE BIDDING THROUGH e-Procurement**
**Bid Identification No.: - 03/2023-24/KAKATPUR BLOCK**

**i-470 :** The **OFFICE OF THE PANCHAYAT SAMITI** KAKATPUR, **Puri, Odisha** on behalf of Governor of Odisha invites Percentage Rate Bids through **e-Procurement** in **Single Bid System** from eligible Class of Contractors for execution of Civil Works as per NIT and DTCN on **Percentage Rate** Bids. Bid documents consisting Names of Work, Estimated Cost, Cost of Tender Paper, EMD, Time of Completion, Class of Contractor, the set of Terms and Conditions of contract and other necessary documents can be seen in e-procurement portal **https://tendersodisha.gov.in**. The bid should be submitted on-line only in the website **www.tendersodisha.gov.in** by eligible class of contractors.

| | | | |
|---|---|---|---|
| 1 | .Name of the Work | : | Construction of Additional Classroom at Mangala Higher Secondary school |
| 2. | No. of Works | : | 01 (One) No. |
| 3. | Estimated Cost (In Rs.) | : | 67,54,607/- |
| 4. | Period of Completion | : | 5 (Five) Calendar Months |
| 5. | Date and Time of availability of Bid Documents in the Portal | : | From Dt. 14.11.2023 at 4.00 PM to Dt. 27.11.2023 up to 5.00 PM. |
| 6. | Last date / Time of receipt of Bids in the portal | : | Dt. 27.11.2023 up to 5.00 P.M. |
| 7. | Date of Opening of Bids | : | Dt. 28.11.2023 11.00 AM onwards. |
| 8. | Name and Address of the OIT | : | Office of the Panchayat Samiti, KAKATPUR, Puri, Odisha. |

Sd/- BLOCK DEVELOPMENT OFFICER, KAKATPUR, PURI
OIPR : 19393/11/0004/2324


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୮୧୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଳ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୭୬୫୫୦୧ ।

# ସାମି ଝଡ଼ରେ ନ୍ୟୁଜିଲାଣ୍ଡ ଧରାଶାୟୀ

ମୁମ୍ବାଇ,୧୫।୧୧(ଏଜେନ୍ସି): ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ବିରାଟ କୋହଲିଙ୍କ ବ୍ୟାଟରୁ ଐତିହାସିକ ଶତକ ବାହାରିଛି । ସେ ଦିନିକିଆରେ ୫୦ତମ ଶତକ ପୂରଣ କରିଛନ୍ତି । ୧୧୩ ବଲ୍‌ରୁ ୧୧୭ ରନ୍ ସଂଗ୍ରହ କରିଥିବା ବିରାଟଙ୍କ ବିରାଟ ଇନିଂସ ବଳରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୪ ୱିକେଟ୍ ହରାଇ ୩୯୭ ରନ୍ କରିଥିଲା । ତେଣୁ ନ୍ୟୁଜିଲାଣ୍ଡକୁ ମ୍ୟାଚ ଜିତିବା ପାଇଁ ୩୯୮ ରନ୍‌ର ବଡ଼ ଟାର୍ଗେଟ୍ ମିଳିଥିଲା । ବିରାଟଙ୍କ ବ୍ୟତୀତ ଶ୍ରେୟାସ ଆୟର ମଧ୍ୟ ଶତକ ହାସଲ କରିଥିଲେ । ୨୦୧୯ ବିଶ୍ୱକପ୍ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ୧୮ ରନ୍‌ରେ ଭାରତକୁ ହରାଇଥିଲା । ଏବେ ୨୦୨୩ ବିଶ୍ୱକପ୍‌ରେ ଏହାର ମଧୁର ପ୍ରତିଶୋଧ ନେଇଛି ଭାରତ । ୩୯୮ ରନ୍‌ର ବିଜୟଲକ୍ଷ୍ୟର ପିଛା କରି ନ୍ୟୁଜିଲାଣ୍ଡ ୪୮.୫ ଓଭରରେ ୩୨୭ ରନ୍ କରିବାକୁ ସମର୍ଥ ହୋଇଥିଲା । ୭ ୱିକେଟ୍ ଅକ୍ତିଆର କରିଥିବା ମହମ୍ମଦ ସାମିଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା । ଆସନ୍ତା ରବିବାର ଅହମ୍ମଦାବାଦର ନରେନ୍ଦ୍ର ମୋଦି ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ବିଶ୍ୱକପ୍ ମହାମୁକାବିଲା ହେବ ।

ଟସ୍ ଜିତି ଅଧିନାୟକ ରୋହିତ ଶର୍ମା ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲେ । ରୋହିତଙ୍କ ସହ ଶୁଭମନ ଗିଲ ବିସ୍ଫୋରକ ଆରମ୍ଭ କରିଥିଲେ । ବିଶେଷ କରି ରୋହିତଙ୍କ ବ୍ୟାଟରୁ ବଡ଼ ସଟ୍ ଦେଖିବାକୁ ମିଳିଥିଲା । ସେ ୨୯ ବଲ୍‌ର ସମ୍ମୁଖୀନ ହୋଇ ୪୭ ରନ୍ କରି ଆଉଟ୍ ହୋଇଥିଲେ । ଏହାପରେ କୋହଲି ଓ ଗିଲ୍ ସ୍ଥିତି ସମ୍ଭାଳିଥିଲେ । ଉଭୟ ନିଜ ନିଜ ଅର୍ଦ୍ଧଶତକ ହାସଲ କରିଥିଲେ ।




ଗିଲ ଶତକ ଆଡକୁ ମୁହାଁଇଥିବା ବେଳେ ମାଂସପେଶୀ ଜନୀତ ସମସ୍ୟା ଯୋଗୁଁ ରିଟାୟାର୍ଡହଟ ହୋଇ ପାଭିଲିୟନ୍ ଫେରିଥିଲେ । ଡ୍ରେସିଂ ରୁମ୍‌କୁ ଫେରିବା ବେଳେ ଗିଲ୍ ୬୫ ବଲରୁ ୭୯ ରନ୍ କରିଥିଲେ । ଗିଲ୍‌ଙ୍କ ସ୍ଥାନ ନେଇଥିଲେ ଶ୍ରେୟାସ ଆୟର । ସେ ବିରାଟଙ୍କ ସହ ମିଶି ଦ୍ରୁତ ରନ୍ ସଂଗ୍ରହ କରିଥିଲେ । ବିରାଟ ଓ ଆୟର ନ୍ୟୁଜିଲାଣ୍ଡକୁ ୱିକେଟ୍ ଝଡାଇବାକୁ ସୁଯୋଗ ଦେଇନଥିଲେ । ବିରାଟ ନିଜ ଦିନିକିଆ କ୍ୟାରିୟରର ୫୦ତମ ଶତକ ହାସଲ କରିଥିଲେ । ଶତକ ହାସଲ କରିବା ପରେ ସେ ବଡ଼ ସଟ ମାରିବାକୁ ଚେଷ୍ଟା କରି ୧୧୭ ରନ୍‌ରେ ଆଉଟ୍ ହୋଇଥିଲେ । ବିରାଟ ୧୧୩ ବଲରୁ ୯ଟି ଚୌକା ଓ ଦୁଇଟି ଛକା ମାରିଥିଲେ । ବିରାଟ ଆଉଟ୍ ହେବା ବେଳକୁ ଦଳୀୟ ସ୍କୋର ୩୨୭ ଥିଲା । ଶ୍ରେୟାସ ଆୟର ଓ ଲୋକେଶ ରାହୁଲ ଦ୍ରୁତ ଗତିରେ ରନ ସଂଗ୍ରହ କରିଚାଲିଥିଲେ । ଆୟର କ୍ରମାଗତ ଦ୍ୱିତୀୟ ଶତକ ହାସଲ କରିବାର ଅତି ନିକଟରେ ପହଞ୍ଚି ଯାଇଥିଲେ । ୪୭ ଓଭର ସୁଧା ଭାରତର ସ୍କୋର ୩୫୪ ରନ୍ ଥିଲା । ୪୮ ଓଭରର ପ୍ରଥମ ବଲକୁ ଆୟର ଛକା ମାରିଥିଲେ । ଦ୍ୱିତୀୟ ବଲ୍‌ରେ ୧ ରନ୍ ନେଇ ନିଜର ଶତକ ହାସଲ କରିଥିଲେ । ଆୟର ୬୭ ବଲ୍‌ରୁ ଶତକ ପୂରଣ କରିଥିଲେ । ତଥାପି ଏହି ଓଭରରେ ସାଉଦୀ ୧୨ ରନ୍ ଦେଇଥିଲେ । ଭାରତର ସ୍କୋର ୩୬୬ରେ ପହଞ୍ଚିଯାଇଥିଲା । ଟ୍ରେଣ୍ଟ ବୋଲ୍ଟଙ୍କ ଶେଷ ଓଭରରେ ଭଲ ରନ୍ ସଂଗ୍ରହ କରି ଲୋକେଶ ରାହୁଲ ଦଳୀୟ ସ୍କୋରକୁ ୩୯୭ରେ ପହଞ୍ଚାଇଥିଲେ ।

ନ୍ୟୁଜିଲାଣ୍ଡ ପାଇଁ ୩୯୮ ରନ୍ ଅସମ୍ଭବ ପରି ଥିଲା । କିନ୍ତୁ ଭଲ ଫର୍ମରେ ଥିବା ଡାର୍ଲି ମିଚେଲ ଓ ଅଧିନାୟକ କେନ୍ ୱିଲିୟମ୍‌ସନ୍ ଲଢୁଆ ପ୍ରଦର୍ଶନ ଦେଖାଇ ସମ୍ଭାବନା ସୃଷ୍ଟି କରିଥିଲେ । ନ୍ୟୁଜିଲାଣ୍ଡ ପାଇଁ ବିଗତ ମ୍ୟାଚ ଗୁଡିକରେ କ୍ରମାଗତ ଭଲ ଖେଳି ଆସିଥିବା ରଚିନ ରବିନ୍ଦ୍ର ଓ ଦେବନ କନୱେ ୱାଙ୍ଖେଡେରେ ଫେଲ୍ ମାରିଥିଲେ । ୩୯ ରନ୍ ମଧ୍ୟରେ ୨ ୱିକେଟ୍ ହରାଇ ନ୍ୟୁଜିଲାଣ୍ଡ ବ୍ୟାକ୍‌ଫୁଟକୁ ଚାଲିଯାଇଥିଲା । କିନ୍ତୁ ତୃତୀୟ ୱିକେଟ୍ ପାଇଁ ୱିଲିୟମ୍‌ସନ୍ ଓ ମିଚେଲଙ୍କ ମଧ୍ୟରେ ୧୭୯ ରନ୍‌ର ପାର୍ଟନରସିପ୍ ହୋଇଥିଲା । ତୃତୀୟ ୱିକେଟ୍ ପତନ ହେବା ବେଳକୁ ନ୍ୟୁଜିଲାଣ୍ଡର ସ୍କୋର ୩୨.୨ ଓଭରରେ ୨୨୦ ରନ୍‌ରେ ପହଞ୍ଚିଯାଇଥିଲା । ଓଭର ପିଛା ୧୦ରୁ ଅଧିକ ରନ୍ ଥିବାରୁ ରନ୍ ହାର ବଢ଼ାଇବାକୁ ଚେଷ୍ଟା କରି ଅଧିନାୟକ ୱିଲିୟମ୍‌ସନ୍ ମହମ୍ମଦ ସାମିଙ୍କ ବଲରେ କୁଲଦୀପ ଯାଦବଙ୍କ ହାତରେ ଧରାପଡିଥିଲେ । ୱିଲିୟମ୍‌ସନ୍ ବ୍ୟକ୍ତିଗତ ଭାବେ ୭୩ ବଲ୍‌ରୁ ୬୯ ରନ୍ କରିଥିଲେ । ଡାର୍ଲି ମିଚେଲଙ୍କ ପ୍ରଦର୍ଶନ ସନ୍ତୋଷଜନକ ଥିଲା । ସେ ୧୧୯ ବଲ୍‌ର ସମ୍ମୁଖୀନ ହୋଇ ୯ଟି ଚୌକା ଓ ୭ଟି ଛକା ସହାୟତାରେ ୧୩୪ ରନ୍ କରିଥିଲେ । ତାଙ୍କ ୱିକେଟ୍ ପତନ ସହ ନ୍ୟୁଜିଲାଣ୍ଡର ବିଜୟଆଶାରେ ପୂର୍ଣ୍ଣଚ୍ଛେଦ ପଡିଥିଲା । ଅନ୍ୟମାନଙ୍କ ମଧ୍ୟରେ ଗ୍ଲେନ୍ ଫିଲିପ୍ସ ୩୩ ବଲରୁ ୪୧ ରନ୍ କରିଥିଲେ । ଓପନିଂ ଯୋଡି ଭାଙ୍ଗିବା ପାଇଁ ଭାରତକୁ ୫ ଓଭର ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଥିଲା । କାରଣ ବୁମରା ଓ ସିରାଜ ଭଲ ବୋଲିଂ କରିଥିଲେ ବି ୱିକେଟ୍ ଝଡାଇ ପାରିନଥିଲେ । ବିଗତ ମ୍ୟାଚଗୁଡିକରେ ଉଚ୍ଚକୋଟୀର ପ୍ରଦର୍ଶନ ଦେଖାଇ ଆସିଥିବା ମହମ୍ମଦ ସାମି ଦଳ ପାଇଁ ପୁଣିଥରେ ଦଳ ପାଇଁ ଶୁଭଙ୍କର ସାବ୍ୟସ୍ତ ହୋଇଥିଲେ । ସେ ୯.୫ ଓଭର ବୋଲିଂ କରି ନ୍ୟୁଜିଲାଣ୍ଡର କନୱେ, ରଚିନ ରବିନ୍ଦ୍ର, କେନ୍ ୱିଲିୟମ୍‌ସନ୍, ମିଚେଲ, ଟମ୍ ଲାଥମ, ଟିମ୍ ସାଉଦୀ ଓ ଲୋକି ଫର୍ଗୁସନଙ୍କୁ ଆଉଟ୍ କରିଥିଲେ । ଅଧ ଡଜନରୁ ଅଧିକ ଖେଳାଳିଙ୍କୁ ପାଭିଲିୟନ୍ ପଠାଇଥିବା ମହମ୍ମଦ ସାମିଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା । ଏଥିସହ ସାମି ମୋଟ୍ ୨୩ ୱିକେଟ ଅକ୍ତିଆର କରି ଚଳିତ ବିଶ୍ୱକପ୍‌ରେ ସର୍ବାଧିକ ୱିକେଟ୍ ଅକ୍ତିଆର କରି ବୋଲର ହୋଇଛନ୍ତି । ତାଙ୍କ ପଛକୁ ୨୨ ୱିକେଟ୍ ସହ ଅଷ୍ଟ୍ରେଲିଆର ଆଡାମ ଜାମ୍ପା ଦ୍ୱିତୀୟ ସ୍ଥାନରେ ଅଛନ୍ତି । ଗୁରୁବାର ଦ.ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଖେଳାଯିବ । ଏହି ମ୍ୟାଚର ବିଜେତା ଆଗାମୀ ୧୯ ତାରିଖରେ ହେବାକୁଥିବା ମହାମୁକାବିଲାରେ ଭାରତକୁ ଭେଟିବ ।

## ମୈଦାନରୁ ଗ୍ୟାଲେରୀ ଉଡିଲା ଫ୍ଲାଇଂ କିସ୍



ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲ ମ୍ୟାଚରେ ଭାରତ ୩୯୭ ରନ୍‌ର ବିଶାଳ ସ୍କୋର କରିଥିଲା । ଏହି ଇନିଂସରେ କୋହଲି ଶତକୀୟ ଇନିଂସ ଖେଳିଥିଲେ । କେବଳ କୋହଲି ନୁହଁନ୍ତି ଆୟର ମଧ୍ୟ ଦମ୍‌ଦାର ଶତକ ହାସଲ କରିଥିଲେ । କୋହଲିଙ୍କ ଏହି ଶତକ ସହ ଯୋଡି ହୋଇଛି ନୂଆ କୀର୍ତ୍ତିମାନ । ଦିନିକିଆରେ ସେ ୫୦ତମ ଶତକ ପୂରଣ କରିବା ସହ ସଚିନଙ୍କୁ ପଛରେ ପକାଇଥିଲେ । ଶତକ ମାରିବା ପରେ କୋହଲି ଷ୍ଟାଣ୍ଡ୍‌ରେ ବସିଥିବା ଅନୁଷ୍କା ଶର୍ମାଙ୍କୁ ଫ୍ଲାଇଂ କିସ୍ କରିଥିଲେ । ଏହାର ପ୍ରତିକ୍ରିୟାରେ ଅନୁଷ୍କା ମଧ୍ୟ କୋହଲିଙ୍କୁ ଫ୍ଲାଇଂ କିସ୍ ରିଟର୍ଣ୍ଣ କରିଥିଲେ । ଏହି ଭିଡିଓ ସୋସିଆଲ ମିଡ଼ିଆରେ ବେସ ଭାଇରାଲ ହେବାରେ ଲାଗିଛି । ଯେତିକି ଖୁସିରେ ଥିଲେ ବିରାଟ, ତା'ଠାରୁ ଅଧିକ ଖୁସିରେ ଥିଲେ ଅନୁଷ୍କା । ଏହି ଖୁସିରେ ଆଖିରୁ ଝରିପଡ଼ିଥିଲା ଲୁହ । କ୍ୟାମେରାରେ ଏହା କଏଦ ହୋଇପଡ଼ିଥିଲା ।

## ରୋହିତଙ୍କ ଛକା ରେକର୍ଡ

ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲ ମ୍ୟାଚରେ ଅଧିନାୟକ ରୋହିତ ଶର୍ମା ପ୍ରଥମ ବ୍ୟାଟର ଭାବେ ବିଶ୍ୱକପ୍‌ରେ ୫୦ଟି ଛକା ମାରିବାର ରେକର୍ଡ କରିଛନ୍ତି । ସେ ୨୯ ବଲ୍‌ରୁ ୪୭ ରନ୍ କରି ଆଉଟ୍ ହୋଇଥିବା ବେଳେ ଏଥିରେ ୪ଟି ଚୌକା ଓ ୪ଟି ଛକା ଥିଲା । ଏହି ଇନିଂସରେ ସେ ୩ଟି ଛକା ମାରିବା କ୍ଷଣି ବିଶ୍ୱ ରେକର୍ଡର ଅଧିକାରୀ ହୋଇଥିଲେ । ରୋହିତ ବିଶ୍ୱକପ୍‌ରେ ୨୭ଟି ଇନିଂସରେ ୫୧ଟି ଛକା ମାରିଛନ୍ତି । ଏହି ତାଲିକାରେ କ୍ରିସ୍ ଗେଲ୍ ୩୯ଟି ଛକା, ଗେଲ୍ ମ୍ୟାକ୍ସୱେଲ ୪୩ଟି, ଏବି ଡିଭିଲିୟର୍ସ ୩୭ଟି ଓ ଡେଭିଡ ୱାର୍ଣ୍ଣର ୩୭ଟି ଛକା ମାରିଛନ୍ତି । ଏତଦ୍‌ଭିନ୍ନ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ଛକା ମାରିବା ରେକର୍ଡ ମଧ୍ୟ ରୋହିତ ଶର୍ମାଙ୍କ ନାଁରେ ରହିଛି । ସେ ଏଯାଏଁ ୨୮ଟି ଛକା ମାରିସାରିଲେଣି । ୨୦୧୫ ବିଶ୍ୱକପ୍‌ରେ ଗେଲ ୬ ମ୍ୟାଚରୁ ୨୬ ଛକା ମାରିଥିଲେ । ତାଙ୍କ ପଛକୁ ମ୍ୟାକ୍ସୱେଲ ୨୨ଟି ଛକା ମାରିଛନ୍ତି ।

## ଅଧିନାୟକ ଭାବେ ରୋହିତଙ୍କ ୨୦୦୦ ରନ୍

ଟି-୨୦ ଅଧିନାୟକ ରୋହିତ ଶର୍ମା ଦିନିକିଆରେ ଅଧିନାୟକ ଭାବେ ୨୦୦୦ ରନ୍ ପୂରଣ କରିଛନ୍ତି । ଏପରି କୀର୍ତ୍ତିମାନ କରିବାରେ ସେ ଚତୁର୍ଥ ଦ୍ରୁତତମ ଅଧିନାୟକ ହୋଇଛନ୍ତି । ୩୬ ବର୍ଷୀୟ ରୋହିତ ୪୩ଟି ଇନିଂସରେ ଅଧିନାୟକ ଭାବେ ୨୦୦୦ ରନ୍ ପୂରଣ କରିଛନ୍ତି । ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲ ମ୍ୟାଚରେ ରୋହିତ ଶର୍ମା ୨୯ ବଲ୍‌ରୁ ୪୭ତମ ଇନିଂସ ଖେଳିଥିଲେ । ଏହି ତାଲିକାର ନଂ.୧ ସ୍ଥାନରେ ପାକିସ୍ତାନର ଅଧିନାୟକ ବାବର ଆଜମ ରହିଛନ୍ତି । ସେ ମାତ୍ର ୩୧ଟି ଇନିଂସରେ ୨୦୦୦ ରନ୍ କରିଥିଲେ । କୋହଲି ଏବଂ ଏବି ଡିଭିଲିୟର୍ସ ୩୬ ଓ ୪୧ଟି ଇନିଂସରେ ୨୦୦୦ ରନ୍ କରିଥିଲେ । ରୋହିତ ୨୦୦୦ ରନ୍‌ରୁ ମାତ୍ର ୪୭ ରନ୍ ଦୂରରେ ଥିଲେ । ସେ ନ୍ୟୁଜିଲାଣ୍ଡ ବିପକ୍ଷରେ ସମାନ ୪୭ ରନ୍ କରି ଆଉଟ୍ ହୋଇଥିଲେ । ରୋହିତ ସପ୍ତମ ଭାରତୀୟ ଅଧିନାୟକ ଭାବେ ୨୦୦୦ ରନ୍ କରିବାର ରେକର୍ଡ କରିଛନ୍ତି । ପୂର୍ବରୁ ବିରାଟ କୋହଲି, ମହେନ୍ଦ୍ର ସିଂ ଧୋନି, ମହମ୍ମଦ ଆଝାରୁଦ୍ଦିନ, ସୌରଭ ଗାଙ୍ଗୁଲି, ରାହୁଲ ଦ୍ରାବିଡ ଓ ସଚିନ ତେନ୍ଦୁଲକଙ୍କ ଏପରି କୀର୍ତ୍ତିମାନ ସ୍ଥାପନ କରିଥିଲେ ।

## କୋହଲିଙ୍କ ପ୍ରଶଂସାରେ ସଚିନ

କ୍ରିକେଟ୍ ଭଗବାନ ସଚିନ ତେନ୍ଦୁଲକରଙ୍କ ୪୯ତମ ଶତକକୁ ଟପିଛନ୍ତି ବିରାଟ କୋହଲି । ସେ ୫୦ତମ ଶତକ ସହ ନିଜ ନାମ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ କରିଛନ୍ତି । ଏନେଇ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାର ଲାଗିଛି । ସଚିନ ମଧ୍ୟ ପ୍ରଶଂସା କରିବାକୁ ପଛେଇ ନାହାନ୍ତି । ପୁରୁଣା କଥା ମନେ ପକାଇ କହିଛନ୍ତି ପ୍ରଥମଥର ତୁମେ ମୋତେ ଦେଖି ପ୍ରଣାମ କରିଥିଲ । ଖୁବ୍ କମ୍ ଦିନରେ ତୁମେ ଦକ୍ଷତା ଓ ପ୍ରଦର୍ଶନ ବଳରେ ମୋର ନିକଟତର ହୋଇଗଲ । ଜଣେ ଯୁବ ବ୍ୟାଟର ଖୁବ୍ କମ୍ ଦିନରେ ବିରାଟ ଖେଳାଳି ପାଲଟିଯାଇଛ । ବିଶ୍ୱକପ୍ ପରି ମେଗାଇଭେଣ୍ଟରେ ଜଣେ ଭାରତୀୟ ଖେଳାଳି ମୋ ରେକର୍ଡ ଭାଙ୍ଗୁଛନ୍ତି, ଏହାଠାରୁ ବଢ଼ିଆ କଥା କଣ ହୋଇପାରିଛି ବୋଲି ସଚିନ କହିଛନ୍ତି । ୫୦ତମ ଶତକ ହାସଲ କରିବା ପରେ କୋହଲି ତାଙ୍କ ଆଦର୍ଶ ସଚିନଙ୍କୁ ହେଲମେଟ କାଢି ମୁଣ୍ଡ ନୁଆଁଇ ସମ୍ମାନ ଜଣାଇଥିଲେ ।

## ଶତକରେ ବିରାଟଙ୍କ ଅର୍ଦ୍ଧଶତକ

ମୁମ୍ବାଇ,୧୫।୧୧(ଏଜେନ୍ସି): ଇତିହାସ ରଚିଛନ୍ତି ବିରାଟ କୋହଲି । ବୁଧବାର ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱକପ ସେମିଫାଇନାଲ ମୁକାବିଲାରେ ବିରାଟ କୋହଲି ଦିନିକିଆରେ ୫୦ତମ ଶତକ ପୂରଣ କରିଛନ୍ତି । ଏଥିସହ କ୍ରିକେଟ୍ ଭଗବାନ ସଚିନ ତେନ୍ଦୁଲକରଙ୍କ ଦିନିକିଆ ଶତକ ରେକର୍ଡକୁ ଟପିବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ଶତକରେ ଅର୍ଦ୍ଧଶତକ ହାସଲ କରି ବିଶ୍ୱର ପ୍ରଥମ ବ୍ୟାଟର ଭାବେ ଅଭିଶ୍ୱସନୀୟ ରେକର୍ଡ କରିଛନ୍ତି । ମହାନ୍ କ୍ରିକେଟ୍‌ର ସଚିନଙ୍କ ଆଗରେ ତାଙ୍କ ହୋମ୍ ଗ୍ରାଉଣ୍ଡରେ ସବୁ ରେକର୍ଡକୁ ଭାଙ୍ଗିଛନ୍ତି ବିରାଟ । ସଚିନଙ୍କୁ ନିଜର ଆଦର୍ଶ ମଣିଥିବା ବିରାଟ ବୁଧବାର ତାଙ୍କୁ ପଛରେ ପକାଇ କ୍ରିକେଟ୍ ଦୁନିଆର ନୂଆ ବାଦଶାହ ବନିଯାଇଛନ୍ତି ।




ବୁଧବାର ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ କୋହଲି ପ୍ରଥମେ ୫୯ ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଥିଲେ । ସେ ନର୍ଭସ ୯୦ରେ ଧିମା ପଡ଼ିଯାଇଥିଲେ । ୯୨ ରନ୍ କରିଥିବା ବେଳେ କ୍ରାମ୍ପର ସମ୍ମୁଖୀନ ହୋଇଥିଲେ । ତଥାପି ମୁମ୍ବାଇର ୱାଙ୍ଖେଡେର ସେ ହାର ମାନିନଥିଲେ । ୧୦୬ ବଲରୁ ନିଜର ୫୦ତମ ଶତକ ପୂରଣ କରିଥିଲେ । ସଚିନ ମଧ୍ୟ ତାଳିମାରି ବିରାଟଙ୍କ ରେକର୍ଡକୁ ସ୍ୱାଗତ କରିଥିଲେ । ବିରାଟଙ୍କ ଏହି ଶତକୀୟ ଇନିଂସରେ ୮ଟି ଚୌକା ଓ ଗୋଟିଏ ଛକା ରହିଛି । ପତ୍ନୀ ଅନୁଷ୍କା ଶର୍ମା ଫାଇଙ୍ଗ କିସ୍ କରି ବିରାଟଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏଥିସହ ବିରାଟ କିମ୍ବଦନ୍ତୀ କ୍ରିକେଟ୍‌ର ସଚିନଙ୍କ ସର୍ବକାଳୀନ ରେକର୍ଡ ଭାଙ୍ଗିଛନ୍ତି । ଦିନିକିଆ କ୍ରିକେଟ୍‌ରେ ସଚିନ ୪୯ଟି ଶତକ ହାସଲ କରିଥିଲେ । ଚଳିତ ବିଶ୍ୱକପ୍‌ରେ ଦ.ଆଫ୍ରିକା ବିପକ୍ଷ ମ୍ୟାଚରେ କୋହଲି ୪୯ତମ ଶତକ ହାସଲ କରିଥିଲେ । ସେତେବେଳେ ସେ ସଚିନଙ୍କ ସମକକ୍ଷ ହୋଇଥିଲେ । ବିଶ୍ୱକପ ସେମିଫାଇନାଲରେ ବିରାଟ ନ୍ୟୁଜିଲାଣ୍ଡ ବିପକ୍ଷରେ ଶତକ ହାସଲ କରିଛନ୍ତି । ଏଥିସହ ସେ ସବୁ ପ୍ରତୀକ୍ଷାର ଅନ୍ତ ଘଟାଇଛନ୍ତି । ଏକଦା ସଚିନ କହିଥିଲେ ତାଙ୍କ ରେକର୍ଡକୁ ବିରାଟ କିମ୍ବା ରୋହିତ ଭାଙ୍ଗି ପାରିବେ । ସତକୁ ସତ ବିରାଟ ତାଙ୍କ ଦିନିକିଆ ଶତକ ରେକର୍ଡ ଭାଙ୍ଗିଦେଇଛନ୍ତି । ସଚିନ ଦିନିକିଆ କ୍ରିକେଟ୍‌ରେ ୪୫୨ ଇନିଂସରୁ ୪୯ ଶତକ ହାସଲ କରିଥିବା ବେଳେ ବିରାଟ ମଧ୍ୟ ୨୭୭ ଇନିଂସରେ ଏହି ରେକର୍ଡର ସମକକ୍ଷ ହୋଇଥିଲେ । କୋହଲି ୨୭୯ ଇନିଂସରେ ସଚିନଙ୍କୁ ପଛରେ ପକାଇଛନ୍ତି । ରେକର୍ଡକୁ ଅନୁଶୀଳନ କଲେ ବିରାଟ ୨୦୦୯ରେ ଶ୍ରୀଲଙ୍କା ବିପକ୍ଷରେ ଦିନିକିଆ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ । ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ନିଜର ୫୦ତମ ପୂରଣ କରିଛନ୍ତି । ଏତଦ୍ ବ୍ୟତୀତ ବିରାଟ ଟେଷ୍ଟରେ ୨୯ଟି ଶତକ ହାସଲ କରିଛନ୍ତି । ଏବଂ ଟି-୨୦ରେ ଗୋଟିଏ ଶତକ କରିଛନ୍ତି । ବିରାଟଙ୍କ ଅନ୍ତର୍ଜାତୀୟ ଶତକ ସଂଖ୍ୟା ୮୦ରେ ପହଞ୍ଚିଯାଇଛି ।

## ଭାରତକୁ ସୁହାଇବା ଭଳି ପିଚ ଅଭିଯୋଗ

ୱାଙ୍ଖେଡେରେ ଭାରତ-ନ୍ୟୁଜିଲାଣ୍ଡ ସେମିଫାଇନାଲ ମ୍ୟାଚ ପାଇଁ ମୂଳ ଯୋଜନା ମୁତାବକ ନଂ.୭ ପିଚ ବ୍ୟବହାର ହେବାର ଥିଲା । ଯାହାକି ଏକ ତାଜା ପିଚ ଥିଲା । ଏଥିରେ ମ୍ୟାଚ ଖେଳାଯାଇନଥିଲା । ତେଣୁ ସେମିଫାଇନାଲ ପାଇଁ ବ୍ୟବହାର କରାଯିବାକୁ ନିଷ୍ପତ୍ତି ହୋଇଥିଲା । ଶେଷ ମୁହୂର୍ତ୍ତରେ ପିଚ ନଂ.୬କୁ ବଦଳାଇ ଦିଆଯାଇଥିଲା । ଯାହା ପୂର୍ବରୁ ଟୁର୍ଣ୍ଣାମେଣ୍ଟ ସମୟରେ ଦୁଇଟି ବ୍ୟବହାର ହୋଇସାରିଛି । ଏହି ଅଚାନକ ପରିବର୍ତ୍ତନକୁ ନେଇ ବିବାଦ ଦେଖାଦେଇଥିଲା । ବିସିସିଆଇ ଭାରତୀୟ ଦଳକୁ ସେମାନଙ୍କ ଖେଳ ଶୈଳୀ ଅନୁସାରେ ପିଚ ଯୋଗାଇ ଦେବା ପାଇଁ ଚେଷ୍ଟା କରୁଛି ବୋଲି ଅଭିଯୋଗ ଆସିଛି । ଏହି ଅଭିଯୋଗକୁ ଆହୁରି ବଳ ଦେଉଛି ଯେ, ପିଚ ନଂ.୫ ବଦଳରେ ଦୁଇଥର ବ୍ୟବହାର ହୋଇଥିବା ପିଚ ନଂ.୬ରେ ଫାଇନାଲ ମ୍ୟାଚ ଖେଳିବା ପାଇଁ ଚାପ ପକାଉଛି । ଆଇସିସି ପିଚ ପରାମର୍ଶ ଦାତା ଆଣ୍ଡି ହଟକିନସନ ଏହି ପରିବର୍ତ୍ତନକୁ ନାପସନ୍ଦ କରିକହିଛନ୍ତି ବଡ଼ ପ୍ରତିଯୋଗିତା ପାଇଁ ପିଚ ପ୍ରସ୍ତୁତ କରିବା କ୍ଷେତ୍ରରେ ଏହା ସାଧାରଣ ଅଭ୍ୟାସ ସହ ମେଳ ଖାଉନାହିଁ । ମ୍ୟାଚ ଗୁଡିକର ଫଳାଫଳକୁ ପ୍ରଭାବିତ କରିବା ନେଇ ପକ୍ଷ ପାତିତା ସମ୍ଭାବନାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ଏହାର ଜବାବ ରଖିଛି ବିସିସିଆଇ । ଜଣେ ମୁଖପାତ୍ର ଏସଂକ୍ରାନ୍ତରେ ଖବର ପ୍ରକାଶ କରିଥିବା ଇଂଲଣ୍ଡର ଏକ ଖବର କାଗଜ ଡେଲି ମେଲ୍‌କୁ ଜବାବ ଦେଇଛନ୍ତି । ଯେଉଁଥିରେ କୁହାଯାଇଛି । କୌଣସି ଭୁଲ କାମକୁ ଗ୍ରହଣ କରାଯାଇନାହିଁ । ପିଚ ନଂ.୭ରେ ସମସ୍ୟା ଥିବାରୁ ଏହାକୁ ପରିବର୍ତ୍ତନ କରାଗଲା ।

## ଅଧିନାୟକ ପଦ ଛାଡିଲେ ବାବର

ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି): ପାକିସ୍ତାନ ଦଳର ଅଧିନାୟକ ପଦରୁ ଓହରିବା ନେଇ ସୂଚନା ଦେଇଛନ୍ତି ବାବର ଆଜମ । ସେ କ୍ରିକେଟ୍‌ର ସବୁ ଫର୍ମାଟରୁ ଅଧିନାୟକ ପଦରୁ ଇସ୍ତଫା ଦେଇଛନ୍ତି । ଚଳିତ ବିଶ୍ୱକପ୍‌ରେ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପରେ ବାବର ଆଜମ ଏହି ନିଷ୍ପତ୍ତି ନେଇଛନ୍ତି । କିଛି ଦିନ ପୂର୍ବରୁ ବାବରଙ୍କୁ ଅଧିନାୟକ ପଦରୁ ହଟାଇବା ପାଇଁ ଚର୍ଚ୍ଚା ହୋଇଥିଲା । ବୁଧବାର ନିଜେ ଏହି ବଡ଼ ନିଷ୍ପତ୍ତି ନେଇଛନ୍ତି । ସୋସିଆଲ ମିଡ଼ିଆ ଟ୍ୱିଟରରେ ବାବର ଏକ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି । ଚଳିତ ବିଶ୍ୱକପ୍‌ରେ ପାକିସ୍ତାନ ୯ଟି ମ୍ୟାଚ ଖେଳି ୪ଟିରେ ବିଜୟୀ ହୋଇଥିଲା ।

## ଖେଲୋ ଇଣ୍ଡିଆ ତାଇକୋଣ୍ଡୋ ସିଲେକ୍ସନ ଟ୍ରାଏଲରେ ଅନୁଗୁଳରୁ ୫

ଅନୁଗୁଳ,୧୫।୧୧(ସବ୍ୟୁ): କଟକର ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ଚାଲିଥିବା ୧୨ ବର୍ଷରୁ ଅଧିକ ବାଳିକା ଖେଲୋ ଇଣ୍ଡିଆ ତାଇକୋଣ୍ଡୋ ସିଲେକସନ୍ ଟ୍ରାଏଲରେ ଅନୁଗୁଳରୁ ୫ ଜଣ ବାଳିକା ମନୋନୀତ ହୋଇଛନ୍ତି । ସେମାନେ ହେଲେ ଜସ୍ମିନ ସାହୁ, ଶ୍ରୀୟାସି ଶ୍ରୀ ପ୍ରଧାନ, ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ରିତିକା ମହାନ୍ତି ଓ ଅଙ୍କିତା ତ୍ରିପାଠୀ । ଉକ୍ତ ଖେଳାଳିମାନେ ବୁଧବାର କଟକରେ ପହଞ୍ଚିଛନ୍ତି । ଖେଲୋ ଇଣ୍ଡିଆ ତାଇକୋଣ୍ଡେ ସିଲେକସନ୍ ଟ୍ରାଏଲରେ ଭଲ ପ୍ରଦର୍ଶନ କରି ଅନୁଗୁଳ ଜିଲ୍ଲାକୁ ଗୌରବାନ୍ୱିତ କରିବା ପାଇଁ ଜିଲ୍ଲା ସଂଘର ସମ୍ପାଦକ ତଥା ପ୍ରତିଷ୍ଠାତା ଦୁଷ୍ୟନ୍ତ କୁମାର ନାଥ ଶୁଭେଚ୍ଛା ଜଣାଇବା ସହ ସଂଘ ସଭାପତି ନୀଳମଣି ରାଉତ, ଉପସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକ ଓ ପର୍ଶୁରାମ ଦାସ ଏବଂ ଉପଦେଷ୍ଟା ପ୍ରଦୀପ ଦେବତା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।








Meera's COURTYARD
AT KURANGA PHULNAKHARA
Huge lush green happening space situated in between Cuttack and Bhubaneswar.
• Pollution free ambience
• Blend of traditionalism & modernity
• Far from the madding crowd
• Truely magnificent setting
• Hassel free parking,
WILL perfectly match to your dream to make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076



ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

# ସାହାରା ଶ୍ରୀ'ଙ୍କ ପରଲୋକ ପରେ ନିବେଶକ ଚିନ୍ତାରେ



**ନୂଆଦିଲ୍ଲୀ:** ସାହାରା ଗ୍ରୁପ୍ ମୁଖ୍ୟ ସୁବ୍ରତ ରାୟ ସାହାରା (ସୁବ୍ରତ ରାୟ ସାହାରା)ଙ୍କ ଦେହାନ୍ତ ହୋଇଛି । 'ସାହାରାଶ୍ରୀ' ନାମରେ ପରିଚିତ ସୁବ୍ରତ ରାୟ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ ଏବଂ ତାଙ୍କୁ ୭୫ ବର୍ଷ ହୋଇଥିଲା । ସୁବ୍ରତ ରାୟଙ୍କ ମୃତ୍ୟୁ ପରେ ସେବି ପାଖରେ ଥିବା ତାଙ୍କର ୨୫ ହଜାର କୋଟି ରୁ ଅଧିକ ଟଙ୍କାର କ'ଣ ହେବ ତାକୁ ନେଇ ବିତର୍କ ଆରମ୍ଭ ହୋଇଛି । ୨୦୧୧ମସିହାରେ ପୁଞ୍ଜି ବଜାର ନିୟାମକ ସେବି ସାହାରା ଗ୍ରୁପ୍ ର ଦୁଇଟି କମ୍ପାନି ସାହାରା ଇଣ୍ଡିଆ ରିଅଲ୍ ଇଷ୍ଟେଟ୍ କର୍ପୋରେସନ୍ ଲିମିଟେଡ୍ (ଏସ୍ଆଇଆରଏଲ୍) ଏବଂ ସାହାରା ହାଉସିଂ ଇନଭେଷ୍ଟମେଣ୍ଟ କର୍ପୋରେସନ୍ ଲିମିଟେଡ୍ (ଏସ୍ ଆଇସିଏଲ୍)କୁ ଫୁଲ୍ କନଭର୍ଟିବଲ୍ ବଣ୍ଡ (ଓଏଫ୍ ସିଡି) ନାମରେ ପରିଚିତ କେତେକ ବଣ୍ଡ ଜରିଆରେ ପ୍ରାୟ ୩ କୋଟି ନିବେଶକଙ୍କଠାରୁ ସଂଗ୍ରହ ହୋଇଥିବା ପାଣ୍ଠି ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲା । ସେତେବେଳେ ସେବି କହିଥିଲା ଯେ ଏହି ଦୁଇ ସାହାରା ଗ୍ରୁପ୍ କମ୍ପାନୀ ଏହାର ନିୟମକୁ ଉଲ୍ଲଂଘନ କରି ପାଣ୍ଠି ସଂଗ୍ରହ କରିଛନ୍ତି ।

ପରେ ଏହି ମାମଲା ସୁପ୍ରିମକୋର୍ଟକୁ ଯାଇଥିଲା । ଅଗଷ୍ଟ ୩୧, ୨୦୧୨ରେ ସର୍ବୋଚ୍ଚ ନ୍ୟାୟାଳୟ ସେବିର ନିର୍ଦ୍ଦେଶକୁ ବଜାୟ ରଖି ନିବେଶକଙ୍କଠାରୁ ଆଦାୟ ହୋଇଥିବା ଅର୍ଥକୁ ୧୫ ପ୍ରତିଶତ ସୁଧ ସହିତ ଫେରସ୍ତ କରିବାକୁ ଦୁଇ କମ୍ପାନୀକୁ କହିଥିଲେ । ଏହାପରେ ନିବେଶକମାନଙ୍କୁ ଟଙ୍କା ଫେରସ୍ତ କରିବା ପାଇଁ ସାହାରାକୁ ସେବି ନିକଟରେ ଆନୁମାନିକ ୨୪,୦୦୦ କୋଟି ଟଙ୍କା ଜମା କରିବାକୁ କୁହାଯାଇଥିଲା । ଗତ ମାର୍ଚ୍ଚ ମାସରେ ସେବି ପକ୍ଷରୁ କରାଯାଇଥିବା ଘୋଷଣା ଅନୁସାରେ ସେବି ନିକଟରେ ସାହାରାର ମୋଟ ୨୫ ହଜାର ୧୬୩ କୋଟି ଟଙ୍କା ରହିଛି । ତେବେ ଏଠାରେ ପ୍ରଶ୍ନ ଉଠୁଛି ସୁବ୍ରତ ରାୟଙ୍କ ମୃତ୍ୟୁ ପରେ ନିବେଶକଙ୍କୁ ଟଙ୍କା ମିଳିବ ତ ? ସାହାରାର ନିବେଶକମାନଙ୍କୁ ସେମାନଙ୍କ ଟଙ୍କା ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାର କିଛି ଦିନ ତଳେ ଏକ ପୋର୍ଟାଲ (https://mocrefund.crcs.gov.in/) ଆରମ୍ଭ କରିଥିଲେ । ବିଶେଷଜ୍ଞଙ୍କ ମତରେ ଏହି ପୋର୍ଟାଲ ଜରିଆରେ ସାହାରା ନିବେଶକମାନେ ପ୍ରକ୍ରିୟା ଅନୁଯାୟୀ ସେମାନଙ୍କ ଟଙ୍କା ପାଇବେ । ସୁବ୍ରତ ରାୟ ସାହାରାଙ୍କ ମୃତ୍ୟୁ ଏହାର ପ୍ରଭାବ ପକାଇବ ନାହିଁ ।

# ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ତ୍ରୁଟି

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁରକ୍ଷାରେ ବଡ଼ ତ୍ରୁଟି । ତାଙ୍କ କାର୍ ଆଗକୁ ହଠାତ୍ ଜଣେ ମହିଳା ଡେଇଁ ପଡ଼ିଛନ୍ତି । ତେବେ ଦୁର୍ଘଟଣା ଘଟିବା ପୂର୍ବରୁ ବ୍ରେକ୍ ମାରି କାର୍କୁ ଅଟକାଇଛନ୍ତି ଚାଳକ । ତୁରନ୍ତ ଉକ୍ତ ମହିଳାଙ୍କୁ ଅଟକ ରଖାଯାଇଛି । ପୁଲିସ ତାଙ୍କୁ ପଚରାଉଚରା ଜାରି ରଖିଛି । ବୁଧବାର ରାଞ୍ଚିରେ ଏହି ଘଟଣା ଘଟିଛି । ବୁଧବାର ସକାଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଞ୍ଚିରେ ତିଆରି ହୋଇଥିବା ବିର୍ସା ମେମୋରିଆଲ ପାଖକୁ ଯାଉଥିଲେ । ଏତିକି ବେଳେ ଏସ୍ଏସ୍ପି ବାସଭବନ ଆଖରେ ଥିବା ରେଡିୟମ୍ ରୋଡ୍ରେ ମୋଦିଙ୍କ କାର୍ ଆଗକୁ ହଠାତ୍ ଜଣେ ମହିଳା ଦୌଡି ଚାଲି ଆସିଥିଲେ । କୁହାଯାଉଛି ଯେ, ମହିଳା ଜଣକ କିଛି ଘରୋଇ ସମସ୍ୟା ରହିଛ । ସେ ତାଙ୍କ ସମସ୍ୟା ପ୍ରଧାନମନ୍ତ୍ରୀ ମୋଦିଙ୍କୁ କହିବାକୁ ଚାହୁଁଥିଲେ । ସେ ରାସ୍ତାର ପାର୍ଶ୍ୱରେ ଠିଆ ହୋଇ ପ୍ରଧାନମନ୍ତ୍ରୀଙ୍କ ଆଗମନକୁ ଅପେକ୍ଷା କରିଥିଲେ ଏବଂ ତାଙ୍କ କାର ଦେଖିବା ମାତ୍ରେ ସେ ଡେଇଁ ପଡିଥିଲେ । ନିକଟରେ ଉପସ୍ଥିତ ଥିବା ସୁରକ୍ଷା କର୍ମୀମାନେ ତାଙ୍କୁ ତୁରନ୍ତ ଧରିଥିଲେ । ଏହା ପରେ ପ୍ରଧାନମନ୍ତ୍ରୀଙ୍କ କାର୍କେଡ୍ ଆଗକୁ ବଢ଼ିଥିଲା ।

# ହସ୍ପିଟାଲରେ ଇସ୍ରାଏଲ ସେନାର ହମ୍ଲା

**ନୂଆଦିଲ୍ଲୀ:** ଗାଜାର ସର୍ବବୃହତ୍ତ ହସ୍ପିଟାଲ ଅଲ୍ ସିଫାରେ ଇସ୍ରାଏଲ ସେନା ପକ୍ଷରୁ ଚଢ଼ାଉ କରାଯାଇଛି । ଗାଜା ସହରରେ ଥିବା ଏହି ହସ୍ପିଟାଲରେ ଇସ୍ରାଏଲର ପ୍ରାୟ ୧୨ରୁ ଅଧିକ ସୈନିକ ମୁହଁରେ ମୁଖା ପିନ୍ଧି ପ୍ରବେଶ କରିଥିଲେ ଓ ଫାଙ୍କା ଗୁଳି ଚାଳନା କରିଥିଲେ । ହସ୍ପିଟାଲରେ ରୋଗୀ ଭର୍ତ୍ତି ହୋଇଥିଲେ ଓ ଲୋକମାନେ ଯିବା ଆସିବା କରୁଥିଲେ । ମୁଖା ପିନ୍ଧା ସୈନିକମାନେ କହିଥିଲେ ଯେ ଯେଉଁମାନଙ୍କ ୧୬ ବର୍ଷରୁ ଅଧିକ ସେମାନେ ହାତ ଉପରକୁ କରି ଠିଆ ହୁଅନ୍ତୁ । ଲାଉଡ୍ସ୍ପିକର ମାଧ୍ୟମରେ ଏଭଳି ପ୍ରଚାର କରାଯାଇଥିଲା । ଇସ୍ରାଏଲ ସେନା ମଧ୍ୟ ଏହାକୁ ସ୍ୱୀକାର କରିବା ସହ ହସ୍ପିଟାଲର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଅଭିଯାନ ପ୍ରତ୍ୟୁଷରୁ ହୋଇଥିବା କହିଛି ।



ସେନା ପକ୍ଷରୁ କୁହାଯାଇଛି ଯେ ହମାସ ବିରୋଧରେ ତାଙ୍କର ଏହି ଚଢ଼ାଉ ଚାଲିଛି । ଇସ୍ରାଏଲ ଓ ପାଲେଷ୍ଟାଇନ୍ର ଅଧିକାରୀମାନେ ଉଭୟ ଏହି ଚଢ଼ାଉକୁ ନେଇ ବିବୃତ୍ତି ଜାରି କରିଛନ୍ତି । ତେବେ ଏହି ଚଢ଼ାଉ ସହ ଆକାଶମାର୍ଗରୁ ମଧ୍ୟ ବୋମା ମାଡ କରାଯାଇଛି । ସେନା ପ୍ରବେଶ କରିବାପରେ ହସ୍ପିଟାଲରେ ଏକ ଭୟର ପରିସ୍ଥିତି ସୃଷ୍ଟି ହୋଇଥିଲା । ଡାକ୍ତର ଓ କର୍ମଚାରୀମାନେ ଭୟଭୀତ ହୋଇଯାଇଥିଲେ । ହସ୍ପିଟାଲର ସ୍ଥିତି ଏବେ ଅତ୍ୟନ୍ତ ଶୋଚନୀୟ । ରୋଗୀଙ୍କ ଓ ତାଙ୍କ ସମ୍ପର୍କୀୟମାନେ ବିନା ପାଣି ଓ ଖାଦ୍ୟରେ କରିଡରରେ ପଡିଛନ୍ତି । ଆନାସ୍ଥିସିଆର ଅଭାବ ଘଟିଛି । ବିଦ୍ୟୁତ୍ ନାହିଁ । ଇସ୍ରାଏଲ ସେନା ପକ୍ଷରୁ କରିଡର ମଧ୍ୟରେ ଯାଉଥିବା ଶତାଧିକ ଯୁବକ ଓ ଲୋକମାନଙ୍କୁ ବିଭିନ୍ନ ୱାର୍ଡରୁ ଆଣି ପଚରା ଉଚରା କରାଯାଇଥିଲା । ସେନା ପକ୍ଷରୁ ଚେତାବନୀ ଦିଆଯାଇଥିଲା ଯେ ପ୍ରତି ପ୍ରକୋଷ୍ଠ ବୁଲି ହମାସ ଆତଙ୍କବାଦୀଙ୍କୁ ଚିହ୍ନଟ କରୁଛନ୍ତି ।

## ଇସ୍ରାଏଲ ସେଟେଲମେଣ୍ଟକୁ ବିରୋଧ

ଇସ୍ରାଏଲ ସେଟେଲମେଣ୍ଟକୁ ବିରୋଧ କରି ମିଳିତ ଜାତିସଂଘର ଏକ ନିନ୍ଦା ପ୍ରସ୍ତାବକୁ ଭାରତ ସମର୍ଥନ କରିଛି । ଇସ୍ରାଏଲ୍ ସେଟେଲମେଣ୍ଟକୁ ୧୪୫ଟି ରାଷ୍ଟ୍ର ବିରୋଧ କରିଥିଲେ । ପୂର୍ବ ଜେରୁଜୋଲମ୍ ସମେତ ଅଧିକୃତ ପାଲେଷ୍ଟାଇନ୍ ଅଞ୍ଚଳ ଏବଂ ଅଧିକୃତ ସିରାମ ଗୋଲାମ୍ରେ ଇସ୍ରାଏଲ୍ର ସେଟେଲମେଣ୍ଟକୁ ପରାସ୍ତ କରି ଜାତିସଂଘ ପ୍ରସ୍ତାବରେ ନିନ୍ଦ କରାଯାଇଛି । କାନାଡା, ହଙ୍ଗେରୀ, ଇସ୍ରାଏଲ, ମାର୍ଶଲ ଦୀପପୁଞ୍ଜ, ମାଇକ୍ରୋନେସିଆ, ନାଉର ଏବଂ ଆମେରିକା ଏହି ସଂକଳ୍ପ ବିରୋଧିରେ ଭୋଟ୍ ଦେଇଥିଲେ ।

# ବାଇଡେନ୍ଙ୍କୁ ଦାୟୀ କଲା ହମାସ

**ତେଲଆଭିଭ:** ମେଡିକାଲ କମ୍ପ୍ଲେକ୍ସ ଉପରେ ହୋଇଥିବା ଆକ୍ରମଣ ପାଇଁ ଇସ୍ରାଏଲ୍ ଏବଂ ରାଷ୍ଟ୍ରପତି ବାଇଡେନ ସମ୍ପୂର୍ଣ୍ଣ ଭାବେ ଦାୟୀ ବୋଲି ହମାସ କହିଛି । ଥମୁନି ଯୁଦ୍ଧ । ଇସ୍ରାଏଲ୍ ଓ ହମାସ ମଧ୍ୟରେ ଯୁଦ୍ଧ ଲାଗି ରହିଛି । ଏହାରି ଭିତରେ ପୁଣି ଥରେ ଗାଜାର ସବୁଠାରୁ ବଡ଼ ହସ୍ପିଟାଲ ଉପରେ ଏୟାରଷ୍ଟ୍ରାଇକ୍ କରିଛି ଇସ୍ରାଏଲ । ଅଲ୍-ଶିଫା ହସ୍ପିଟାଲ ଭିତରେ ହମାସ ଆତଙ୍କୀଙ୍କ ଆଡ୍ଡାସ୍ଥଳ ଥିବା ଦାବି କରି ଇସ୍ରାଏଲ ପୁଣି ଥରେ ଏହାକୁ ଟାର୍ଗେଟ୍ କରି ବୋମା ମାଡ଼ କରିଛି । ତେବେ ଏଥିରେ କେତେ ଜଣ ମୃତାହତ ହୋଇଛନ୍ତି ସେ ନେଇ କୌଣସି ସୂଚନା ମିଳିନାହିଁ । ଇସ୍ରାଏଲ ଗତ କିଛି ଦିନ ହେବ ଗାଜାର ବିଭିନ୍ନ ଡାକ୍ତରଖାନାକୁ ଟାର୍ଗେଟ କରି ଆସୁଛି । ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ ଏକ ବୟାନରେ କହିଛି ଯେ ସେମାନେ ପୁଣିଥରେ ଗାଜାର ସମ୍ପୃକ୍ତ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି ଯେ ହସ୍ପିଟାଲ ଭିତରେ ଥିବା ସମସ୍ତ ସାମରିକ କାର୍ଯ୍ୟକଳାପ ୧୨ ଘଣ୍ଟା ମଧ୍ୟରେ ବନ୍ଦ ହେବା ଜରୁରୀ । କିନ୍ତୁ ଦୁର୍ଭାଗ୍ୟବଶତ ଏହା ହୋଇ ନାହିଁ । ଶ୍ରମିକମାନଙ୍କୁ ଆତ୍ମସମର୍ପଣ କରିବାକୁ ମଧ୍ୟ କୁହାଯାଇଛି । ଉଭୟ ଇସ୍ରାଏଲ୍ ଏବଂ ଆମେରିକା କହିଛି କମାଣ୍ଡ ପୋଷ୍ଟ ଓ ବନ୍ଧକମାନଙ୍କୁ ଲୁଚାଇବା ପାଇଁ ହମାସ ସଦସ୍ୟମାନେ ଅଣ୍ଡରଗ୍ରାଉଣ୍ଡ ଟନେଲ ଜରିଆରେ ଗାଜାରେ ଥିବା ଡାକ୍ତରଖାନାର ବ୍ୟବହାର କରୁଛନ୍ତି । ମିଳିତ ଜାତିସଂଘ ଆକଳନ କରିଛି ଯେ ଅତି କମରେ ୨୩୦୦ରୋଗୀ, କର୍ମଚାରୀ ଏବଂ ବିସ୍ଥାପିତ ସାଧାରଣ ନାଗରିକ ହସ୍ପିଟାଲ ଭିତରେ ଅଛନ୍ତି । ଏମାନେ ଅନେକ ଦିନ ହେବ ଭୟଙ୍କର ଯୁଦ୍ଧ ଏବଂ ଏୟାରଷ୍ଟ୍ରାଇକ୍ ଯୋଗୁ ଏଠି ଫସି ରହିଛନ୍ତି । ସେପଟେ ଏହି ଏୟାରଷ୍ଟ୍ରାଇକ୍କୁ ନେଇ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ଙ୍କୁ ଦାୟୀ କରିଛି ହମାସ । ଅଲ-ଶିଫା ହସ୍ପିଟାଲରେ ହୋଇଥିବା ଅପରେସନକୁ ନେଇ ହମାସ ଏକ ବିବୃତ୍ତିରେ କହିଛି ଯେ ଅଲ-ଶିଫା ମେଡିକାଲ କମ୍ପ୍ଲେକ୍ସ ଉପରେ ହୋଇଥିବା ଆକ୍ରମଣ ପାଇଁ ଇସ୍ରାଏଲ୍ ଏବଂ ରାଷ୍ଟ୍ରପତି ବାଇଡେନ ସମ୍ପୂର୍ଣ୍ଣ ଭାବେ ଦାୟୀ ।

# ଦିଲ୍ଲୀ ମୁଖ୍ୟ ଶାସନ ସଚିବ ଅଡୁଆରେ

## ନିଲମ୍ବନ ପାଇଁ ଉପରାଜ୍ୟପାଳଙ୍କୁ ସୁପାରିଶ

**ନୂଆଦିଲ୍ଲୀ:** ଦିଲ୍ଲୀ ମୁଖ୍ୟ ସଚିବ ନରେଶ କୁମାରଙ୍କ ବିଲା ଅଡୁଆଛ ତାଙ୍କ ବିରୋଧରେ ଆସିଛି ଦୁର୍ନୀତି ଅଭିଯୋଗ । ଦିଲ୍ଲୀର ଭିଜିଲାନ୍ସ ମନ୍ତ୍ରୀ ଅତିଶି ଏହି ଅଭିଯୋଗ ଆଣିଛନ୍ତି । ଏହି ମାମଲାରେ ଏବେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଭିଜିଲାନ୍ସ ବିଭାର ରିପୋର୍ଟକୁ ଦିଲ୍ଲୀ ଉପରାଜ୍ୟପାଳ ବିକେ ସକ୍ସେନାଙ୍କ ପାଖକୁ ପଠାଇଛନ୍ତି । ମୁଖ୍ୟ ଶାସନ ସଚିବଙ୍କୁ ତୁରନ୍ତ ପଦରୁ ହଟାଇବା ତଥା ନିଲମ୍ବିତ କରିବା ପାଇଁ କେଜରିୱାଲ ସୁପାରିଶ କରିଛନ୍ତି । ଏଥିସହ ମନ୍ତ୍ରୀ ଅତିଶିଙ୍କୁ ଏହି ରିପୋର୍ଟ ସିବିଆଇ ଓ ଇଡି ପାଖକୁ ପଠାଇବା ପାଇଁ ମୁଖ୍ୟମନ୍ତ୍ରୀ କେଜରିୱାଲ ନିର୍ଦ୍ଦେଶ ଦେଇଛନ୍ତି । ୬୭୦ ପୃଷ୍ଠା ସମ୍ବଳିତ ଏହି ରିପୋର୍ଟରେ ଦିଲ୍ଲୀ ମୁଖ୍ୟ ସଚିବ ନରେଶ କୁମାର ଓ ଡିଭିଜନାଲ କମିଶ୍ନର ଅଶ୍ୱିନୀ କୁମାରଙ୍କୁ ତରନ୍ତ ସେମାନଙ୍କୁ ପଦରୁ ହଟାଇବାକୁ ଦାବି କରାଯାଇଛି । ଏଥିସହ ଏହି ମାମଲା ସହ ଜଡିତ ସମସ୍ତ ଫାଇଲକୁ ତୁରନ୍ତ ଜବତ କରିବାକୁ କୁହାଯାଇଛି । ଦ୍ୱାରକା ଏକ୍ସପ୍ରେସୱେ ପ୍ରକଳ୍ପରେ ଜମି ଅଧିଗ୍ରହଣରେ ଅନିୟମିତତା କରାଯାଇଥିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ନିକଟରେ ଅଭିଯୋଗ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଭିଜିଲାନ୍ସ ମନ୍ତ୍ରୀ ଅତିଶୀ ସିଂହଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ କେଜରିୱାଲ । ମୁଖ୍ୟ ଶାସନ ସଚିବ ନରେଶ କୁମାରଙ୍କ ପୁଅ କରଣ ଚୌହାନ ଜଣେ ସମ୍ପର୍କୀୟଙ୍କ ଦ୍ୱାରା ନିୟୋଜିତ ହୋଇଥିଲେ, ଯାହାକୁ ଏକ ସଡକ ପ୍ରକଳ୍ପ ପାଇଁ ଅଧିଗ୍ରହଣ କରାଯାଇଥିବା ଜମି ପାଇଁ କ୍ଷତିପୂରଣ ଦିଆଯାଇଥିବା ଅଭିଯୋଗ ହୋଇଛି । ବାସ୍ତବରେ, ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା ଅଧିଗ୍ରହଣ କରାଯାଉଥିବା ବାମନୋଲିରେ ୧୯ ଏକର ଜମିର ମୂଲ୍ୟକୁ ଚଳିତ ବର୍ଷ ମେ' ମାସରେ ତତ୍କାଳୀନ ଜିଲ୍ଲା ମାଜିଷ୍ଟ୍ରେଟ (ଦକ୍ଷିଣ ପଶ୍ଚିମ) ହେମନ୍ତ କୁମାରଙ୍କ ଦ୍ୱାରା ୪୧ କୋଟିରୁ ୩୫୧ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିଲା । ପରେ ଗୃହ ମନ୍ତ୍ରଣାଳୟ ଏହି ପ୍ରସଙ୍ଗରେ ହେମନ୍ତ କୁମାରଙ୍କୁ ନିଲମ୍ବିତ କରିଥିଲେ ।

କେଜରିୱାଲଙ୍କୁ ଦିଆଯାଇଥିବା ୬୭୦ ପୃଷ୍ଠା ସମ୍ବଳିତ ଏହି ରିପୋର୍ଟରେ ମୁଖ୍ୟ ସଚିବଙ୍କ ପୁଅ ୮୫୦ କୋଟି ଟଙ୍କାର ଅନୁଚିତ ଲାଭ ପାଇଥିବ ଅଭିଯୋଗ ହୋଇଛି । ୨୦୧୫ରେ ଦ୍ୱାରକା ଏକ୍ସପ୍ରେସ୍ ୱେ ନିକଟରେ ଏହି ଜମିକୁ ପ୍ରାୟ ୭୫ ଲକ୍ଷ ଟଙ୍କାରେ କିଣା ଯାଇଥିଲା । ତେବେ ଏହି ଜମିରୁ ମୁଖ୍ୟ ଶାସନ ସଚିବଙ୍କ ପୁଅଙ୍କ କମ୍ପାନୀକୁ ବେଆଇନ୍ ରୂପେ ୮୫୦ କୋଟି ଟଙ୍କାର ଲାଭ ହୋଇଥିବା ଭିଜିଲାନ୍ସ ବିଭାଗ ତଦନ୍ତରୁ ଜଣାପଡିଛିଛ ସେପଟେ ସୋମବାର ଦିନ ମୁଖ୍ୟ ଶାସନ ସଚିବ ନରେଶ କୁମାରଙ୍କ ତରଫରୁ ବିଭାଗୀୟ କମିଶନର ଅଶ୍ୱିନୀ କୁମାର ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ । ଏହି ସମୟରେ ସେ ମୁଖ୍ୟ ଶାସନ ସଚିବଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରିଥିଲେ ।

# ପାଲେଷ୍ଟାଇନକୁ ସମର୍ଥନ କଲେ ବିଜୟନ୍

**କୋଚି:** କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ପୁଣି ଥରେ ପାଲେଷ୍ଟାଇନକୁ ସମର୍ଥନ ଜଣାଇ କହିଛନ୍ତି ଯେ ଇସ୍ରାଏଲ ଭାରତକୁ ପାଲେଷ୍ଟାଇନ ବିରୋଧରେ ବ୍ୟବହାର କରୁଛି । ଏଣୁ ଭାରତ ଇସ୍ରାଏଲ ସହ ସାମରିକ ଏବଂ ପ୍ରତିରକ୍ଷା ଚୁକ୍ତି ବନ୍ଦ କରିବା ଉଚିତ୍ । ଇସ୍ରାଏଲ ପ୍ରତି ବିଜେପିର ନୀତିକୁ ଦେଶର ଆଭିମୁଖ୍ୟ ଭାବେ ଗ୍ରହଣ କରାଯିବା ଉଚିତ ନୁହେଁ ବୋଲି ସେ କହିଛନ୍ତି । ଶନିବାର (ନଭେମ୍ବର ୧୧) ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ କହିଛନ୍ତି, ଆମର ସମର୍ଥନ ପାଲେଷ୍ଟାଇନ୍ ସହ ରହିଛି ଦେୟାକରି ଇସ୍ରାଏଲକୁ ସମର୍ଥନ କରିବାକୁ ବିଜେପିର ନୀତିକୁ ଭାରତର ଆଭିମୁଖ୍ୟ ଭାବରେ ଗ୍ରହଣ କରନ୍ତୁ ନାହିଁ । ଭାରତ ଇସ୍ରାଏଲ ସହ ସାମରିକ ଓ ପ୍ରତିରକ୍ଷା ଚୁକ୍ତି ବନ୍ଦ କରିବା ଦରକାର । ଇସ୍ରାଏଲ ତରଫରୁ ପାଲେଷ୍ଟାଇନ ବିରୋଧରେ ଭାରତକୁ ଅସ୍ତ୍ର ଭାବେ ବ୍ୟବହାର କରାଯାଉଛି । ଏହା ପୂର୍ବରୁ ନଭେମ୍ବର ୭ ତାରିଖରେ କେରଳମ୍ ୨୦୨୩ ଉତ୍ସବର ସମାପନୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ବିଜୟନ ଯୁଦ୍ଧ ପ୍ରଭାବିତ ପାଲେଷ୍ଟାଇନଙ୍କ ପ୍ରତି ସମର୍ଥନ ଜଣାଇ କହିଥିଲେ ଯେ ଯେତେବେଳେ କିଛି ଲୋକ ଗଣହତ୍ୟା ଭଳି ଆକ୍ରମଣର ସମ୍ମୁଖୀନ ହେଉଛନ୍ତି ସେତେବେଳେ ନିରପେକ୍ଷ ଆଭିମୁଖ୍ୟ ଗ୍ରହଣ କରାଯାଇପାରିବ ନାହିଁ । ସେହିପରି ଗତ ମାସରେ କେରଳର ଏକ ସଭାରେ ହମାସ ନେତାଙ୍କ ଉଦବୋଧନକୁ ନେଇ ବଡ଼ ବିବାଦ ଦେଖାଦେଇଥିଲା ।



# ମନ୍ତ୍ରୀଙ୍କ ରୋମାଣ୍ଟିକ ଅଡିଓ



**ଭୋପାଳ:** ଗତ ନିର୍ବାଚନରେ ହାତ ଚିହ୍ନରୁ ଲଢ଼ିଥିବା ଏହି ମନ୍ତ୍ରୀ ଏଥର କିନ୍ତୁ ପଦ୍ମ ଧରି ମଇଦାନକୁ ଓହ୍ଲାଇବାକୁ ସଜବାଜ ହେଉଛନ୍ତି । ଏପରି ସମୟରେ ତାଙ୍କର ଜଣେ ଯୁବତୀଙ୍କ ସହ ରୋମାଣ୍ଟିକ ବାର୍ତ୍ତାଳାପର ଅଡିଓ ଭାଇରାଲ ହେବାରେ ଲାଗିଛି ।

'ତୁମେ ମୋ' ଲାଇଫ୍ । ତୁମ ବିନା ବଞ୍ଚିବା ଅସମ୍ଭବ । ତୁମକୁ କେବେ କି ଛାଡ଼ିବିନି । ତୁମର ସ୍କୁଟି ଦରକାରଛ ତୁମକୁ ମୁଁ ଦେବି ସ୍କୁଟି । ଜଣେ ମନ୍ତ୍ରୀଙ୍କ ଏପରି ରୋମାଣ୍ଟିକ ବାର୍ତ୍ତାଳାପର ଅଡ଼ିଓ ଏବେ ଭାଇରାଲ ହେବାରେ ଲାଗିଛି । ଏହି ମନ୍ତ୍ରୀଜଣକ ହେଉଛନ୍ତି ମଧ୍ୟପ୍ରଦେଶର ଖାଦ୍ୟ ମନ୍ତ୍ରୀ ବିସାହୁଲାଲ ସିଂହ । ସବୁବେଳେ ଚର୍ଚ୍ଚାରେ ରହୁଥିବା ମନ୍ତ୍ରୀ ସିଂ ଏବେ ମଧ୍ୟ ସୋଶାଲ ମିଡିଆରେ ଖୁବ ଭାଇରାଲ ହେଉଛନ୍ତି । କମଳନାଥ ସରକାରରୁ ବାହାରି ଶିବରାଜ ସିଂଙ୍କ ଟିମରେ ସାମିଲ ହୋଇ ଚର୍ଚ୍ଚାରେ ରହିଥିବା ମନ୍ତ୍ରୀ ସିଂ କମଳନାଥ ସରକାରର ପତନର କାରଣ ପାଲଟିଥିଲେ । ଗତ ନିର୍ବାଚନରେ ହାତ ଚିହ୍ନରୁ ଲଢ଼ିଥିବା ଏହି ମନ୍ତ୍ରୀ ଏଥର କିନ୍ତୁ ପଦ୍ମ ଧରି ମଇଦାନକୁ ଓହ୍ଲାଇବାକୁ ସଜବାଜ ହେଉଛନ୍ତି । ଏପରି ସମୟରେ ତାଙ୍କର ଜଣେ ଯୁବତୀଙ୍କ ସହ ରୋମାଣ୍ଟିକ ବାର୍ତ୍ତାଳାପର ଅଡିଓ ଭାଇରାଲ ହେବାରେ ଲାଗିଛି । ଭିଡିଓରେ ଏହି ଆଦିବାସୀ ନେତାଜଣକ ଜଣେ ଯୁବତୀଙ୍କ ସହ କଥା ହେଉଥିବା ବେଳେ ଖୁବ୍ ରୋମାଣ୍ଟିକ ହୋଇ ଯାଇଥିବା ଶୁଣିବାକୁ ମିଳୁଛି । ଏପରିକି ସେ ମହିଳାଙ୍କୁ ଜୀବନରୁ ଅଧିକ ଭଲ ପାଇଥିବା କହୁଥିବା ବେଳେ ମହିଳାଜଣକ ବି ମନ୍ତ୍ରୀଙ୍କୁ ହୃଦୟର ସହ ମାନୁଥିବା କଥା କହିଛନ୍ତି । ଏଥିସହ ସେ ମନ୍ତ୍ରୀଙ୍କ ନିକଟରେ ଏକ ସ୍କୁଟି ପାଇଁ ଡିମାଣ୍ଡ କରୁଥିବା ବେଳେ ମନ୍ତ୍ରୀ ବି ଖୁବ୍ ଶୀଘ୍ର ତାଙ୍କର ଏହି ଡିମାଣ୍ଡ ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସୁଯୋଗ ଦେଖି ମହିଳାଜଣକ ଫୋନରେ ଅନ୍ୟ ଜଣେ ମହିଳାଙ୍କ ଟ୍ରାନ୍ସଫର ପାଇଁ ମନ୍ତ୍ରୀଙ୍କ ସମ୍ମୁଖରେ କଥା ରଖିଥିବା ବେଳେ ଏଥିପାଇଁ ଟଙ୍କା ବି ଆଣିଥିବା କହିଥିଲେ । ଏପରିକି ଖୁବ୍ ଶୀଘ୍ର ଦେଖା କରି ମନ୍ତ୍ରୀଙ୍କୁ ଉକ୍ତ ଟଙ୍କା ଦେବାକୁ ବି ସେ କହିଥିଲେ । ମାତ୍ର ଏହା ପୂର୍ବରୁ ଟ୍ରାନ୍ସଫର ହୋଇଯିବ ବୋଲି ବି ମନ୍ତ୍ରୀଜଣକ ଅଭୟବାଣୀ ଶୁଣାଇଦେଲେ । ଏପରି ସମୟରେ କେବେ ବି ହାତ ନ ଛାଡ଼ିବାକୁ ମହିଳାଜଣକ ମନ୍ତ୍ରୀଙ୍କୁ କହୁଥିବା ବେଳେ ମନ୍ତ୍ରୀ ବି ଖୁବ୍ ଭାବୁକ ହୋଇ ଯାଉଥିବା ଶୁଣିବାକୁ ମିଳୁଛି ।

## ମ.ପ୍ରଦେଶରେ ପ୍ରାକ୍ ନିର୍ବାଚନ ହିଂସା

# ବ୍ୟାନର, ପତାକାକୁ ନେଇ ଫୁଟିଲା ଗୁଳି

**ଭୋପାଳ:** ମଧ୍ୟପ୍ରଦେଶ ନିର୍ବାଚନ ପାଖେଇ ଆସିଲାଣି । ଆଉ ମାତ୍ର ଦୁଇ ଦିନ ପରେ ଏଠାରେ ପଡିବ ଭୋଟ୍ । ତେବେ ଏହା ପୂର୍ବରୁ ଏଠି ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି । ମଧ୍ୟପ୍ରଦେଶ ଗ୍ୱାଲିଅରର ଶଙ୍କରପୁର ଗାଁରେ ବିଳମ୍ବିତ ରାତିରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି । ପତକା ଲଗାଇବାକୁ ନେଇ ଉପୁଜିଥିବା ବିବାଦ ହିଂସାର ରୂପ ନେଇଛି । ପ୍ରଥମେ ଲାଠି ମାଡ ଓ ପରେ ପରସ୍ପର ଉପରକୁ ପଥର ଫିଙ୍ଗାଫିଙ୍ଗି ହୋଇଛନ୍ତି ଦୁଇ ଗୋଷ୍ଠୀ । କେବଳ ସେତିକି ନୁହେଁ ଗୁଳି ମାଡ଼ ମଧ୍ୟ ହୋଇଛି । ଏଥିରେ ଅନେକ ଲୋକ ଆହତ ହୋଇଛନ୍ତି । ଘଟଣା ପରେ ପୂରା ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି । ଏହି ଅଞ୍ଚଳ ଗ୍ୱାଲିଅର ଗ୍ରାମୀଣ ବିଧାନସଭା ନିର୍ବାଚନମଣ୍ଡଳୀରେ ପଡେ । ଯେଉଁଠାରେ ପତାକା, ବ୍ୟାନର ଏବଂ ପୋଷ୍ଟର ଲଗାଇବାକୁ ନେଇ କଂଗ୍ରେସ ଏବଂ ବିଜେପି ପ୍ରାର୍ଥୀଙ୍କ ସମର୍ଥକଙ୍କ ମଧ୍ୟରେ ଝଗଡା ହୋଇଥିଲା । ଏହାପରେ ଘଟଣାସ୍ଥଳରେ ଉଭୟ ପକ୍ଷର ବହୁ ସଂଖ୍ୟାରେ ଲୋକେ ଏକାଠି ହୋଇଥିଲେ । ଏଥିରେ ମାରପିଟ୍ ପରେ ଗୁଳିମାଡ଼ ହୋଇଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଦୁଇ ଗୋଷ୍ଠୀ ଥାନାରେ ପହଞ୍ଚିଥିଲେ । ଥାନାରେ ପହଞ୍ଚିବା ପରେ ମଧ୍ୟ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା । ଏଫ୍ଆଇଆର୍ ରୁଜୁ କରିବାକୁ ଉଭୟ କଂଗ୍ରେସ ଓ ବଜେପି ସମର୍ଥକ ଅଡି ବସିଥିଲେ । ପରେ ପୁଲିସ ଏମାନଙ୍କୁ ବୁଝାସୁଝା କରିଥିଲା । ଏହି ହିଂସା ଯୋଗୁ ଆହତ ହୋଇଥିବା ଲୋକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଏହି ନିର୍ବାଚନୀ ହିଂସାରେ ଆହତ ହୋଇଥିବା ସଚିନ ଗୁର୍ଜର କହିଛନ୍ତି, ତାଙ୍କ ଜେଜେ ବାପାଙ୍କ ମୃତ୍ୟୁ ହୋଇଥିଲା । ତାଙ୍କ ଅନ୍ତିମ ସଂସ୍କାର କରିବାକୁ ସେ ବଜାରକୁ କିଛି ଜିନିଷ କିଣିବାକୁ ଯାଇଥିଲେ । ଫେରିବା ବେଳେ ରାସ୍ତାରେ ଏକ ଦୋକାନ ବାହାରେ କୁଶୱାହ ସମାଜର କିଛି ଲୋକେ ବସିଥିଲେ । ସେମାନେ ଦେଖିବା ମାତ୍ରେ ଗାଳିଗୁଲଜ କରିଥିଲେ ଏବଂ ମାରପିଟ୍ କରିବା ଆରମ୍ଭ କରିଦେଇଥିଲେ । ଗୁଳିମାଡ଼ ସହ ଲାଠିରେ ଆକ୍ରମଣ କରିଥିବା ସଚିନ କହିଛନ୍ତି ।



ସୂଚନା ମୁତାବକ, ଆସନ୍ତା ୧୭ ତାରିଖରେ ମଧ୍ୟପ୍ରଦେଶ ନିର୍ବାଚନ ହେବ । ମଧ୍ୟପ୍ରଦେଶ ସରକାରଙ୍କ ଉଦ୍ୟାନ କୃଷି ମନ୍ତ୍ରୀ ଭାରତ ସିଂ କୁଶୱାହା ଗ୍ୱାଲିଅର ଗ୍ରାମାଞ୍ଚଳରେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଅଛନ୍ତି । ସେ ଲଗାତାର ଏହି ଆସନରୁ ଦୁଇଟି ନିର୍ବାଚନରେ ବିଜୟୀ ହୋଇଛନ୍ତି । ଏଥର ସେ ତୃତୀୟ ଥର ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।ସେହିପରି କଂଗ୍ରେସ ତରଫରୁ ଗୁଜର୍ ସମାଜର ସାହବ ସିଂହ ଗୁଜର୍ କ୍ରମାଗତ ଦ୍ୱିତୀୟ ଥର ତାଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ୨୦୧୮ ରେ ସାହେବ ସିଂହ କଂଗ୍ରେସ ବିରୋଧରେ ବିଦ୍ରୋହ କରିଥିଲେ ଏବଂ ବିଏସପିରୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ଅଳ୍ପ ବ୍ୟବଧାନରେ ହାରିଥିଲେ । ଏଥର ସେ କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

# ରାଜସ୍ଥାନରେ କଂଗ୍ରେସ ପ୍ରାର୍ଥୀଙ୍କ ପରଲୋକ

**ଜୟପୁର:** ରାଜସ୍ଥାନ ବିଧାନସଭା ନିର୍ବାଚନରେ ଶ୍ରୀଗଙ୍ଗାନଗର ଜିଲ୍ଲାର କରଣପୁରରୁ କଂଗ୍ରେସ ପ୍ରାର୍ଥୀ ଥିବା ଗୁରମିତ ସିଂହ କୁନ୍ନରଙ୍କ ପରଲୋକ ହୋଇଛି । ସୂଚନାଯୋଗ୍ୟ, ଅନେକ ଦିନ ହେବ ଗୁରୁମିତଙ୍କ କିଡନିରେ ଅସୁବିଧା ରହିଥିଲା । ଏହି କାରଣରୁ ସେ ଅସୁସ୍ଥ ହୋଇପଡ଼ିଥିଲେ । ତେବେ ନିର୍ବାଚନ ପ୍ରଚାର ସମୟରେ ହଠାତ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା । ଏହାପରେ ତାଙ୍କୁ ଗତ ନଭେମ୍ବର ୧୨ ତାରିଖରେ ଚିକିତ୍ସା ପାଇଁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ତାଙ୍କର ପରଲୋକ ହୋଇଥିବା ସୂଚନା ମିଳିଛି । ଗୁରମିତଙ୍କ ପରଲୋକ ପରେ କଂଗ୍ରେସକୁ ଏକ ପ୍ରକାର ଝଟକା ଲାଗିଛି । ଗୁରୁମିତ ଶ୍ରୀଗଙ୍ଗାନଗରର କରଣପୁର ବିଧାୟକ ଓ କଂଗ୍ରେସ ପ୍ରାର୍ଥୀ ରହିଥିଲେ । ସେ ନିଜ ନିର୍ବାଚନ ମଣ୍ଡଳୀରେ ବିକାଶ କାର୍ଯ୍ୟ ପାଇଁ ସବୁବେଳେ ପ୍ରୟାସ କରୁଥିଲେ । କୁନ୍ନରଙ୍କ ନିଧନ କଂଗ୍ରେସ ପାର୍ଟି ଏବଂ ରାଜସ୍ଥାନ ରାଜନୀତି ପାଇଁ ଅପୂରଣୀୟ କ୍ଷତି ବୋଲି କୁହାଯାଉଛି । ୨୦୨୩ରେ ବିଧାନସଭା ନିର୍ବାଚନ ପାଇଁ ଗୁରମିତ କଂଗ୍ରେସ ପ୍ରାର୍ଥୀ ଭାବେ ନଭେମ୍ବର ୪ ତାରିଖରେ ନାମାଙ୍କନ ପତ୍ର ଦାଖଲ କରିଥିଲେ । ନିର୍ବାଚନରେ ଗୁରମିତଙ୍କ ମୁକାବିଲା ଭାଜପା ପ୍ରାର୍ଥୀ ସୁରେନ୍ଦ୍ର ପାଲ ସିଂହ ଟିଟିଙ୍କ ସହିତ ହୋଇଥାଆନ୍ତା ।

ଦ୍ୱାଦଶଶ୍ରେଣୀ ଯାଏଁ ପାଠପଢ଼ିଥିବା ଗୁରମିତ ସିଂହ ପ୍ରଥମଥର ୧୯୯୮ରେ କଂଗ୍ରେସ ଟିକେଟ ପାଇ ବିଜୟ ହାସଲ କରି ବିଧାନସଭାରେ ପହଞ୍ଚିଥିଲେ । ଏହାପରେ ୨୦୦୮ରେ ସେ ନିର୍ଦ୍ଦଳୀୟ ଭାବେ ବିଜୟ ହୋଇ ୨୦୧୮ରେ ପୁଣିଥିରେ କଂଗ୍ରେସ ଟିକେଟରେ ନିର୍ବାଚନ ଜିତିଥିଲେ । ଗୁରୁମିତଙ୍କୁ ଚଳିତଥର ବିଧାନସଭା ନିର୍ବାଚନରେ କଂଗ୍ରେସ ପୁଣିଥରେ ତାଙ୍କ ପ୍ରାର୍ଥୀ କରିଥିଲା । କିନ୍ତୁ ଦୁଃଖର ବିଷୟ ନିର୍ବାଚନ ମଇଦାନକୁ ଓହ୍ଲାଇବା ପୂର୍ବରୁ ଗୁରୁମିତ ପରପାରିକୁ ଚାଲିଯାଇଛନ୍ତି । ଏହି ଦୁଃଖଦ ଘଟଣାର ଖବର ପାଇବା ପରେ ପାର୍ଟିର ବରିଷ୍ଠ ବିଧାୟକ କୁନ୍ନରଙ୍କ ପରଲୋକରେ ଅଶୋକ ଗେହଲଟ ଟ୍ୱିଟ୍ କରି ଶୋକ ବ୍ୟକ୍ତ କରିଛନ୍ତି ।






Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor-Satakadi Hota, ମୁଖ୍ୟ ସମ୍ପାଦକ : ସାତକଡ଼ି ହୋତା